# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୨୫/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 25/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୧୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 179 | ମୂଲ୍ୟ₹୭/-





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ମେ ୨୫/୨୦୨୫ | Bhubaneswar, Sunday, May 25/2025 | ପୃଷ୍ଠା-୧




**ବୀରେନ୍ଦ୍ର ସହକାରୀ କୋଚ୍**

ଭାରତୀୟ ଜୁନିୟର ପୁରୁଷ ଦଳର ସହକାରୀ କୋଚ୍ ଭାବେ ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା।

୧୨

୦୮

**କାନ୍ସ ରେଡ୍ କାର୍ପେଟରେ ଆଲିଆଙ୍କ ଡେବ୍ୟୁ**

କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଡେବ୍ୟୁ କରିଛନ୍ତି।






ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ ନୀତି ଆୟୋଗର ୧୦ମ ଗଭର୍ନିଂ କାଉନ୍ସିଲ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀବୃନ୍ଦ ଏବଂ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ। **(ଫଟୋ: ଚମନ ଗୌତମ)**

## ୮.୨୫% ଇପିଏଫ୍ ସୁଧହାରକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୪।୫(ପି.ଟି.)**

କେନ୍ଦ୍ର ସରକାର ୨୦୨୫ ଆର୍ଥିକ ବର୍ଷ ପାଇଁ କର୍ମଚାରୀ ଭବିଷ୍ୟ ନିଧି (ଇପିଏଫ୍) ଜମା ଉପରେ ୮.୨୫ ପ୍ରତିଶତ ସୁଧହାରକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷର ସୁଧହାରକୁ ଚଳିତ ଆର୍ଥିକ ବର୍ଷରେ କାଏମ ରଖିବା ପାଇଁ ଗତ ଫେବୃଆରୀ ୨୮ରେ ଇପିଏଫ୍‌ଓ ନିଷ୍ପତ୍ତି ନେଇଥିଲା। ଏହାକୁ ମଞ୍ଜୁର କରିବା ପାଇଁ ଅର୍ଥ ମନ୍ତ୍ରଣାଳୟକୁ ପଠାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୮.୨୫% ଇପିଏଫ୍ ସୁଧହାରକୁ ସ୍ୱୀକୃତି ଦେବା ପରେ ଶ୍ରମ ମନ୍ତ୍ରଣାଳୟ ଏହାକୁ ଇପିଏଫ୍‌ଓ ନିକଟକୁ ପଠାଇଦେଇଛି। ☞ପୃଷ୍ଠା-୨

## ଅଭିନେତା ମୁକୁଲ ଦେବଙ୍କ ପରଲୋକ



**ମୁମ୍ବାଇ,୨୪।୫**

'ସନ୍ ଅଫ୍ ସର୍ଦ୍ଦାର', 'ୟାମଲା ପାଗଲା ଦିୱାନା' ଏବଂ 'ଜୟ ହୋ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମୁକୁଲଙ୍କ ପରଲୋକ ଘଟିଥିବା ନେଇ ତାଙ୍କ ଭାଇ ରାହୁଲ ଦେବ ଏବଂ ଘନିଷ୍ଠ ବନ୍ଧୁ ବିନ୍ଦୁ ଦାରା ସିଂ ସୂଚନା ଦେଇଛନ୍ତି। ସେ ୮ରୁ ୧୦ ଦିନ ଧରି ଅସୁସ୍ଥ ଥିଲେ। ପୂର୍ବତନ ମଡେଲ ମୁକୁଲ ୧୯୯୬ରେ ବଲିଉଡ୍ ଚଳଚ୍ଚିତ୍ର 'ଦସ୍ତକ'ରେ ପ୍ରଥମେ ଅଭିନୟ କରିଥିଲେ। ସେ ହିନ୍ଦୀ, ପଞ୍ଜାବୀ, ବେଙ୍ଗଲୀ ଓ ତେଲୁଗୁ ଫିଲ୍ମରେ ଖଳନାୟକ ଓ ପାର୍ଶ୍ୱ ଅଭିନେତା ଭୂମିକାରେ ଦେଖାଦେଇଥାନ୍ତି। ତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟରେ ରହିଛି ଅଜୟ ଦେବଗନ୍‌ଙ୍କ 'ସନ୍ ଅଫ୍ ସର୍ଦ୍ଦାର', ସଲ୍‌ମାନ ଖାନ୍‌ଙ୍କ ଅଭିନୀତ ଜୟ ହୋ ଏବଂ ଧର୍ମେନ୍ଦ୍ର, ସନି ଦେଓଲ ଓ ବବି ଦେଓଲ୍ ଅଭିନୀତ ୟାମ୍‌ଲା ପାଗଲା ଦିୱାନା, କୋହରାମ, ୱାର ଛୋଡ୍ ନା ୟାର। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧୀନତା**

# ଦେଶ ବିକାଶର ଇଞ୍ଜିନ୍ ହେବ ଓଡ଼ିଶା

**ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମାଝୀ**

- **ରାଜ୍ୟର ୬ ସହରାଞ୍ଚଳକୁ ନେଇ ପ୍ରତିଷ୍ଠା ହେବ ମେଟ୍ରୋପଲିଟାନ୍ ରିଜିଅନ୍**
- **୨୦୩୬ ସୁଦ୍ଧା ୫୦୦ ବିଲିୟନ୍, ୨୦୪୭ ବେଳକୁ ୧.୫ ଟ୍ରିଲିୟନ୍ ଅର୍ଥନୀତି ଲକ୍ଷ୍ୟ**
- **ଜୁନ୍ ୧୨ରେ ଉନ୍ମୋଚିତ ହେବ ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ'**
- **୫ ବର୍ଷରେ ଖାଲି ପଦବୀ ପୂରଣ ପାଇଁ ୧.୫ ଲକ୍ଷ ନିଯୁକ୍ତି**

**ଓଡ଼ିଶା ଭାରତର ବିକାଶରେ ଇଞ୍ଜିନ୍ ପାଲଟିବ ବୋଲି ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟର ୬ ସହର ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ଜଟଣୀ ଓ ପାରାଦୀପକୁ ନେଇ ମେଟ୍ରୋପଲିଟାନ୍ ରିଜିଅନ୍ କରାଯିବାର ପ୍ରସ୍ତାବ ରହିଥିବା ନେଇ ମୁଖ୍ୟମନ୍ତ୍ରୀ ବୈଠକରେ ତଥ୍ୟ ଉପସ୍ଥାପନ କରିଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଓଡ଼ିଶାବାସୀଙ୍କ ଲକ୍ଷ୍ୟ ରହିଥିବା ବିଷୟ କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ରାଜ୍ୟ ପ୍ରତି ଥିବା ସହଯୋଗ ଓ ସଦିଚ୍ଛା କଥା ମୁଖ୍ୟମନ୍ତ୍ରୀ ମାଝୀ ଦୋହରାଇଛନ୍ତି।**

**ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ସୁନିତ୍ ମିଶ୍ର),୨୪।୫**

ଓଡ଼ିଶା ଆଗାମୀ ୧୫ ବର୍ଷରେ ଦେଶ ବିକାଶର ଗ୍ରୋଥ୍ ଇଞ୍ଜିନ୍ ହେବାକୁ ଯାଉଛି। ଏଥିସକାଶେ ଆସନ୍ତା ଜୁନ୍ ୧୨ରେ ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ' ଉନ୍ମୋଚନ କରାଯିବ। ଓଡ଼ିଶା ସରକାର ରାଜ୍ୟର ୬ଟି ସହରାଞ୍ଚଳକୁ ଏକ ମେଟ୍ରୋପଲିଟାନ୍ ରିଜିଅନ୍ ରୂପେ ବିକଶିତ କରିବା ପାଇଁ ଯୋଜନା କରିଛନ୍ତି। ପ୍ରସ୍ତାବିତ ମେଟ୍ରୋପଲିଟାନ୍ ରିଜିଅନ୍ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ଜଟଣୀ, ପାରାଦୀପକୁ ନେଇ ପ୍ରତିଷ୍ଠା କରାଯିବ, ଯାହାକି ୭,୦୦୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳ ଉପରେ ପରିବ୍ୟାପ୍ତ ରହିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେହିପରି ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରହିଥିବା ବିଷୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ନୀତି ଆୟୋଗର ଦଶମ ଗଭର୍ନିଂ କାଉନ୍ସିଲ ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କେନ୍ଦ୍ର ନିକଟରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକୁ ଉପସ୍ଥାପନ କରି କହିଛନ୍ତି, ବର୍ତ୍ତମାନ ରାଜ୍ୟର ସହରୀକରଣ ସ୍ତର ୧୭% ରହିଛି। ରାଜ୍ୟ ସରକାର ଏହାକୁ ୨୦୩୬ ସୁଦ୍ଧା ୪୦% ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ୍ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ବେଳେ ଓଡ଼ିଶାର ସମ୍ପୂର୍ଣ୍ଣ ସହରୀକରଣ ହୋଇସାରିଥିବ। କେବଳ ଏତିକି ନୁହେଁ, ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଓଡ଼ିଶାବାସୀଙ୍କ ଲକ୍ଷ୍ୟ ରହିଛି। ଆମ ରାଜ୍ୟ ଆଗାମୀ ୨୫ ବର୍ଷରେ ଦେଶ ବିକାଶ ଯାତ୍ରାର ଗ୍ରୋଥ ଇଞ୍ଜିନ୍ ହେବାକୁ ଯାଉଛି। ୨୦୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରାଯିବ। ଏଥିସକାଶେ ରାଜ୍ୟ ସରକାର ଏକ 'ଭିଜନ୍ ଡକ୍ୟୁମେଣ୍ଟ' ପ୍ରସ୍ତୁତ କରିଛନ୍ତି। ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ' ଏକ ବିସ୍ତୃତ, କାର୍ଯ୍ୟକାରୀଯୋଗ୍ୟ ଓ ସମାବେଶୀ ରିପୋର୍ଟ। ଅନ୍‌ଲାଇନ୍ ଜରିଆରେ ସଂଗୃହୀତ ୩,୨୦,୦୦୦ ଲୋକଙ୍କ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟ ଜୁନ୍ ୧୨ରେ ଓଡ଼ିଶାରେ ଭାଜପା ସରକାର ☞ପୃଷ୍ଠା-୨

## ସୁନ୍ଦରଗଡ଼ ଖଣି ଦୁର୍ନୀତିର ତଦନ୍ତ ଆରମ୍ଭ କଲା ଏସ୍ଆଇଟି

**ଭୁବନେଶ୍ୱର,୨୪।୫ (ସୁନିତ୍ ମିଶ୍ର)**

ସୁନ୍ଦରଗଡ଼ ଖଣି ଦୁର୍ନୀତି ଘଟଣାରେ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ନିର୍ଦ୍ଦେଶ ଦେବା ସହ ଏସ୍ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲଙ୍କ ଅଧ୍ୟକ୍ଷତାରେ ଗଠିତ ୮ ଜଣିଆ ଏସ୍ଆଇଟି ଶନିବାର ଘଟଣାର ତଦନ୍ତ ଆରମ୍ଭ କରିଛି। ଉକ୍ତ ଟିମ୍‌ରେ ଡିଏସ୍‌ପି ଓ ଇନ୍ସପେକ୍ଟର ର୍‍ୟାଙ୍କର ଅଫିସର୍‌ଙ୍କୁ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ କିଛି ତଥ୍ୟ ହସ୍ତଗତ ହୋଇଥିବା କୌଶଲ ସୂଚନା ଦେଇଛନ୍ତି। ଏହି ଟିମ୍ ସୁନ୍ଦରଗଡ଼ ଜିଲାର ହେମଗିର ଏବଂ କୋଇଡ଼ା ତହସିଲର ବେଆଇନ ଖଣି କାରବାରର ତଦନ୍ତ କରିବେ।

ଉକ୍ତ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଖଣି ଦୁର୍ନୀତିରେ କାର୍ଯ୍ୟାନୁଷ୍ଠାନ ଏବଂ ତଦନ୍ତ ନିମନ୍ତେ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଭିଜିଲାନ୍ସ ବିଭାଗ ଏସ୍ଆଇଟି ମଧ୍ୟ ଗଠନ କରିସାରିଛି। ଏହି ଘଟଣାର ☞ପୃଷ୍ଠା-୨






## ଫରେଷ୍ଟ ଗାର୍ଡଙ୍କୁ ଗୁଳିକରି ହତ୍ୟା

- **ରାତିରେ ଶିକାରୀଙ୍କୁ ଧରିବା ବେଳେ ଗୁଳି**
- **୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**
- **ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କାର ପାଇଥିଲେ**

**ଚଳିତବର୍ଷ ରାଜ୍ୟର ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ନିଜିଗଡ଼ ସେକ୍ସନର ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଶିକାରୀ। ଶୁକ୍ରବାର ବିଳମ୍ବିତ ରାତିରେ କୋଇ ସଂରକ୍ଷିତ ଜଙ୍ଗଲର ତର୍ଣ୍ଣିଚିରା ଗ୍ରାମ ପାଖରେ ଶିକାରୀମାନେ ଘଟାଇଛନ୍ତି ଏହି ବର୍ବରକାଣ୍ଡ। ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ଶିକାରୀଙ୍କୁ ଧରିବା ବେଳେ ସେମାନଙ୍କ ଗୁଳିର ଶିକାର ହୋଇଛନ୍ତି ପ୍ରହ୍ଲାଦ। ଏହି ଘଟଣା ଚାଞ୍ଚଲ୍ୟ ଖେଳାଇଦେଇଥିବା ବେଳେ ଶିକାରୀଙ୍କୁ ଦୃଢ଼ ଭାବରେ ଦମନ କରାଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।**



ପ୍ରହ୍ଲାଦ ପ୍ରଧାନ

**ଢେଙ୍କାନାଳ(ରତନ ନାୟାର)/ କାମାକ୍ଷାନଗର (ସୁଧୀର ପରିଡ଼ା),୨୪।୫:**

ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନ ଶୁକ୍ରବାର ରାତିରେ ନିଜ କାର୍ଯ୍ୟ ସାରି ହିନ୍ଦୋଳ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ସରକାରୀ ବାସଭବନକୁ ଯାଇଥିଲେ। ଏହି ସମୟରେ କୋଇ ସଂରକ୍ଷିତ ଜଙ୍ଗଲ ନିକଟ ତର୍ଣ୍ଣିଚିରା ଗ୍ରାମ ପାଖରେ କେତେଜଣ ଶିକାରୀ ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ତାଙ୍କୁ ଖବର ମିଳିଥିଲା। ସେ ତୁରନ୍ତ କେତେଜଣ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟଙ୍କୁ ନେଇ ପାଟ୍ରୋଲିଂ ଜିପ୍‌ରେ ଜଙ୍ଗଲକୁ ବାହାରି ଯାଇଥିଲେ। ରାଜମୋହନପୁରଠାରେ ଗାଡ଼ି ରଖି ଚାଲିଚାଲି କାଜୁ ଜଙ୍ଗଲ ନିକଟରେ ପହଞ୍ଚିଥିଲେ। ଜଙ୍ଗଲର ଏକ ଚାଳଘରେ ଶିକାରୀମାନେ ଥିବା ଜାଣିବା ମାତ୍ରେ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସେମାନଙ୍କୁ ଘେରାଉ କରିଥିଲେ। ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ଘର ଭିତରକୁ ପ୍ରବେଶ କରିବା ପରେ ଶିକାରୀମାନଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଶିକାରୀମାନେ ତାଙ୍କ ଉପରକୁ ଅତର୍କିତ ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ୪ଜଣ ବନ କର୍ମଚାରୀ ତାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ☞ପୃଷ୍ଠା-୨






## କେରଳ ଛୁଇଁଲା ମୌସୁମୀ

**ନୂଆଦିଲ୍ଲୀ,୨୪।୫(ପି.ଟି.)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର କେରଳ ଛୁଇଁଛି। ଦୀର୍ଘ ୧୬ ବର୍ଷ ପରେ ପ୍ରଥମ ଥର ପାଇଁ ମୌସୁମୀ ସ୍ୱାଭାବିକ ସମୟଠାରୁ ୮ ଦିନ ପୂର୍ବରୁ ଭାରତର ମୁଖ୍ୟ ଭୂଖଣ୍ଡରେ ପହଞ୍ଚିଛି। ଏହା ପୂର୍ବରୁ ୨୦୦୯ରେ ମୌସୁମୀ ମେ' ୨୩ରେ କେରଳ ଛୁଇଁଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ମୌସୁମୀ ପ୍ରଭାବରେ କେରଳର ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ଲାଗିରହିଥିବାବେଳେ ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡ଼ିଛି। ବର୍ଷା ଲାଗିରହିଥିବାରୁ ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ୪୫ରୁ ସର୍ବାଧିକ ୫୫ କିଲୋମିଟର ବେଗରେ ପ୍ରବଳ ବହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା।

ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳରେ ପହଞ୍ଚିବା ପରେ ଜୁଲାଇ ୮ ସୁଦ୍ଧା ସମଗ୍ର ଦେଶରେ ପହଞ୍ଚିଥାଏ। ସେପ୍ଟେମ୍ବର ୧୭ରୁ ଏହାର ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଥିବାବେଳେ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଗତବର୍ଷ ମୌସୁମୀ ମେ' ୩୦ରେ ପହଞ୍ଚିଥିବାବେଳେ ୨୦୨୩ରେ ଜୁନ୍ ୮ରେ, ୨୦୨୨ରେ ମେ' ୨୯ରେ, ୨୦୨୧ରେ ଜୁନ୍ ୩ରେ, ୨୦୨୦ରେ ☞ପୃଷ୍ଠା-୨

## ଗିଲ୍ ଭାରତୀୟ ଟେଷ୍ଟ ଦଳର ଅଧିନାୟକ

**ମୁମ୍ବାଇ,୨୪।୫(ପି.ଟି.)**

ଆସନ୍ତା ମାସରୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ କ୍ରିକେଟ୍ ଟେଷ୍ଟ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା ହୋଇଛି। ଏହି ଅବସରରେ ଯୁବ ଷ୍ଟାର ବ୍ୟାଟର ଶୁବମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ନିଯୁକ୍ତ କରାଯାଇଛି। ଉଇକେଟ କିପର ରିଷଭ ପନ୍ତଙ୍କୁ ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଛି। ୨୫ ବର୍ଷୀୟ ଗିଲ୍ ଭାରତର ପଞ୍ଚମ ସର୍ବକନିଷ୍ଠ ଟେଷ୍ଟ ଅଧିନାୟକ। କମ୍ ବୟସରେ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଇଥିବା ଖେଳାଳିଙ୍କ ତାଲିକାରେ ମନସୁର ଅଲୀ ଖାନ ପଟୌଦି (୨୧), ସଚିନ ତେନ୍ଦୁଲକର (୨୩), କପିଳ ଦେବ (୨୪) ଓ ରବି ଶାସ୍ତ୍ରୀ (୨୫) ରହିଛନ୍ତି। ଘୋଷିତ ଭାରତୀୟ ଦଳରୁ ସିନିୟର ପେସର ମହମ୍ମଦ ଶାମି ବାଦ୍ ପଡ଼ିଥିବା ବେଳେ ନୂଆ ମୁହଁ ଭାବେ ଅର୍ଶଦୀପ ସିଂ ଓ ବି ସାଇ ସୁଦର୍ଶନ ସ୍ଥାନ ପାଇଛନ୍ତି। ଗତ ଘରୋଇ କ୍ରିକେଟ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଭିମନ୍ୟୁ ଈଶ୍ୱରନ ଓ କରୁନ ନାୟର ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ନାୟର ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଦଳକୁ ଫେରୁଛନ୍ତି।



ଶୁବମନ ଗିଲ୍



ରିଷଭ ପନ୍ତ


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-27: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା26.05.2025ରିଖ** ଦିନ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ସରକାରୀ ଅବକାଶ ଘୋଷିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0126/2526

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ ପାଖ, ସମୟ: ସକାଳ ୯ଟା।
- ଶୁଖିଲା ଅଳିଆ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦ୍‌ଘାଟନ, ସ୍ଥାନ: ପଲାଶୁଣୀ, ସମୟ: ସକାଳ ୯ଟା।
- ଏମ୍‌ଡି କ୍ରିଏଶନ୍‌ସ ଆଣ୍ଡ ଗ୍ରୁପ ପକ୍ଷରୁ କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରୋଟାରୀ ଭବନ, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଗିରିଜା ମେଧା ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍‌-୯, ସମୟ: ପୂର୍ବାହ୍ନ ୧୧ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ‘ସମର୍ପଣ’, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ହିମାଂଶୁ ପରିଡ଼ାଙ୍କ ପୁସ୍ତକ ‘କବିତା ଗଠନର କଳା’ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ ‘ଏକ ଭିନ୍ନ ନିଷ୍ପତ୍ତି’, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- ବୀରେନ୍ ମିତ୍ର ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୪୭ତମ ଶ୍ରାଦ୍ଧବାର୍ଷିକ, ସ୍ଥାନ: ଷ୍ଟୁଆର୍ଟ ସ୍କୁଲ ସମ୍ମୁଖ ପ୍ରତିମୂର୍ତ୍ତି ପରିସର, ସମୟ: ସକାଳ ୯ଟା।
- ଜାତୀୟ ପୁରସ୍କାରପ୍ରାପ୍ତ ଦେବେନ୍ଦ୍ର ସୁତାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଏସ୍‌ଏନ୍ ସିରକାର ସ୍ମାରକୀ ହଲ, ଯୋବ୍ରା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଦୁର୍ଗା ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଚାରବାଟିଆ ଜଗନ୍ନାଥ ମନ୍ଦିର ପରିସର, ଚୌଦ୍ୱାର ସମୟ: ଅପରାହ୍ନ ୪ଟା।
- ଅଲିଶାବଜାର ଏଜୁକେଡେଟ୍ ଲେନସ୍ଥିତ ଦାସ ଟ୍ୟୁଟୋରିଆଲର ବାର୍ଷିକୋତ୍ସବ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୬ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାରତୀୟ ଗଣନାଟ୍ୟ ସଂଘ ଜନସଂସ୍କୃତି ଦିବସ ଉପଲକ୍ଷେ ମଞ୍ଚସ୍ଥ କରିବ ନାଟକ କ୍ଷତାକ୍ତ ଅପରାହ୍ନ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ୩୨ ବେଶରେ ମହାପ୍ରଭୁଙ୍କ ଯଜ୍ଞ ହୂତି, ସନ୍ଧ୍ୟାରେ ମହା ଆଳତି ଓ ଧାର୍ମିକ ପ୍ରବଚନ, ସ୍ଥାନ: ନିଶନପୁର ଶଙ୍କରନାଥ ଜୀଉ ମନ୍ଦିର, ଭୋଗରାଇ, ସମୟ: ସକାଳ ୭ଟାରୁ ରାତି ପର୍ଯ୍ୟନ୍ତ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଷଷ୍ଠ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ ଉପଲକ୍ଷେ ସମ୍ପର୍କର ସଙ୍ଗମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- କ୍ରିକେଟ ତାଲିମ ଶିବିର, ସ୍ଥାନ: ଚରମ୍ପା ରେଲୱେ ଗ୍ରାଉଣ୍ଡ, ଭଦ୍ରକ, ସମୟ: ସକାଳ ୭ଟା।
- ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ‘କିଶୋର ସ୍ୱାକ୍ଷର’ର ରୌପ୍ୟ ଜୟନ୍ତୀ, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କବିତା ଆସର, ସ୍ଥାନ: ନରିପୁରସ୍ଥିତ ସାଳନ୍ଦୀ ଆବାସିକ ମହାବିଦ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ରାଧାକୃଷ୍ଣଙ୍କ ଷୋହଳ ପ୍ରହରୀ ନାମଯଜ୍ଞର ଦଧିଭଞ୍ଜନ ଓ ପ୍ରସାଦ ସେବନ, ସ୍ଥାନ: ନହରପଦା ୧୬ନଂ. ୱାର୍ଡ, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା ୩୦।

## ଗଞ୍ଜାମ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କରଚୁଲି ବୁଗୁଡା ବ୍ଲକ୍, ସମୟ: ସକାଳ ୮ ଟା।
- ମା’ ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭାରମ୍ଭ, ସ୍ଥାନ: ଚୁଡୁଙ୍ଗପୁର ଭାୟା କରପଡ଼ା, ସମୟ:ସନ୍ଧ୍ୟା ୭ ଟା।

## ଗଜପତି

- ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତିସୌଧରେ ମାଲ୍ୟାର୍ପଣ, ସ୍ଥାନ: ପାରଳାଖେମୁଣ୍ଡି, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଆଇଟିଏସ୍ ପକ୍ଷରୁ ଏ ୱାନ ସମ୍ମାନ, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ସକାଳ ୯ଟା।

## ଯାଜପୁର

- ଅଲଓଡିଶା ପେଟ୍ରୋଲ ପମ୍ପ ମାଲିକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ ନନ୍ଦରାମ ବାଟିକା, ସମୟ: ସକାଳ ୮ଟା।
- ଜୟ ଜଗନ୍ନାଥ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ସିଏଚ୍‌ସି ରକ୍ତ ଭଣ୍ଡାର ପରିସର, ସମୟ: ସକାଳ ୮ଟା।

## ନୟାଗଡ଼

- ଶିବ ଚତୁର୍ଦ୍ଦଶୀ ଅବସରରେ ନୀଳମାଧବକଙ୍କ ବେଢ଼ା ପରିକ୍ରମା, ସ୍ଥାନ: କଣ୍ଟିଲୋ ନୀଳମାଧବକ ମନ୍ଦିର, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ

- ପ୍ରଧାନମନ୍ତ୍ରୀଙ୍କ ଭର୍ଚୁଆଲ୍ ମାଧ୍ୟମରେ ମନ୍ କି ବାତ୍, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଅମଲା ସଂଘ, ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ କମିଟି ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ସାଓଲିନ କୁଙ୍ଗ ଫୁ ଉଶୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଶୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ବିନାଖଣ୍ଡି ସ୍ଥିତ ଜିଲ୍ଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲ୍ଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଜିଲ୍ଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ: ସକାଳ ୭ଟା।
- ରେଲୱେ ଓଭର ବ୍ରିଜର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି, ସମୟ: ସକାଳ ୯ଟା।
- ଭୂମି ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୋଶାଳା ଛକ, ସମୟ: ସକାଳ ୯ଟା ୩୦।
- କଳମ ପରିବାର ଆୟୋଜନରେ ପୋଷ୍ଟକାର୍ଡରେ କବିତା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବୈଠକ, ସ୍ଥାନ: କୁମ୍ଭାରପଡା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ଶିବାହ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷୀପଡା ସ୍ଥିତ ପାର୍ବତୀଙ୍କ ପିତ୍ରାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହୀରାଖଣ୍ଡ ନାଗରିକ ପରିଷଦର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଗବେଷଣାତ୍ମକ ପୁସ୍ତକ ‘ଉଜାଣି ଝଞ୍ଜାବତୀ’ର ଲୋକାର୍ପଣ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଆର୍‌ଏସ୍‌ପି ଆୟୋଜିତ ପ୍ରଦର୍ଶନୀ ମେଳା, ସ୍ଥାନ: ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ, ସ୍ଥାନ: କୁଷ୍ଠ କଲୋନି, ମାଲଗୋଦାମ ସମୟ: ଅପରାହ୍ନ ୫ଟା ୩୦।
- ଡ୍ୟାନ୍ସ ଏଣ୍ଡ ଡ୍ରାମା ଫେଷ୍ଟିଭାଲ-୨୦୨୫, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ନନ୍ଦଗାଁ ଗୋଶାଳା ପକ୍ଷରୁ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।
- ମାସିକ ଆଲୋଚନା ସଭା,ସ୍ଥାନ: ଗାନ୍ଧି ସ୍ମୃତି ପାଠାଗାର, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୪୫।

## କଳାହାଣ୍ଡି

- ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ବୋରିଆ, ସମୟ: ସକାଳ ୮ଟା।
- ଆର୍‌ଏସ୍‌ଏସ୍‌ର ବାର୍ଷିକ ସଂଘ ଶିକ୍ଷାବର୍ଗ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ସକାଳ ୮ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର ୪ଟା।
- ଜିଲ୍ଲା କାର୍ଯ୍ୟକାରିଣୀ ଓ ଜାଗରଣ ବୈଠକ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ସଂଘର ବାର୍ଷିକ ମହାଅଧିବେଶନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଯୋଗାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ ବେଲରଦନା ଗାଁ ମୁରାପଡା, ସମୟ: ପ୍ରାତଃ ୪ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତର ଚାନ୍ଦୋପଲା ଗାଁ, ସମୟ: ସକାଳ ୮ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ଖରିଆରରୋଡ ଶ୍ରୀରାମ ମନ୍ଦିରଠାରୁ ନୂଆପଡ଼ା ସିରତୋଳ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ପ୍ରତ୍ୟେକ ପ୍ରତିବନ୍ଧକକୁ ପ୍ରତିହତ କରି କାର୍ଯ୍ୟ କରିବେ। ବନ୍ଧୁ ଗହଣରେ ସତ୍ୟଭାଷଣରୁ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହେବେ। ପରିବାରରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହିନପାରେ।

**ବୃଷ** ଆଜି କୃତ୍ତିକା ନକ୍ଷତ୍ର ଉଚ୍ଚ ସମ୍ମାନ, ସାମାଜିକ ପ୍ରତିଷ୍ଠା ସହ କର୍ମକ୍ଷେତ୍ର ଓ ରାଜନୈତିକ ସ୍ଥିତିକୁ ମଜଭୁତ କରିବେ। ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସାହସିକତାର ପରିଚୟ ଦେଇ ନିଜର ପ୍ରାଧାନ୍ୟ ବୃଦ୍ଧି କରିପାରନ୍ତି। ପୁନର୍ବସୁ ନକ୍ଷତ୍ରର ଭ୍ରାତୃ ସମ୍ପର୍କରେ ତିକ୍ତତା ସମାଧାନରେ ପଡ଼ୋଶୀ ସାହାଯ୍ୟ କରିବେ। ଆତ୍ମୀୟମାନେ ନିଜ ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି।

**କର୍କଟ** ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିପାରନ୍ତି। ଅଶ୍ଳେଷାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଗଚ୍ଛିତ ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ପାରିବାରିକ କ୍ଷେତ୍ରରେ ବନ୍ଧୁସମ୍ପର୍କ ଏବଂ ଆଜିର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବାର ସମ୍ଭାବନା ରହିଛି।

**ସିଂହ** ପରିବାରରେ ଅର୍ଥସଙ୍କଟ ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜିର କାମ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ନୂତନ ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ମଘା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ମାନସିକ ଅବସାଦ ଲାଗି ରହିବ।

**କନ୍ୟା** ବିଭିନ୍ନ ସମସ୍ୟାଜନିତ ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ। ନିର୍ଦ୍ଦିଷ୍ଟ ଜାଗାରେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ଆନୁଷ୍ଠାନିକ କାମରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ସମ୍ଭାବନା ରହିଛି। ସାଧାରଣ ତର୍କବିତର୍କିତ କଥାରେ ପ୍ରିୟ ବ୍ୟକ୍ତିଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା** ଆପଣଙ୍କ ପ୍ରତ୍ୟେକ ଉଦ୍ୟମ ବିଶୃଙ୍ଖଳିତ ରହିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କେତେକାଂଶରେ ସମସ୍ୟାର ସ୍ଥିତି ବଦଳି ଯାଇପାରେ। ମାନସିକ ଚାପ ବୃଦ୍ଧିଜନିତ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ। ଚିତ୍ରା ନକ୍ଷତ୍ରର ସହକର୍ମୀମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି।

**ବିଛା** ଅନୁରାଧା ନକ୍ଷତ୍ରର ଆର୍ଥିକ ସ୍ଥିତିରେ ଦୁରବସ୍ଥା ଗୁରୁତ୍ୱପୂର୍ଣ୍ଣ କାମ ସମୂହକୁ ଅଟକାଇ ଦେବ। ବିଜାତୀୟ ବନ୍ଧୁଙ୍କ ସହ ମିତ୍ରତା, ନୂଆ ସ୍ଥାନ ଭ୍ରମଣର ସୁଯୋଗ ମିଳିବ। ପ୍ରତ୍ୟେକ କାର୍ଯ୍ୟ ମନ୍ଥର ହେବାରୁ ସାମୟିକ ଅନୁଚିନ୍ତା କରିପାରନ୍ତି। ପ୍ରିୟ ବ୍ୟକ୍ତିଙ୍କ ଛଳନା ଓ ପ୍ରତାରଣା ପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇ ଯାଇପାରେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ କିଛିଟା ଲାଘବ ହେବାର ଅନୁଭବ କରିବେ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର, ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଯୋଗାଣ କାରବାର ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** ପାରିବାରିକ ବୁଝାମଣା, ଆର୍ଥିକ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟଲାଭରୁ ଖୁସି ରହିବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, କିନ୍ତୁ ପରିବହନରେ ଝଗଡ଼ାର ଆଶଙ୍କା ରହିଛି। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ସୂଚନା ପରିଲକ୍ଷିତ ହେବ। କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଆପଣଙ୍କ ଭୂମିକା ପ୍ରଶଂସନୀୟ ରହିବ।

**କୁମ୍ଭ** ଦୈହିକ, ମାନସିକ ଓ କର୍ମକ୍ଷେତ୍ର ପାଇଁ ଦିନଟି ଅନୁକୂଳ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, ସାହିତ୍ୟାଦିରୁ ସମ୍ମାନିତ ହେବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। କର୍ମକ୍ଷେତ୍ରରେ ସନ୍ଦେହାଚ୍ଛନ୍ନ ହୋଇ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ** ବନ୍ଧୁ ଆର୍ଥିକ ମାନଦଣ୍ଡକୁ ମଜଭୁତ କରିବା ସହ ପାରିବାରିକ ଜୀବନକୁ ସୁଖ, ସନ୍ତୋଷର ମାର୍ଗଦର୍ଶକ ହୋଇପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ସକାଶେ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ଦିଗରେ ମନୋନିବେଶ କରିପାରନ୍ତି।

ଆଜି ମେ ୨୫ ତାରିଖ, ଅନ୍ତର୍ଜାତୀୟ ନିଖୋଜ ଶିଶୁ ଦିବସ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଜୟନ୍ତୀ, ଗୁରୁ ଅର୍ଜୁନ ଦେବଙ୍କ ପୁଣ୍ୟ ଦିବସ, ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ରବିବାର। ରାଶିନକ୍ଷତ୍ର: ଦିବା ଘ.୧୧।୧୧.ମି.ରେ ବୃଷ/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬।୫୬ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୧ ଗତେ ଘ.୦୨।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪।୩୭ ଗତେ ଘ. ୦୬।୧୫ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାପ ଭାଇ ଥିଲେ କିସ କରିବେ ଲୋ,**
**ଖଣ୍ଡେ ବୋଝେ ସିନା ଦେବେ;**
**ପୋଷିଲା ସାଆନ୍ତ ମଉଡ଼ମଣି ଲୋ**
**କାଳେ କାଳେ ଟେକିଥିବେ।**

ଝିଅ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପ ଭାଇଙ୍କର ଚିନ୍ତା ସରିଯାଏ। କେତେବେଳେ କେମିତିଭଲ ମନ୍ଦରେ ସମୟ ସୁବିଧା ଦେଖି ପଚାରିବାକୁ ଆସନ୍ତି ନ ହେଲେ ନାହିଁ। କିନ୍ତୁ ଯାହାକୁ ସେ ବିଭା ହୋଇଥାଏ ସେହି ସ୍ୱାମୀ ସବୁବେଳେ ତା’ର ପାଖେ ପାଖେ ରହିଥାଏ। ଜୀବନର ସୁଖଦୁଃଖରେ ସବୁବେଳେ ତାହାର ସାଥୀ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବସି ଖାଇଲେ ନଈ ବାଲି ସରେ।**

ଆୟ ଦେଖି ବ୍ୟୟ କରିବା ଉଚିତ। ତେବେ ଆୟ କରିବାର ପନ୍ଥା ସ୍ଥିର ନ କରି କେବଳ ସଞ୍ଚିତ ଅର୍ଥକୁ ବ୍ୟୟ କରିଚାଲିଲେ ନଈବାଲି ପରି ଅକଳନ ସମ୍ପତ୍ତି ମଧ୍ୟ ଅଚିରେ ଶେଷ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଫରେଷ୍ଟ ଗାର୍ଡଙ୍କୁ ...

ଅନ୍ୟପକ୍ଷରେ ଘଟଣାସ୍ଥଳରେ ଥିବା ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସମ୍ପୃକ୍ତ ୪ ଶିକାରୀଙ୍କୁ ଧରି ନେଇଥିଲେ। ସେମାନେ ହେଲେ ହିନ୍ଦୋଳ ଥାନା ଅଞ୍ଚଳର ଶିବରାମ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ଦେହୁରୀ, କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ଆରୁଖ ଓ ସୁନୀଲ କୁମାର ଜେନା। ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବନ୍ଧୁକକୁ ଜବତ କରାଯାଇଛି ଜିଲ୍ଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବରପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ବନ ସଂରକ୍ଷକ ଓ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରମୁଖ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚିଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ପ୍ରହ୍ଲାଦଙ୍କ ମରଶରୀରକୁ ବନ ବିଭାଗ ପକ୍ଷରୁ ପରଜଙ୍ଗ ଦେଇ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସେଠାରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବହୁ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ମୃତଦେହ ତାଙ୍କ ପୈତୃକ ଗ୍ରାମ ଜିରିଡ଼ାମାଳିକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା। ଘଟଣାକୁ ନେଇ ହିନ୍ଦୋଳ ଥାନାରେ ୧୫୧/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।

## ଅଧିକ ତଦନ୍ତ ଲାଗି ପିସିସିଏଫଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୫(ସୁନିତ୍ ମିଶ୍ର)

ହିନ୍ଦୋଳ ରେଞ୍ଜ କୋଇ ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ ବେଳେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କୁ ଶିକାରୀ ଗୁଳି କରି ହତ୍ୟା କରିବା ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହାସହ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବା ଲାଗି ପିସିସିଏଫ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ତାଙ୍କ ଏକ୍ସ ହ୍ୟାଣ୍ଡେଲ ଜରିଆରେ ସୂଚନା ଦେଇଛନ୍ତି।

## ଦେଶ ବିକାଶର ...

କ୍ଷମତାସୀନ ହେବାର ବର୍ଷପୂର୍ତ୍ତି ପାଳନ ଅବସରରେ ଏହି ଭିଜନ୍ ଡକ୍ୟୁମେଣ୍ଟକୁ ଉନ୍ମୋଚନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟରେ କୃଷି, ଶିଳ୍ପ ଓ ଅନ୍ୟ କ୍ଷେତ୍ରଗୁଡ଼ିକୁ ବିକଶିତ କରିବା ପାଇଁ ସରକାର ନେଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଅବତାରଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସମସ୍ତ ଅମଳଯୋଗ୍ୟ ଅଞ୍ଚଳକୁ ଜଳସେଚନ କରାଯାଇ କୃଷି ଉତ୍ପାଦନଶୀଳତା ବୃଦ୍ଧି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି ଘଟିବ। ଦ୍ରୁତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ଲାଗି ସହରୀକରଣକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ସେହିପରି ବିଶ୍ୱସ୍ତରୀୟ ରାସ୍ତା ଓ ରେଳପଥ ନିର୍ମାଣ ସହ ବିମାନ ଚଳାଚଳ କ୍ଷେତ୍ରରେ ଅଗ୍ରଗତି ସକାଶେ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ାଯାଉଛି। ରାଜ୍ୟର ବିସ୍ତୃତ ଉପକୂଳ ଅଞ୍ଚଳରେ ବନ୍ଦରଭିତ୍ତିକ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା କରି ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରାଯିବ। ଏହାଦ୍ୱାରା ରାଜ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ବୟନଶିଳ୍ପ, ଗାର୍ମେଣ୍ଟ, ଖାଦ୍ୟ ପ୍ରକ୍ରିୟାକରଣ ଭଳି ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ଆକର୍ଷଣ ପାଇଁ ସରକାର ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ‘ସ୍କିଲ୍ଡ ଇନ୍ ଓଡ଼ିଶା’ ବର୍ତ୍ତମାନ ଏକ ବୈଶ୍ୱିକ ବ୍ରାଣ୍ଡରେ ପରିଣତ ହୋଇଛି। ଓଡ଼ିଶା ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ଏନେବଲ୍ଡ ସର୍ଭିସେସ୍ (ଆଇଟିଇଏସ୍) ଏବଂ ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ ହବ୍ ରୂପେ ଉଭା ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ସଶସ୍ତ୍ର ବଳ ‘ଅପରେଶନ୍ ସିନ୍ଦୂର’ ବଳରେ ସୀମାନ୍ତରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିବାରେ ସଫଳ ହୋଇଛନ୍ତି। ଏଭଳି ସମୟରେ ସବୁ ରାଜ୍ୟକୁ ଏକାଠି କରି ଦେଶ ସହ ଛିଡ଼ା କରାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି। ସେହିପରି ‘୨୦୪୭ରେ ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ’ର ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଏବଂ ଦେଶର ବିକାଶ ଯାତ୍ରାରେ ରାଜ୍ୟଗୁଡ଼ିକୁ ସହଭାଗୀ ହେବାର ସୁଯୋଗ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୨୪-୨୫ରେ ଜାତୀୟ ଅର୍ଥନୀତିର ବିକାଶ ହାର ୬.୫%କୁ ବୃଦ୍ଧି ପାଇଛି। ଏହି ସମୟରେ ଡବଲ ଇଞ୍ଜିନ୍ ଯୋଗୁ ଓଡ଼ିଶା ୭.୨% ଅଭିବୃଦ୍ଧି ହାସଲ କରିପାରିଛି। ପ୍ରଧାନମନ୍ତ୍ରୀ ଗତ ୧୧ ମାସ ଭିତରେ ଓଡ଼ିଶାକୁ ୫ ଥର ଗସ୍ତ କରିବା ରାଜ୍ୟର ବିକାଶ ପ୍ରତି ତାଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ଆଗାମୀ ୧୫ ବର୍ଷରେ ଦେଶ ପାଇଁ ଅଭିବୃଦ୍ଧିର ଇଞ୍ଜିନ୍ ପାଲଟିବାକୁ ଯାଉଛି। ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ ସକାଶେ ୫ ବର୍ଷ ଭିତରେ ଦେଢ଼ ଲକ୍ଷ ନିଯୁକ୍ତି ଦିଆଯିବ। ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣ ପାଇଁ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଠାଯାଇଛି। ସେହିପରି ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ସହ ଏହି କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ‘ଏକ ପେଡ୍ ମା’ କେ ନାମ୍’ ଅଭିଯାନରେ ଓଡ଼ିଶାରେ ୬.୬ କୋଟି ଚାରାରୋପଣ କରାଯାଇଛି। ଖୁବ୍‌ଶୀଘ୍ର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୭,୦୦୦ ପ୍ରାଥମିକ ସ୍କୁଲକୁ ଆଧୁନିକ ଉପକରଣ ଓ ଭିତ୍ତିଭୂମି ପ୍ରଦାନ ସହ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାରେ ନୂଆ ରେଳ ପ୍ରକଳ୍ପଗୁଡ଼ିକ ପାଇଁ ୭୩,୦୦୦ କୋଟି ଟଙ୍କା ଦେଇଛନ୍ତି। ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୪,୬୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଆହୁରି ୧୭,୫୦୦ କୋଟି ଟଙ୍କା ପ୍ରଦାନର ଯୋଜନା ରହିଛି। ରାଜ୍ୟ ସରକାର କେନ୍ଦ୍ର ସହ ସମନ୍ୱୟ ରଖି ପିଏମ୍ ଉଷା, ପିଏମ୍‌ଶ୍ରୀ, ମମତା-ପିଏମ୍‌ଏମ୍‌ଭିୱାଇ, ଏନ୍‌ଇପି ୨୦୨୦ ଏବଂ ପିଏମ୍ ଜେଏୱାଇ ଭଳି ଯୋଜନାଗୁଡ଼ିକୁ ସଫଳତାର ସହ କାର୍ଯ୍ୟକାରୀ କରୁଥିବା ନେଇ ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ସୁନ୍ଦରଗଡ଼ ଖଣି ଦୁର୍ନୀତିର ...

ସରଜମିନ ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେତେବଡ଼ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି ଦୁର୍ନୀତି ଓ ଚୋରା ଖଣି କାରବାରର ଚେର ଯେତେଦୂରକୁ ଲମ୍ବିଥାଉ ନା କାହିଁକି ଏହାର ତଦନ୍ତ ହେବ ଏବଂ ଏହାର ସମୂଳେ ଉତ୍ପାଟନ ଲାଗି ଭାଜପା ସରକାର ଉଦ୍ୟମ କରିବେ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

## ୮.୨୫% ଇପିଏଫ୍ ...

ଏବେ ଇପିଏଫ୍‌ଓର ୭ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୮.୨୫% ହାରରେ ସୁଧରାଶି ଜମା କରାଯିବ। ଯେକୌଣସି ସଞ୍ଚୟ ତୁଳନାରେ ଇପିଏଫ୍ ଅଧିକ ସୁଧ ଦେଇଥାଏ। ୨୦୨୨-୨୩ ବର୍ଷରେ ସୁଧହାର ୮.୧୫ ପ୍ରତିଶତ ଥିବାବେଳେ ୨୦୨୩-୨୪ ବର୍ଷ ପାଇଁ ଏହାକୁ ୮.୨୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା।

## କେରଳ ଛୁଇଁଲା ...

ଜୁନ୍ ୧ରେ, ୨୦୧୯ରେ ଜୁନ୍ ୮ରେ ଏବଂ ୨୦୧୮ରେ ମେ’ ୨୯ରେ ପହଞ୍ଚିଥିଲା। ୧୯୯୦ରେ ମୌସୁମୀ ସବୁଠୁ ସଅଳ ମେ’ ୧୯ରେ କେରଳ ଛୁଇଁଥିଲା। ଚଳିତ ବର୍ଷ ଏଲ୍ ନିନୋ ସମ୍ଭାବନା ନ ଥିବାରୁ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଗତମାସରେ ପୂର୍ବାନୁମାନ କରିଥିଲା। ଗତ ୫୦ ବର୍ଷର ହାରାହାରି ବୃଷ୍ଟିପାତ ୮୭ ସେମି ହୋଇଥିବାବେଳେ ଏହାର ୯୬%ରୁ ୧୦୪% ମଧ୍ୟରେ ବର୍ଷାକୁ ସ୍ୱାଭାବିକ ବିବେଚନା କରାଯାଇଥାଏ। ଗତବର୍ଷ ଦେଶରେ ୯୩୪.୮ ମିଲିମିଟର ବୃଷ୍ଟିପାତ ହୋଇଥିଲା, ଯାହାକି ହାରାହାରି ବୃଷ୍ଟିପାତର ୧୦୮ ପ୍ରତିଶତ ଏବଂ ୨୦୨୦ରୁ ସର୍ବାଧିକ। ୨୦୨୩ରେ ବୃଷ୍ଟିପାତ ପରିମାଣ ୮୨୦ ମିଲିମିଟର ଥିଲା, ଯାହାକି ହାରାହାରିର ୯୪.୪%। ଭାରତର କୃଷି ପାଇଁ ମୌସୁମୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷିରେ ଦେଶର ୪୨ ପ୍ରତିଶତ ଲୋକ ନିୟୋଜିତ ହେଉଥିବାବେଳେ ଜିଡିପିରେ ଏହାର ଯୋଗଦାନ ୧୮.୨ ପ୍ରତିଶତ।




# ବସ୍ତିରୁ ବାର୍ ଯାଏ ମାଡିଛନ୍ତି ବାଂଲାଦେଶୀ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

- ନୂଆ ବାର୍ ଅନୁମତି ଦେବା ବେଳେ କଡ଼ାକଡ଼ି ହେବ ନିୟମ
- ବାଂଲାଦେଶୀଙ୍କ ପାଇଁ ଟୁଇନ୍ ସିଟିରେ ବଢୁଛି ଅପରାଧ

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଟୁଇନ୍‌ସିଟିରେ ଅପରାଧ ବଢୁଛି। ବସ୍ତିରୁ ବାର୍ ସବୁଠି ବାଂଲାଦେଶୀ ଅନୁପ୍ରବେଶକାରୀ ମାଡିଛନ୍ତି। କେବଳ ଏତିକି ନୁହେଁ, ଏମାନେ ଚୋରା ନିଶା କାରବାର ସହ ଅପରାଧ ଘଟାଉଛନ୍ତି। ଏହି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚେକ୍ ଦେବାକୁ ନଗର ଉନ୍ନୟନ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ବଡ଼ ଆକ୍ସନ ପ୍ଲାନ୍ କରାଯାଉଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଆରମ୍ଭ କରାଯିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଗଣମାଧ୍ୟମକୁ କହିଛନ୍ତି। ସହରକୁ ସୁରକ୍ଷିତ ରଖିବାକୁ ଅନୁପ୍ରବେଶକାରୀ ମୁକ୍ତ କରାଯିବ। ବସ୍ତିରେ ରହୁଥିବା ଅପରାଧୀଙ୍କ ଘରକୁ ଭଙ୍ଗାଯାଉଛି। ସେହିପରି ନୂଆ ବାର୍ ଖୋଲିବାକୁ ଅନୁମତି ଦେବା ସମୟରେ ଯେପରି ନିୟମ କଡ଼ାକଡ଼ି ପାଳନ ହେବ ସେନେଇ ଅବକାରୀ ବିଭାଗ ସହ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ବାଂଲାଦେଶୀଙ୍କ ସପକ୍ଷରେ ଭୁବନେଶ୍ୱର ମେୟର ବୟାନ ଦେବା ପରେ ରାଜ୍ୟ ରାଜନୀତିରେ ବିବାଦ ଦେଖାଦେଇଛି। ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଭୋଟବ୍ୟାଙ୍କ ପାଇଁ ଅନୁପ୍ରବେଶକାରୀଙ୍କୁ ବିଜେଡି ପ୍ରଶ୍ରୟ ଦେଇଥିଲା। ସେମାନଙ୍କ ଆଧାର କାର୍ଡ ପ୍ରସ୍ତୁତକରି ଶଙ୍ଖ ଦଳ ରାଜ୍ୟରେ ସେମାନଙ୍କୁ ଥଇଥାନ କରିଛି। ପଶ୍ଚିମବଙ୍ଗ ସରକାର ସମର୍ଥନରେ ବାଂଲାଦେଶୀ ଆଧାର କାର୍ଡ, ଭୋଟର କାର୍ଡ ଓ ରାଶନ କାର୍ଡ ପାଉଥିଲେ। ବିଜେଡି ପ୍ରଶ୍ରୟରେ ଓଡ଼ିଶାରେ ଅନୁପ୍ରବେଶ କରୁଥିଲେ। ତେଣୁ ସେମାନଙ୍କୁ ଶୀଘ୍ର ବାହାର କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଜୟନାରାୟଣ ଦାବି କରିଛନ୍ତି।

# ଆଟେଣ୍ଡାଣ୍ଟ ମୃତ, ଡ୍ରାଇଭର ଓ ଫାର୍ମାସିଷ୍ଟ ଗୁରୁତର

## ରଥିଆରେ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

### ଡ୍ରାଇଭରଙ୍କୁ ୨୪ ଘଣ୍ଟା କାମ କରାଯାଉଥିବା ଅଭିଯୋଗ



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ

**ଧର୍ମଶାଳା,୨୪।୫(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଶନିବାର ଭୋର ସମୟରେ ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଆମ୍ବୁଲାନ୍ସର ଆଟେଣ୍ଡାଣ୍ଟଙ୍କ ମୃତ୍ୟୁ ହୋଇଛି। ଡ୍ରାଇଭର ଓ ଫାର୍ମାସିଷ୍ଟ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକ ବଉଳାଙ୍ଗ ମଧୁପୁର ଅଞ୍ଚଳର ଅଚ୍ୟୁତାନନ୍ଦ ବାରିକ। ଗୁରୁତର ଦ୍ୱୟ ହେଲେ ଡ୍ରାଇଭର କୈଳାସ ପଣ୍ଡା ଓ ଫାର୍ମାସିଷ୍ଟ ତାପସ ପାତ୍ର। ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାରେ ଓଡି୦୨ବିଜେ୧୪୬୩ ନମ୍ବର ବିଶିଷ୍ଟ ଆମ୍ବୁଲାନ୍ସର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦଶରଥପୁରର ଏହି ଆମ୍ବୁଲାନ୍ସ କଟକ ବଡ଼ ମେଡିକାଲରେ ରୋଗୀଛାଡ଼ି ଫେରିଲା ବେଳେ ରଥିଆଠାରେ ଛିଡ଼ା ହୋଇଥିବା ଏକ ଗାଡ଼ି ପଛରେ ଭାରସ୍ୟାମ ହରାଇ ଧକ୍କା ହୋଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା କର୍ମଚାରୀମାନେ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଆଟେଣ୍ଡାଣ୍ଟ ଅଚ୍ୟୁତାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡ୍ରାଇଭର କୈଳାସ ଓ ଫାର୍ମାସିଷ୍ଟ ତାପସଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଧର୍ମଶାଳା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଥିଲା। ଏନେଇ ଥାନାରେ ନଂ.୩୦୯/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।



ମୃତ ଆଟେଣ୍ଡାଣ୍ଟ ଅଚ୍ୟୁତାନନ୍ଦ ବାରିକ

ଅନ୍ୟପକ୍ଷରେ ଶ୍ରମ ନିୟମକୁ ଉଲଂଘନ କରାଯାଇ ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ୮ ଘଣ୍ଟା ବଦଳରେ ୨୪ ଘଣ୍ଟା କାର୍ଯ୍ୟରେ ଲଗାଯାଉଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି। କିଛିବର୍ଷ ପୂର୍ବରୁ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ୧୦୮ ଆମ୍ବୁଲାନ୍ସ ଛତିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଆଟେଣ୍ଡାଣ୍ଟ ରଞ୍ଜିତ ମଲ୍ଲିକଙ୍କ ମୃତ୍ୟୁ ହୋଇଥିଲା। ଚଳିତ ମାସରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୦ଟି ଆମ୍ବୁଲାନସ ଦୁର୍ଘଟଣାଗ୍ରସ୍ତ ହୋଇଛି। ତଥାପି ସରକାର ସଚେତନ ନ ହେବାରୁ ପୁଣି ଏହିପରି ଦୁର୍ଘଟଣା ଘଟିଥିବା ସାଧାରଣରେ ମତପ୍ରକାଶ ପାଇଛି। ତେଣୁ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଶ୍ରମ ନିୟମାନୁସାରେ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ୧୦୮ କର୍ମଚାରୀ ସଂଘ ପକ୍ଷରୁ ଦାବି ହୋଇଛି।

# ଜୟଦେବବିହାରରୁ ନନ୍ଦନକାନନ ରାସ୍ତା ଟ୍ରାଫିକ୍ ଲାଇଟ୍ ମୁକ୍ତ ହେବ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

**ଜୁନ୍ ୧୨ ଭାଜପା ସରକାରର ବର୍ଷ ପୂର୍ତ୍ତି ଉତ୍ସବରେ ସବୁ ପ୍ରକଳ୍ପର ଶିଳାନ୍ୟାସ**

ଜୟଦେବବିହାର ଏବଂ ନନ୍ଦନକାନନ ରାସ୍ତାକୁ ଟ୍ରାଫିକ୍ ଲାଇଟ୍ ମୁକ୍ତ କରାଯିବ। ଟ୍ରାଫିକ୍ ଲାଇଟ୍ ପରିବର୍ତ୍ତେ ଏହାର ବିକଳ୍ପ ଟେକ୍ନୋଲୋଜିର ବ୍ୟବହାର ହେବ। ଏହାର ପ୍ରକ୍ରିୟା ଆରମ୍ଭ ହୋଇଥିବା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରକୁ ଭିଡ଼ମୁକ୍ତ କରିବା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ଏକାଧିକ ରାସ୍ତା ଏବଂ ପ୍ରକଳ୍ପ ନିର୍ମାଣ କରାଯିବ। ଆସନ୍ତା ଜୁନ୍ ୧୨ରେ ଭାଜପା ସରକାରର ବର୍ଷ ପୂର୍ତ୍ତି ଉତ୍ସବ ପାଳନ ସମୟରେ ଯେଉଁସବୁ ରାସ୍ତାର ଯୋଜନା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଆୟୋଜିତ ବୈଠକରେ ଆଲୋଚନା ହୋଇଛି ସେଗୁଡ଼ିକର ଶିଳାନ୍ୟାସ କରାଯିବ। ଏଥିପାଇଁ ମାସକ ଭିତରେ ଟେଣ୍ଡର ପ୍ରକ୍ରିୟା ଶେଷ ସହ ଅଢ଼େଇରୁ ୩ ବର୍ଷ ମଧ୍ୟରେ ପ୍ରକଳ୍ପ କାମ ସରିବ। ଡିସେମ୍ବର ସୁଦ୍ଧା ଦୁଇ ପାରାଲାଲ କାର୍ଯ୍ୟକୁ ଶେଷ କରାଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ମାସକ ମଧ୍ୟରେ ଶେଷ କରାଯାଇ ରିଂରୋଡ୍ କାର୍ଯ୍ୟ ଆରମ୍ଭହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିଥିଲେ। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ ସହ ସେମାନଙ୍କୁ ଆର୍ଥିକ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ମୁଖ୍ୟତଃ ଜୟଦେବବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେଶନ ଛକରୁ ସୁଆଁଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ସହ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ- ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏକ ଇନର ରିଂରୋଡ୍ ମଧ୍ୟ ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।


HOOGHLY ENGINEERING & TECHNOLOGY COLLEGE
APPROVED BY AICTE | RECOGNIZED BY UGC | AFFILIATED TO MAKAUT | ACCREDITED BY NAAC
ACCREDITED WITH GRADE B+ NAAC
21 YEARS OF EXCELLENCE
All Scholarships are Available
4700+ PLACEMENTS
Step into WEST BENGAL
Step up with HETC
B.TECH COURSES
- MECHANICAL ENGINEERING
- ELECTRICAL ENGINEERING
- CIVIL ENGINEERING
- COMPUTER SCIENCE AND ENGINEERING
- ELECTRONICS AND COMMUNICATIONS ENGINEERING
NO CAPITATION FEE / MANAGEMENT QUOTA
89811 08944 | 79804 86868
admission@hetc.ac.in www.hetc.ac.in
Campus: Vivekananda Road, Pipulpati, P.O. & Dist. Hooghly, West Bengal, 712103 (50 Minutes from Howrah Station)
Odisha Office: Deula Sahi, Baripada, Mayurbhanj, Odisha




ଉତ୍ତର ଉପକୂଳ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଭୁବନେଶ୍ୱରରେ ଶନିବାର ମଧ୍ୟାହ୍ନରେ ହୋଇଥିବା ପ୍ରାକ୍ ମୌସୁମୀ ବର୍ଷା। (ଫଟୋ: ବିକାଶ ନାୟକ)


SAI INTERNATIONAL SCHOOL
SAI INTERNATIONAL RESIDENTIAL SCHOOL
SAI INTERNATIONAL SCHOOL | SAI International Residential School

CBSE XII BOARD RESULTS 2025
88.80% SCHOOL AVG. | 88.28% SCIENCE AVG. | 89.08% COMMERCE AVG. | 89.05% HUMANITIES AVG.
COMMERCE: DHIRAJ DHANUKA 98.8%
20.3% Students 95% + | 44.6% Students 90% +
91.5% Students 75% + | 100% Students 60% +
HUMANITIES: ANOUSHKA PANDA 98.2%
SCIENCE: N. SHREYA AMOLIKA 98% | NIKHIL KASERA 98% | SHIKSHA BANKA 98%

CBSE X BOARD RESULTS 2025
88.76% SCHOOL AVERAGE
AAHANA PARIJA 99.2%
21.3% Students 95% + | 59.2% Students 90% +
93.2% Students 75% + | 100% Students 60% +
HARSH AGARWALL 98.8% | ANUSKA PANDA 98.6% | VALLABH S. AGRAWALLA 98.6% | SWAGAT MOHAPATRO 98.6%

ADMISSIONS OPEN FOR PLAYGROUP TO XI | CBSE, CAMBRIDGE & IBCP
www.saiinternational.edu.in | Call: 0674-7100200, +91 9338336699


# ୧୯ ମଠର ବିଜେସ୍ଥଳୀ ଅକ୍ଷୁଣ୍ଣ ରଖାଯାଇଥିଲା: ବିଜେଡି

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ସେଠାରେ ଥିବା ୧୯ଟି ଐତିହ୍ୟ ମଠର ପୁନର୍ବିନ୍ୟାସ କରାଯିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ଏନେଇ ବିଜେଡି ପକ୍ଷରୁ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ସମୟରେ ସେଠାରେ ଐତିହ୍ୟ ସ୍ୱରୂପ ବିରାଜମାନ ଥିବା ୧୯ ମଠର ମୂଳପୀଠ ବା ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖାଯାଇଥିଲା। ମଠାଧୀଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନ ଇତ୍ୟାଦି ଭଙ୍ଗାଯାଇ ସେଗୁଡିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ, ମଠଗୁଡିକର ବିଜେସ୍ଥଳୀର ସୌନ୍ଦର୍ଯ୍ୟକରଣ କରାଯାଇ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେଗୁଡ଼ିକ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନର୍ବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ, ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ମଠଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଲେନିନ୍ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦର୍ଶାଇଛନ୍ତି।

# ରଥ ନିର୍ମାଣ ପାଇଁ ରେଢ଼ାଖୋଲରୁ ପୁରୀକୁ ଗଲା କାଠ

**ରେଢ଼ାଖୋଲ,୨୪।୫ (ଅଚ୍ୟୁତାନନ୍ଦ ପୁରୋହିତ)**

ଚଳିତବର୍ଷ ପୁରୀ ରଥ ନିର୍ମାଣ ପାଇଁ ରେଢ଼ାଖୋଲରୁ ଶନିବାର ପୂର୍ବାହ୍ନରେ ବିଭିନ୍ନ ପ୍ରକାର କାଠ ପଠାଯାଇଛି। ରେଢ଼ାଖୋଲ ବନଖଣ୍ଡର ଲଣ୍ଡାକୋର୍ଟ ସଂରକ୍ଷିତ ଜଙ୍ଗଲର ବ୍ରହ୍ମପୁରା ଅଞ୍ଚଳରୁ ୧୦ଖଣ୍ଡ ଧଉରା, ୨୦ଖଣ୍ଡ ଅସନ କାଠଗଣ୍ଡି ପୁରୀକୁ ଯାଇଛି। ଜଙ୍ଗଲରେ ଏକ ସୁସଜ୍ଜିତ ଟ୍ରକ୍‌ରେ କାଠଗଣ୍ଡିଗୁଡ଼ିକୁ ବୋଝେଇ କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ନାମ ସଂକୀର୍ତ୍ତନ କରି ଚାରମାଳ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ପୁରୀ ଅଭିମୁଖେ ଟ୍ରକ୍ ଯାଇଥିଲା। ଚାରମାଳ ବନରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇ ସମସ୍ତ ସହଯୋଗ କରିଥିଲେ। ଚାରମାଳ ସରପଞ୍ଚ ସଞ୍ଜୟ ପ୍ରଧାନ, ନାରୀନେତ୍ରୀ ସୁପ୍ରଭା ପ୍ରଧାନ, ସାମାଜିକ କର୍ମୀ ଅନାଦି ସାହୁଙ୍କ ସମେତ ଶତାଧିକ ଜଗନ୍ନାଥପ୍ରେମୀ ଯୋଗଦେଇଥିଲେ।


FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ ହେଲା – ତୁମର ଚରମ ନିଷ୍ଠାପରତା। –ଶ୍ରୀମା



# ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧୀନତା



ଆକାର ପଟେଲ

ଗଣତନ୍ତ୍ର ବ୍ୟବସ୍ଥା ମୁଖ୍ୟତଃ ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ। ସାମାଜିକ ମାନଦଣ୍ଡ ଓ ସାଂସ୍କୃତିକ ମୂଲ୍ୟବୋଧର ପାଳନ ଯେ କୌଣସି ସରକାରଙ୍କ ଗଣତାନ୍ତ୍ରିକ ଗୁଣବତ୍ତା ହୋଇପାରେ। ଗଣତନ୍ତ୍ରର ସଂସ୍କୃତି, ପରମ୍ପରା ଓ ଭାବନା ଗୋଟିଏ ଦେଶର ନାଗରିକଙ୍କୁ ସଶକ୍ତ କରି ଉଚ୍ଚତର ସ୍ତରକୁ ନେଇ ସେହି ଦେଶକୁ ଆଗକୁ ବଢ଼ାଇଥାଏ। ଏହା କରିବା ଲାଗି ହିଁ ଗଣତନ୍ତ୍ର ଗଢ଼ାଯାଇଛି। ସିଏସ୍ ଲୁଇସ ତାଙ୍କ ପ୍ରବନ୍ଧରେ କହିଛନ୍ତି, କର୍କସ୍କ୍ରୁ (ମଦବୋତଲ ମୁହଁରେ ଦିଆଯାଇଥିବା କର୍କଠିପି ବାହାର କରିବା ଯନ୍ତ୍ର)ଠାରୁ ଆରମ୍ଭ କରି ଗୀର୍ଜା ଯାଏ, ସେଗୁଡ଼ିକର କାରିଗରି ବା ନିର୍ମାଣ କୌଶଳ ନିର୍ଣ୍ଣୟ କରିବାର ପ୍ରଥମ ଯୋଗ୍ୟତା ହେଉଛି, ଏହା କ'ଣ ଜାଣିବା ଆବଶ୍ୟକ। ଏହା ମଧ୍ୟ ଜାଣିବା ଦରକାର ଯେ, ଏହାର ଉଦ୍ଦେଶ୍ୟ କ'ଣ ଥିଲା ଓ ଏହାର ଉପଯୋଗ କେଉଁ ପ୍ରକାର କରାଯାଏ। ତାହା ଜାଣିବା ପରେ ଜଣେ ମଦ୍ୟପାନ କରୁ ନ ଥିବା ସମାଜ ସୁଧାରକ ଜାଣିବେ ଯେ, କର୍କସ୍କ୍ରୁ ଖରାପ ଉଦ୍ଦେଶ୍ୟରେ ତିଆରି କରାଯାଇଥିଲା ଏବଂ କମ୍ୟୁନିଷ୍ଟ ମଧ୍ୟ କାଥେଡ୍ରାଲ ସମ୍ପର୍କରେ ସମାନ ଚିନ୍ତା କରିପାରନ୍ତି। ପ୍ରଥମ ବିଷୟ ହେଉଛି, ତୁମ ସାମ୍ନାରେ ଥିବା ଲକ୍ଷ୍ୟକୁ ବୁଝିବା ଦରକାର। କର୍କସ୍କ୍ରୁ ଟିଣଡବା ଖୋଲିବା ପାଇଁ କିମ୍ବା କାଥେଡ୍ରାଲ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ବୋଲି ଯେତେବେଳଯାଏ ବିଚାର କରୁଥିବା ସେଗୁଡ଼ିକର ଲକ୍ଷ୍ୟ ସମ୍ପର୍କରେ କିଛି କହିପାରିବ ନାହିଁ। ସେହିଭଳି ଗଣତନ୍ତ୍ରକୁ ସ୍ପଷ୍ଟତଃ ନିର୍ବାଚନର ଏକ ଶୃଙ୍ଖଳା ଭାବେ ବିଚାର କରିବା ମାନେ ତାହାର ମହତ୍ତ୍ୱର ସ୍ୱରୂପକୁ ଭୁଲ୍ ବୁଝିବା। ଏକ ଦମନକାରୀ ଓ ଏକ ନିର୍ବାଚିତ ଏକଚ୍ଛତ୍ରବାଦ ଶାସନରେ ଯଦି ବ୍ୟକ୍ତିଙ୍କ ଅଭିବ୍ୟକ୍ତିର ସ୍ୱାଧୀନତାରେ ବାଧା ଆଣି, ମତ ଓ ସ୍ୱାଧୀନତାକୁ ସୀମିତ କରି ଏବଂ ଗୋଟିଏ ପ୍ରକାର ବିଚାର ଲଦି ଦିଆଯାଇ ସେମାନଙ୍କୁ ଅବଦମିତ କରି ରଖାଯାଏ, ତେବେ ଉଭୟ ଶାସନ ମଧ୍ୟରେ କୌଣସି ପ୍ରଭେଦ ରହି ନ ଥାଏ। ବ୍ୟବସ୍ଥା ବିରୋଧରେ ବିଚାରପତିଙ୍କ ରାୟ ଉପରେ ଅସହମତି ପ୍ରକାଶ ପାଇବା ଗଣତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ, କାରଣ ବ୍ୟବସ୍ଥା ବିରୋଧରେ ଠିଆ ହୋଇ ବ୍ୟକ୍ତିକୁ ରକ୍ଷା କରିବା ପାଇଁ ବିଚାରପତିଙ୍କର ଅଧିକାର ଅଛି। ଏହା ଶୁଣିବାକୁ କଟୁ ଲାଗିପାରେ, କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଚାରପତି ଅତ୍ୟାଚାରୀ ଶାସନରୁ ବ୍ୟକ୍ତିଙ୍କୁ ମୁକ୍ତ କରିବା ଉଚିତ। ସବୁ ପ୍ରକାର ଶାସନ ଲୋକଙ୍କୁ ଏକାଠି ଧରି ରଖିବାକୁ ଚାହିଁଲେ ଏହା ହୋଇପାରିବ।

ଉପର ଉଲ୍ଲିଖିତ ଶବ୍ଦଗୁଡ଼ିକ (ଦମନକ ଓ ଏକଚ୍ଛତ୍ରବାଦ)ର ଅର୍ଥ ଆମ ଦେଶରେ ପ୍ରତ୍ୟେକ ଘଟଣାରେ ବୁଝିପାରିବ ଏବଂ ନିର୍ଦ୍ଦିଷ୍ଟ ଘଟଣା ସମ୍ପର୍କରେ କହିବା ଠିକ୍ ହେବ ନାହିଁ। ଯଦି କିଛି ପରିବର୍ତ୍ତନ ହେଉଥାଏ ତେବେ ଜଣେ ଲେଖକ ଭାବେ ଲକ୍ଷ୍ୟ ଓ ସମ୍ଭାବନା ପ୍ରତି ଆଗ୍ରହୀ ହେବା ଏବଂ ଦେଶର ଶାସନ ଦ୍ୱାରା ହେଉଥିବା ପରିବର୍ତ୍ତନ ପ୍ରତି ସାଧାରଣ ନାଗରିକ କିଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ତାହା ଉପରେ ମଧ୍ୟ ଅନୁଧ୍ୟାନ କରିବା ସ୍ୱାଭାବିକ। ବିଶେଷକରି ପରିବର୍ତ୍ତନ ସବୁ ଫଳପ୍ରଦ ନୁହେଁ କିମ୍ବା ଏହିଗୁଡ଼ିକ ଉପରେ ସବିଶେଷ ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ସେମାନେ ଶାସନରେ ଦୀର୍ଘ ସମୟ ରହିଲେଣି (ଏବେ ୧୨ ବର୍ଷରେ ପଦାର୍ପଣ କରିଛନ୍ତି) ଏବଂ ନିର୍ବାଚନରେ ଆମେ ସେମାନଙ୍କୁ ସମର୍ଥନ କରିଛୁ। କିନ୍ତୁ ଖବରର ଶୀର୍ଷକୁ ଦେଖିବା ଭଲ ହେବ ଏବଂ ଯଦି ଆଗ୍ରହୀ ହୁଅନ୍ତି, ତେବେ ପାଠକ ସବିଶେଷ ଜାଣିପାରିବେ ଏବଂ ଏଠାରେ ନାଗରିକଙ୍କୁ ସଶକ୍ତ ନା ଗଣତନ୍ତ୍ରକୁ ଦୃଢ଼ କରାଯାଉଛି କିମ୍ବା ତାହା ବିପରୀତ ଘଟୁଛି, ତାହା ଦେଖିପାରିବ। ଦେଶ ଆମକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ନେତୃତ୍ୱ ଦେଉଛି ଏବଂ ଲମ୍ବା ସମୟକୁ ଦେଖିଲେ ଏବକାର ବ୍ୟବସ୍ଥାରେ ଯାହାସବୁ ଏହା କରିଛି ଆମେ ସେଗୁଡ଼ିକ ଉପରେ ଦୀର୍ଘଦିନରୁ ଉଦାସୀନତା ପ୍ରକାଶ କରିଛୁ। ଆଇନ ମାଧ୍ୟମରେ ଆମକୁ ଏକ ଭିନ୍ନ ଦିଗ ଦେଖାଇଛି। ସେହିସବୁ ଆଇନ ମଧ୍ୟରୁ କେତୋଟି ଦେଖାଯାଉ। ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ୨୦୧୮, ହିମାଚଳ ପ୍ରଦେଶ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ୨୦୧୯ ; ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ସମପରିବର୍ତ୍ତନ ପ୍ରତିବନ୍ଧ ଅଧ୍ୟାଦେଶ ୨୦୨୦, ମଧ୍ୟପ୍ରଦେଶ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ ୨୦୨୧, ଗୁଜରାଟ ଫ୍ରିଡମ୍ ଅଫ୍ ରିଲିଜିଅନ (ଆମେଣ୍ଡମେଣ୍ଟ)ଆକ୍ଟ ୨୦୨୧, କର୍ନାଟକ ପ୍ରୋଟେକ୍ସନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ୨୦୨୨, ହରିୟାଣା ପ୍ରିଭେନ୍‌ସନ ଅଫ୍ ଅନ୍–ଲ'ଫୁଲ କନ୍‌ଭର୍ସନ ଅଫ୍ ରିଲିଜିଅନ ଆକ୍ଟ ୨୦୨୨। ଅନ୍ୟ କେତେକ ଆଇନ ହେଉଛି– ମହାରାଷ୍ଟ୍ର ଆନିମଲ ପ୍ରୋଟେକ୍ସନ ଆକ୍ଟ ୨୦୧୫, ହରିୟାଣା ଗୋବଂଶ ସଂରକ୍ଷଣ ଆଣ୍ଡ ଗୋସମ୍ବର୍ଦ୍ଧନା ଆକ୍ଟ ୨୦୧୫, ଗୁଜରାଟ ଆନିମଲ ପ୍ରିଜରଭେଶନ୍ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୭, କର୍ନାଟକ ପ୍ରିଭେନ୍‌ସନ ଅଫ୍ ସ୍ଲାଟର ଆଣ୍ଡ ପ୍ରିଜରଭେଶନ୍ ଅଫ୍ କ୍ୟାଟେଲ ଆକ୍ଟ ୨୦୧୭। ଆଉ କେତେକ ଆଇନ ମଧ୍ୟରେ ରହିଛି, ଅନ୍–ଲ'ଫୁଲ ଆକ୍ଟିଭିଟିଜ (ପ୍ରିଭେନ୍‌ସନ) ଆମେଣ୍ଡମେଣ୍ଟ ଆକ୍ଟ ୨୦୧୯, ରାଇଟ ଟୁ ଇନ୍‌ଫର୍‌ମେଶନ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୯, ଉତ୍ତରପ୍ରଦେଶ ରିକଭରି ଅଫ୍ ଡ୍ୟାମେଜ୍ ଟୁ ପବ୍ଲିକ ଆଣ୍ଡ ପ୍ରାଇଭେଟ ପ୍ରପର୍ଟି ଆକ୍ଟ ୨୦୨୦, ଟେମ୍ପୋରାରି ସସ୍‌ପେନ୍‌ସନ ଅଫ୍ ଟେଲିକମ୍ ସର୍ଭିସ (ପବ୍ଲିକ ଏମର୍ଜେନ୍ସି ଅର୍ ପବ୍ଲିକ ସେଫ୍ଟି) ରୁଲ୍ସ ୨୦୧୭, ଆଧାର ଆଣ୍ଡ ଅଦର ଲ'(ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୯।

ଦେଖିବାକୁ ଗଲେ ଏହିସବୁ ବର୍ଷ ଗୁରୁତ୍ୱପୂର୍ଣ୍ଣ, କାରଣ ଏଗୁଡ଼ିକ ଆମକୁ ପ୍ରଗତି ଆଣିଛି ବୋଲି କୁହାଯାଉଛି ଓ ଆନ୍ଦୋଳନର ବାଟ ଦେଖାଇଛି। ସେଗୁଡ଼ିକ ଆମକୁ ଏବକାର ସ୍ଥିତିକୁ ଆଣି ପହଞ୍ଚାଇଛି, ଯାହା ଆମେ ଅନୁଭବ କରୁଛୁ। ହେଲେ ଘଟିଥିବା ଘଟଣାଗୁଡ଼ିକୁ ନେଇ ପ୍ରକାଶ ପାଇଥିବା ଖବରସବୁ ଦେଖିଲେ ଆଇନ ଦ୍ୱାରା ଏବର ବ୍ୟବସ୍ଥା ବଳବତ୍ତର ରହିଛି। ତୁମର ଏକ ସୁବ୍ୟବସ୍ଥିତ ଏକଚ୍ଛତ୍ରବାଦ ଥାଇପାରେ ଏବଂ ସାରା ପୃଥିବୀରେ ଏହାର ଅନେକ ଉଦାହରଣ ଅଛି, ବିଶେଷକରି ଆମ ଚାରିପାଖର ପଡ଼ୋଶୀ ଦେଶଗୁଡ଼ିକରେ। ଏଠାରେ ବ୍ୟବସ୍ଥା ହେଉଛି ସମ୍ପୂର୍ଣ୍ଣ ଭାବେ ଅର୍ଥନୈତିକ ଶ୍ରେଣୀର ଏବଂ ନାଗରିକ ଚାହାନ୍ତୁ ବା ନ ଚାହାନ୍ତୁ, ତାଙ୍କ ସ୍ୱତନ୍ତ୍ରତା ଓ ସ୍ୱାଧୀନତାକୁ ସମର୍ପଣ କରିବାକୁ ପଡ଼ିବ। ଦୁର୍ଭାଗ୍ୟବଶତଃ, ବ୍ୟବସ୍ଥାଗତ ଦମନରେ ଏକ ଗଣତନ୍ତ୍ର ସୁସ୍ଥ ରହିବା ଓ ସଫଳହେବାର କୌଣସି ଦୃଷ୍ଟାନ୍ତ ନାହିଁ। ଗଣତନ୍ତ୍ରର ସୁଫଳ ଓ ଲାଭ ବ୍ୟାପକ ସ୍ୱାଧୀନତା ଦ୍ୱାରା ହାସଲ ହୁଏ, ଦମନରେ ନୁହେଁ। ଏହା ସ୍ୱୀକାର୍ଯ୍ୟ ଯେ, ସ୍ୱାଧୀନ ନାଗରିକ ଦେଶପାଇଁ ଅଧିକ ଉପଯୋଗୀ, ସୃଜନଶୀଳ ତଥା ଅଧିକ ସକ୍ଷମ ହେବେ। ଏହାକୁ ଛାଡ଼ି ଅନ୍ୟ ରାସ୍ତାରେ ଗଲେ ସଫଳତା ମିଳିବ ନାହିଁ।

Email:aakar.patel@gmail.com

# ଚିତ୍ର ଚରିତ୍ର: ବିସମ୍ବାଦର ବିଡ଼ମ୍ବନା



ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସେକାଳରୁ ଏକାଳଯାଏ ଏ ସଂସାରରେ ଏମିତି କେହି ଜଣେ ନ ଥିବେ, ଯିଏ ଏହି ସଂସାରକୁ ଆସିବାଠୁ ପୁଣି ଚିରଦିନ ପାଇଁ ବିଦାୟ ନେବା ପର୍ଯ୍ୟନ୍ତ କୌଣସି ଖବର ସହ ସମ୍ପୃକ୍ତ ନ ଥିବେ! ସମ୍ପୃକ୍ତ ଥିବେନି ବୋଇଲେ ନିଜ ଅନୁଭବ ଓ ଅନୁଭୂତି ବାହାରେ କୌଣସି ଘଟଣା କାନରେ ଶୁଣି ନ ଥିବେ ଅବା ଘଟଣା ସମ୍ପର୍କିତ ଖବର ଆଖିରେ ପଢ଼ି ନ ଥିବେ ବା ଘଟଣାର ଦୃଶ୍ୟରାଜି ଆଖିରେ ଦେଖି ନ ଥିବେ। ନିଜ ପରିସର ବାହାରେ ସଂଘଟିତ ହେଉଥିବା ଘଟଣାଟି ଯେଉଁ ରୂପ ଧରି ନିଜ ଚେତନାକୁ ସ୍ପର୍ଶ କରେ, ସେଇ ରୂପର ନାମ ଖବର, ତେଣିକି ତାହା ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହେଉ ଅବା ପହଲଗାମ୍‌ରେ ନିର୍ଦ୍ଦୟ ନରସଂହାର ହେଉ। ନିଜ ଚାରିପଟରେ ଘଟୁଥିବା ଘଟଣାବଳୀର ଯଦି ଖବର ରୂପ ନେଇ ପ୍ରସାରିତ ହେଉ ନ ଥା'ନ୍ତା, ତେବେ ମଣିଷ କୂପମଣ୍ଡୁକ ହୋଇ ନିଜ କ୍ଷୁଦ୍ର ଦୁନିଆ ମଧ୍ୟରେ ଅବରୁଦ୍ଧ ବନ୍ଦୀ ଜୀବନ ବିତାଉଥାଆନ୍ତା ଅବା ଇତର ପଶୁମାନଙ୍କ ଭଳି ଖାଇପିଇ, ବଂଶ ବିସ୍ତାର କରି କେବଳ ମରଣକୁ ଅପେକ୍ଷା କରି ରହନ୍ତା।

ଏବେ ସିନା ନବ୍ୟ ଆଧୁନିକତାର ଭବ୍ୟ ଆକର୍ଷଣ ମଧ୍ୟରେ ମଣିଷ ନିମିଷକ ମଧ୍ୟରେ ବିଶ୍ୱର ଏ ପ୍ରାନ୍ତରୁ ସେ ପ୍ରାନ୍ତଯାଏ ଘଟୁଥିବା ଘଟଣାବଳୀ ସମ୍ପର୍କରେ ଅବଗତ ହୋଇପାରିଛି; ମାତ୍ର ଟିକେ ପଛକୁ ଫେରି ଚାହିଁଲେ ସ୍ପଷ୍ଟ ରୂପେ ଜାଣିହେବ ଯେ ଅତୀତରେ ମଣିଷ କେମିତି ଏକ ସଂକୁଚିତ ପୃଥିବୀର ବାସିନ୍ଦା ଥିଲା। ନା ତା' ପାଖରେ ଥିଲା ବାହାର ଦୁନିଆ ସମ୍ପର୍କରେ ଜାଣିବାର କିଛି ମାଧ୍ୟମ ନା ଥିଲା ନିଜ ଜ୍ଞାନ ପରିସରକୁ ପ୍ରଶସ୍ତ ଓ ପ୍ରସାରିତ କରିବାର ସୁଯୋଗ। ବିଜ୍ଞାନକୁ ଶତ ଧନ୍ୟବାଦ, ଯାହା ମଣିଷକୁ ଶ୍ରୀଲଙ୍କାରୁ ସାଇବେରିଆଯାଏ ସମସ୍ତ ଭୂଗୋଳ ସମ୍ପର୍କରେ ପରିଚିତ କରାଇପାରୁଛି, ପୁଣି ଭୁବନରେ ନିଆଁ ଲାଗିଲେ ନିମିଷକ ମଧ୍ୟରେ ତାହାର ତାତି ଭୁବନେଶ୍ୱରରେ ଅନୁଭୂତ କରାଇପାରୁଛି।

ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ଭାବେ ଗୃହୀତ 'ବସୁଧୈବ କୁଟୁମ୍ବକମ୍' ହିଁ ଆଧୁନିକ ବିଶ୍ୱର 'ଗ୍ଲୋବାଲ୍ ଭିଲେଜ' ବା 'ବିଶ୍ୱଗ୍ରାମ' ସ୍ଲୋଗାନ୍‌ର ମୂଳପିଣ୍ଡ। ବିଶାଳ ବିଶ୍ୱ ଭୂଖଣ୍ଡର ପରିବ୍ୟାପ୍ତ ପରିସୀମା ଭିତରେ ସାମ୍ପ୍ରତିକ ଖବର ସରବରାହ ବ୍ୟବସ୍ଥା ଏ ପୃଥିବୀକୁ ଏବେ ଛୋଟ କରିଦେଇଛି ସିନା, ମାତ୍ର ଯେତେବେଳେ ପ୍ରାଚୀନ ଯୁଗର ମଣିଷ କେହି କାହାର ଖବର ରଖିପାରୁ ନ ଥିଲେ, ସେତେବେଳେ ଦେବର୍ଷି ନାରଦ ନିଜର ବୀଣାବାଦନ ମାଧ୍ୟମରେ ବିଶ୍ୱର ଗୋଟିଏ ପ୍ରାନ୍ତର ଖବର ଅନ୍ୟ ପ୍ରାନ୍ତଯାଏ ନେଇଯାଉଥିଲେ। ସେଥିପାଇଁ ତ ବିଶ୍ୱର ଆଦ୍ୟ ସାମ୍ବାଦିକ ଭାବେ ସେ ପରିଚିତ ଓ ପୂଜିତ।



ନବ୍ୟ ଜୀବନର ଭବ୍ୟ ଆହ୍ୱାନ ମଧ୍ୟରେ ପରିପୁଷ୍ଟ ଏବେକାର ସମାଜ ଆଧୁନିକତାର ପ୍ରବାହ ମଧ୍ୟରେ ଖବରର ପ୍ରାଚୀନ ପରିଭାଷା ବଦଳାଇଦେଇଛି। ସମାଜର ଲୋକେ ଯାହା ଜାଣିନାହାନ୍ତି, ତାହା ତାଙ୍କୁ ଜଣାଇଦେବାର ମହତ୍ ଲକ୍ଷ୍ୟ ମଧ୍ୟରେ ଆଉ ନିର୍ଣ୍ଣିତ ହେଉନାହିଁ ଖବରର ସଂଜ୍ଞା। ବରଂ ସେମାନେ ଜାଣିଥିବା କଥାଟି ବାହାରେ ଆଉ କିଛି କଥା ଅଛି ଓ ସେଇ କଥାଟିକୁ ନ ଜାଣିଲେ ସମ୍ପୂର୍ଣ୍ଣ ସତ୍ୟ ପାଖରେ ପହଞ୍ଚି ହେବ ନାହିଁ, ଏହିଭଳି ଏକ ଅବବୋଧ ସୃଷ୍ଟି କରାଯାଇ ଖବରଟିକୁ ରୋଚକ କରିବା ଭିତ୍ତିରେ ନିର୍ଣ୍ଣିତ ହେଉଛି ସାମ୍ବାଦିକର ସାମର୍ଥ୍ୟ। ଆଉ ଏ ସବୁ କରିବାରେ ଭିନ୍ନ ମତ ପୋଷଣ କରୁଥିବା ଓ ଏହା ପ୍ରକୃତ ସାମ୍ବାଦିକ ଧର୍ମର ପରିପନ୍ଥୀ ବିଚାରୁଥିବା ସାମ୍ବାଦିକଟିଏ ଖବର ପ୍ରସାରଣ ବଜାରରେ ଅଲୋଡ଼ା ହୋଇ ରହିଯାଉଛି। ଛାପା ଖବର ସଂସ୍ଥା ବା ପ୍ରିଣ୍ଟ ମିଡିଆ ଅପେକ୍ଷା ବିଭିନ୍ନ ଟିଭି ଚ୍ୟାନେଲ ବା ଇଲେକ୍‌ଟ୍ରୋନିକ ମିଡିଆରେ ଏହି ଧାରାର ଖବର ପ୍ରସାରଣ ଅଧିକ ଗୁରୁତ୍ୱ ହାସଲ କରୁଛି।

ବିଜ୍ଞାନ ଓ ବୌଦ୍ଧିକତାର ବିସ୍ତାରଣ ମଧ୍ୟରେ ବିଶ୍ୱର ଭୂଗୋଳ କ୍ରମେ ସଙ୍କୁଚିତ ହୋଇ ବିଶ୍ୱ ଗ୍ରାମରେ ପହଞ୍ଚିଯାଉଛି ସିନା, ମାତ୍ର ଅନେକ କ୍ଷେତ୍ରରେ ଖବର ପ୍ରସାରଣ ଆଶାନୁରୂପ ହୋଇପାରୁନି। ଏମିତି କେତେକ ଖବର ପ୍ରକାଶ ପାଉଛି, ଯାହା ଜନମଙ୍ଗଳରେ ଆସିପାରୁନାହିଁ ବୋଲି ଚର୍ଚ୍ଚା ହୋଇଥାଏ। ପୂର୍ବରୁ ରାଜଧାନୀ ଭୁବନେଶ୍ୱରର ଅଧିବାସୀମାନଙ୍କ ପାରସ୍ପରିକ ଅସଂଲଗ୍ନ ଅବସ୍ଥାକୁ ବ୍ୟଙ୍ଗ କରି କୁହାଯାଉଥିଲା– 'ଭୁବନେଶ୍ୱର ଏମିତି ଏକ ବିଚିତ୍ର ସହର ଯେ, ଏଠି ଏପାଖ ଘରର କେହି ମରିଗଲେ ତାଙ୍କ ପୁଅ ନାତିମାନେ ଲଣ୍ଡା ନ ହେବାଯାଏ ସେ ପାଖଘରର ଲୋକ କେହି ଜାଣିପାରିବେ ନାହିଁ।' ଅବଶ୍ୟ ସେ ଅବସ୍ଥାରେ ଅନେକ ପରିବର୍ତ୍ତନ ଆସିଲାଣି।

ଇଲେକ୍‌ଟ୍ରୋନିକ ଗଣମାଧ୍ୟମର କଥା କହିଲେ ନ ସରେ। ସମାନ ଖବରଟିଏ ସଂଘଟିତ ହୋଇଥିବ କେଉଁ ଏକ ସ୍ଥାନରେ, ଏକ ନିର୍ଦ୍ଦିଷ୍ଟ ସମୟରେ। ଅଥଚ ଦୁଇଟି ଟିଭି ଚ୍ୟାନେଲରେ ତାହାର ପ୍ରସାରଣର ଭାଷା ହୋଇଥିବ ଭିନ୍ନ। ଟିଭି ଚ୍ୟାନେଲରେ କେଉଁଠି ହତ୍ୟା ଆତ୍ମହତ୍ୟାର ରୂପ ନେଉଥିବ ତ ଅନ୍ୟଠି ଆତ୍ମହତ୍ୟାକୁ ହତ୍ୟା ଭାବେ ପ୍ରଚାର କରାଯାଉଥିବ। ତହିଁରେ ଏଠାକାର ଖବରଦାତାମାନଙ୍କ ଖବର ପରିବେଷଣର ଶୈଳୀ ପୁଣି ଆହୁରି ବିଚିତ୍ର। ସୀମାନ୍ତ ସୁରକ୍ଷାରେ ନିୟୋଜିତ ସୈନ୍ୟ ଜଣେ ଶତ୍ରୁର ଗୁଳିରେ ଶହୀଦ ହୋଇଗଲେ ମୁଣ୍ଡ ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଥିବା ତାଙ୍କ ବୃଦ୍ଧ ପିତାଙ୍କୁ କେଉଁଠି ପଚରା ଯାଉଥିବ ଅତ୍ୟନ୍ତ ଅମାନବିକ ଏକ ପ୍ରଶ୍ନ– ''ପୁଅ ଆପଣଙ୍କର ଶହୀଦ ହୋଇଗଲେ। କ'ଣ କହିବେ ଆପଣ!'' ପୁଣି ଅନ୍ୟ କେଉଁଠି ପ୍ରଚଣ୍ଡ ଅଗ୍ନିକାଣ୍ଡରେ ନିଜର ସର୍ବସ୍ୱ ହରାଇଥିବା ଲୁଗା ଗୋଦାମର ହତଭାଗ୍ୟ ମାଲିକଙ୍କୁ ପଚରା ଯାଉଥିବ ଏକ କ୍ରୋଧ ଉଦ୍ଦୀପକ ହାସ୍ୟାସ୍ପଦ ପ୍ରଶ୍ନ– ''ଆପଣଙ୍କର ଏ ବିପୁଳ କ୍ଷତି ଦେଖି କ'ଣ କହିବେ! କେତେ ଦୁଃଖ ଲାଗୁଛି ଆପଣଙ୍କୁ?''

ଖବର ମଧ୍ୟରେ ଏପ୍ରକାର ବିସମ୍ବାଦର ଧାରା ସବୁଠୁଁ ଉତ୍କଟ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ। ସ୍ମାର୍ଟଫୋନ୍ ପ୍ରଚଳନ ହେବା ଦିନରୁ ହ୍ୱାଟ୍ସଆପ୍, ଫେସ୍‌ବୁକ୍, ୟୁଟ୍ୟୁବ୍ ବା ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଖବର ପ୍ରସାରଣର ଧାରା ଏତେ ବ୍ୟାପକ ହୋଇଗଲାଣି ଯେ, ଏହାର ପ୍ରତ୍ୟେକ ବ୍ୟବହାରକାରୀ ଏବେ ଜଣେ ଜଣେ ସାମ୍ବାଦିକ। ସଚ୍ଚା ସାମ୍ବାଦିକର ଭୂମିକା ନିର୍ବାହ କରି ମୋବାଇଲ ମିଡିଆରେ ବିଭିନ୍ନ ଖବର ପରିବେଷଣ କରୁଥିଲେ ଆଉ କଥା ନ ଥା'ନ୍ତା। ମାତ୍ର ଆଖି ଖୋସି ହୋଇଗଲା ପରି ହଟଚମଟ ସୃଷ୍ଟିକାରୀ ବିସମ୍ବାଦ ପ୍ରସାରଣ କରି ଏଇ ବିସାମ୍ବାଦିକମାନେ ନିଜେ ନିଜକୁ ସାମାଜିକ ଗଣମାଧ୍ୟମର ନାୟକ ମନେକରନ୍ତି। କେଉଁଠି ବ୍ୟାଙ୍କର ଅନେକ କୋଟି ଟଙ୍କା ଠକି ନେଇ ବିଦେଶ ପଳାଇ ଯାଇଥିବା ଅର୍ଥନୈତିକ ଅପରାଧୀ ନୀରବ ମୋଦିଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କୀୟ ଭାଇ ବୋଲି ଘୋଷଣା କରନ୍ତି ତ ପୁଣି ଅନ୍ୟଠି କେଇକ୍ଷଣ ପୂର୍ବରୁ ବହୁଦର୍ଶିତ ଟେଲିଭିଜନ ଶୋ' 'କୌନ୍ ବନେଗା କରୋଡ଼ପତି'କୁ ସକ୍ରିୟ ଭାବେ ସଞ୍ଚାଳନ କରିଥିବା ବିଗ୍ ବି ଅମିତାଭ ବଚ୍ଚନଙ୍କ ଫଟୋଚିତ୍ରରେ ଫୁଲମାଳ ଲମ୍ବାଇ 'ଏକ ଯୁଗର ଅବସାନ' ଭଳି ଶୋକବାର୍ତ୍ତା ଲେଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରନ୍ତି!

ଏମିତି ବିଚିତ୍ର ବିସମ୍ବାଦରୁ ଆଧୁନିକ ବୋଲାଉଥିବା ଆମ ଏବେକାର ଅତ୍ୟାଧୁନିକ ସମାଜ କେବେ ଓ କେମିତି ଏଥିରୁ ମୁକ୍ତି ପାଇବ, ତାହା ଆମ ସମାଜପତିମାନେ ଯେତେଶୀଘ୍ର ଚିନ୍ତା କରିବେ ସେତେ ମଙ୍ଗଳ।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିଆଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# 'ହୃଦୟ ଦୀପ'ର କାହାଣୀକାର

ବ୍ୟକ୍ତିତ୍ୱ



ବାନୁ ମୁସ୍ତାକ୍

'ମୋ ଗାଁ ବରଗଛ ମୂଳେ ଜନ୍ମ ହୋଇଥିବା ଏକ କାହାଣୀ ସମଗ୍ର ବିଶ୍ୱରେ ତା'ର ଛାୟା ବିସ୍ତାର କରିପାରେ।' ଇଣ୍ଟରନ୍ୟାଶନାଲ ବୁକ୍‌ର ପ୍ରାଇଜ୍ ପାଇବା ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଏଭଳି ବୈଶ୍ୱିକ ବାଣୀ ଉଚ୍ଚାରଣ କରିଥିବା ମହିଳା ବାନୁ ମୁସ୍ତାକ୍ ଏବେ ପାଲଟି ଯାଇଛନ୍ତି ଚର୍ଚ୍ଚିତ ଲେଖିକା। କନ୍ନଡ଼ ଭାଷାରେ ଲିଖିତ 'ହୃଦୟ ଦୀପ'କୁ 'ଇଂଲିଶ୍‌ରେ 'ହାର୍ଟ ଲ୍ୟାମ୍ପ' ଭାବେ ଅନୁବାଦ କରି ଅନ୍ତର୍ଜାତୀୟ ପୁରସ୍କାର ସିଦ୍ଧ କରିଥିବାରୁ ଅନୁବାଦିକା ଦୀପା ଭସ୍ତିଙ୍କୁ ବାନୁ ଉଚ୍ଚ ପ୍ରଶଂସା କରିଛନ୍ତି। ମୁସଲମାନ ଲେଖିକା ଓ ହିନ୍ଦୁ ଅନୁବାଦିକାଙ୍କ ଯୁଗଳ ସୃଜନ କର୍ନାଟକ ସାହିତ୍ୟକୁ ଉଚ୍ଚରେ ପହଞ୍ଚାଇବାରେ ସକ୍ଷମ ହୋଇଛି। ଅନେକଟି ସୃଷ୍ଟିରେ ନାରୀକୁ କେନ୍ଦ୍ରୀୟ ଚରିତ୍ର କରି ତା'ର ଅଧିକାର ସାବ୍ୟସ୍ତ ସକାଶେ ଲେଖନୀ ଚାଳନା କରିଥିବା ମହିଳାଙ୍କ ଚିନ୍ତାଧାରାକୁ ଉଚିତ ବ୍ୟାଖ୍ୟାନ କରିଥିବା ଆଉ ଜଣେ ମହିଳା ନିଶ୍ଚିତ ଭାବେ ସମ୍ମାନଯୋଗ୍ୟା। ଦୁହିଁଙ୍କୁ ଅନ୍ତର୍ଜାତୀୟ ସମ୍ମାନର ଅର୍ଥ ନାରୀ ସମାଜକୁ ମର୍ଯ୍ୟାଦାର ଗାଦିରେ ବସାଇ ଦିଆଯିବା। ଜୀବନବ୍ୟାପୀ ମହିଳାଙ୍କ ହକ୍ ପାଇଁ ସାମାଜିକ ଆନ୍ଦୋଳନ ଓ ସଂସ୍କୃତିସମ୍ପନ୍ନ ସାହିତ୍ୟ ଯାତ୍ରା ମାଧ୍ୟମରେ ସ୍ଥାନୀୟ ଚରିତ୍ରକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥିବାରୁ ବାନୁଙ୍କୁ ନେଇ ଚାରିଆଡ଼େ ଗୋଟେ ସକାରାତ୍ମକ ଆଲୋଚନା ହେବା ଜଣେ ସ୍ରଷ୍ଟା ପାଇଁ ଅତି ଗୌରବର କଥା। ପ୍ରତ୍ୟେକଙ୍କ ହୃଦୟରେ ଦୀପଟିଏ ଜାଳିବା ପାଇଁ ନିଜେ ସଳିତା ପାଲଟିବା ସମସ୍ତଙ୍କ ଭାଗ୍ୟରେ ଜୁଟି ନ ଥାଏ। ବାନୁ ଆଜି ତାଙ୍କ ସୃଜନ ସଳିତାରେ ବିଶ୍ୱକୁ ଆଲୋକୀକରଣ କରିଥିବାରୁ ତାଙ୍କ ଜୀବନ ଓ ସୃଜନଯାତ୍ରା ବିଷୟରେ ସମସ୍ତେ ଜିଜ୍ଞାସା ରଖିବା ସ୍ୱାଭାବିକ।

ବାନୁ ମୁସ୍ତାକ୍ କର୍ନାଟକର ହାସାନଠାରେ ୧୯୪୮ରେ ଏକ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୮ ବର୍ଷ ବୟସରେ ତାଙ୍କୁ ଶିବମୋଗାସ୍ଥିତ କନ୍ନଡ଼ ଲାଙ୍ଗୁଏଜ୍ ମିଶନାରି ସ୍କୁଲରେ ଭର୍ତ୍ତି କରାଯାଇଥିଲା। ସର୍ତ୍ତ ଥିଲା ସେ ୬ ମାସ ମଧ୍ୟରେ ଯେପରି କନ୍ନଡ଼ ଭାଷା ଲେଖିବା ଓ ପଢ଼ିବା କରିପାରନ୍ତି। ହେଲେ ସେ ମାତ୍ର କେଇ ଦିନରେ ତାହା କରି ଦେଖାଇବା ପରେ ତାଙ୍କ ପ୍ରତିଭାର ପରିଚୟ ପିଲାଦିନୁ ମିଳିପାରିଥିଲା। ପରବର୍ତ୍ତୀ ସମୟରେ ସେ ବିଶ୍ୱବିଦ୍ୟାଳୟରେ ପଢ଼ାଶେଷ କରିଥିଲେ। ୨୬ ବର୍ଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ତାଙ୍କ ପ୍ରାରମ୍ଭିକ ବୃତ୍ତି ଥିଲା ସାମ୍ବାଦିକତା, 'ଲଙ୍କେଶ ପତ୍ରିକେ'ରେ ରିପୋର୍ଟର। ପରବର୍ତ୍ତୀ ସମୟରେ ସେ କିଛି ସମୟ ପାଇଁ ବେଙ୍ଗାଲୁରୁସ୍ଥିତ ଆକାଶବାଣୀରେ କାର୍ଯ୍ୟ କରିଥିଲେ। ୧୯୮୦ରେ ବାନୁ କର୍ନାଟକରେ ଦେଖାଦେଇଥିବା ମୌଳବାଦ ଓ ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ମସ୍‌ଜିଦରେ ମୁସଲମାନ ମହିଳାଙ୍କ ପ୍ରବେଶ ଅଧିକାରକୁ ସମର୍ଥନ କରିବାରୁ ତାଙ୍କୁ ଓ ତାଙ୍କ ପରିବାର ବିରୋଧରେ ୨୦୦୦ ମସିହାରେ ୩ ମାସିଆ ସାମାଜିକ ବାସନ୍ଦ ଲାଗୁ କରାଯାଇଥିଲା। ଏପରିକି ତାଙ୍କୁ ଟେଲିଫୋନ୍‌ରେ ଅନେକେ ଅଭଦ୍ର ଭାଷାରେ ଗାଳି କରିବା ସହ ଜଣେ ଛୁରି ଭୁସିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସ୍ୱାମୀଙ୍କ ପ୍ରତିରୋଧ ଯୋଗୁ ସେ ଅଘଟଣରୁ ବର୍ତ୍ତି ଯାଇଥିଲେ। ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ ତାଙ୍କ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ, ବରଂ ସବୁ ଅଡୁଆ ଘଟଣା ତାଙ୍କୁ ସଶକ୍ତ ହେବା ଲାଗି ସୁଯୋଗ ଯୋଗାଇ ଦେଇଥିଲା।

ପିଲାଟିବେଳୁ ଲେଖାଲେଖି ପ୍ରତି ଆଗ୍ରହ ଥିଲେ ମଧ୍ୟ ୨୯ ବର୍ଷଯାଏ ସେ ଲେଖକୀୟ ସ୍ୱୀକୃତି ପାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାରକୁ ସେ ପ୍ରତ୍ୟକ୍ଷ କରିବା ପରେ ନାରୀବାଦୀ ଲେଖିକା ହୋଇଯାଇଥିଲେ। ୬ଟି କ୍ଷୁଦ୍ରଗଳ୍ପ ସଙ୍କଳନ ସହ ଗୋଟିଏ ଲେଖାଏ ଉପନ୍ୟାସ, ପ୍ରବନ୍ଧ ଓ କବିତା ସମଗ୍ରକୁ ନେଇ ତାଙ୍କ ସୃଜନ ସଂସାର ବେଶ୍ ସୁଦୃଢ଼। ତାଙ୍କ କାହାଣୀ 'ହାସିନା' ଚଳଚ୍ଚିତ୍ର ଭାବେ ମୁକ୍ତିଲାଭ କରିବା ପରେ ତାହା ଅନେକଙ୍କୁ ପ୍ରଭାବିତ କରିଥିଲା। ୧୯୭୦ରେ ବନ୍ଦୟ ସାହିତ୍ୟ (ଲେଖକଙ୍କ ବୈପ୍ଳବିକ ମଞ୍ଚ)ର ସେ ଅଂଶବିଶେଷ ପାଲଟିଥିଲେ। ପୁଣି ଜଣେ ଆଇନଜୀବୀ ଭାବେ ବାନୁ ମହିଳାଙ୍କୁ ନ୍ୟାୟ ବାଣ୍ଟିବା ବେଳେ ସେଥିରୁ ସେ ଅନେକ ଚରିତ୍ରକୁ ଭେଟିଛନ୍ତି, ଯେଉଁଗୁଡ଼ିକ ତାଙ୍କ ପାଇଁ ପରବର୍ତ୍ତୀ ସମୟରେ କାହାଣୀର ରୂପ ପାଇପାରିଛି। ଏକ ଶୁଦ୍ଧ ମନ ଓ ସକାରାତ୍ମକ ସଂକଳ୍ପ ନେଇ ସେ ପ୍ରତିଟି ଚରିତ୍ରକୁ ବାସ୍ତବାୟିତ କରିପାରିଥିବାରୁ ଦିନେ ତାଙ୍କ ଉପରେ ଲାଗିଥିବା 'ଫତ୍‌ୱା' ତାଙ୍କ ପାଇଁ 'ଫେମ୍' ଆଣିଦେଲା ବୋଲି ସମୀକ୍ଷକମାନେ ମତ ଦେଇଥାଆନ୍ତି। ବିଶେଷକରି ୧୨ଟି କ୍ଷୁଦ୍ରଗଳ୍ପ ସଙ୍କଳନ 'ହୃଦୟ ଦୀପ'ରେ ବାନୁ ଦକ୍ଷିଣ ଭାରତର ପିତୃକେନ୍ଦ୍ରିକ ପରିବାରରେ ମହିଳାଙ୍କ ଦୈନନ୍ଦିନ ଜୀବନ, ସେମାନଙ୍କୁ କରାଯାଉଥିବା ଶୋଷଣ ଓ ସ୍ୱାଧୀନତାକୁ କ୍ୱଚିତ ସହ୍ୟ କରୁଥିବା ରକ୍ଷଣଶୀଳ ସମାଜର ପ୍ରତିଟି ଦିଗକୁ ବ୍ୟାଖ୍ୟାନ କରିଛନ୍ତି। ତେଣୁ ୭୧ ବର୍ଷୀୟା ମହିଳା ତାଙ୍କ ଲେଖା ମାଧ୍ୟମରେ କହିବାକୁ ଚାହିଁଛନ୍ତି 'ଆମ୍ଭେମାନେ ଏପରିକି ଏକ ବିଶ୍ୱ ସମୁଦାୟ ଭାବେ ତିଷ୍ଠିପାରିବା ଯେତେବେଳେ ବିବିଧତାକୁ କୋଳେଇ ନେବା, ମତଭେଦକୁ ସମ୍ମାନ ଦେବା ଓ ପରସ୍ପରର ଉନ୍ନତିରେ ନିଜକୁ ଉତ୍ସର୍ଗ କରିପାରିବା'। ଆଞ୍ଚଳିକ ଚିନ୍ତାଧାରା କିଭଳି ବୈଶ୍ୱିକ ଭାବଧାରାକୁ ପରିବର୍ତ୍ତନ କରିବାରେ ସହାୟକ ହୋଇପାରେ, ବାନୁ 'ହୃଦୟ ଦୀପ' ଜରିଆରେ ଦର୍ଶାଇବାକୁ ଚାହିଁଛନ୍ତି। ଦୀର୍ଘ ୩୦ ବର୍ଷ ଧରି ରଚିତ କାହାଣୀର ସଙ୍କଳିତ ରୂପ 'ହାର୍ଟ ଲ୍ୟାମ୍ପ' ନିଶ୍ଚିତ ଭାବେ ଅନେକଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିବା ଥୟ।

କୌତୂହଳର ବିଷୟ, ଲଣ୍ଡନର ଟାଟେ ମଡର୍ନଠାରେ ମର୍ଯ୍ୟାଦାପୂର୍ଣ୍ଣ ସାହିତ୍ୟ ସମ୍ମାନ ଗ୍ରହଣ କରୁଥିବା ବେଳେ ବାନୁଙ୍କ ହସ ବେଶ୍ ସୁନ୍ଦର ଥିଲା ଓ ତାଙ୍କ ଶାଢ଼ି ମଧ୍ୟ ଝଟକୁଥିଲା। କିନ୍ତୁ ସେ ପରିଧାନ କରିବାକୁ ଯୋଜନା କରିଥିବା ଶାଢ଼ି ତାହା ନ ଥିଲା। କାରଣ ଲଣ୍ଡନଯାତ୍ରା ସମୟରେ ତାଙ୍କ ସୁଟ୍‌କେଶଟି ହଜିଯାଇଥିଲା, ଯେଉଁଥିରେ ଥିଲା ଆବଶ୍ୟକ ଔଷଧ ଓ ପୁରସ୍କାର ଉତ୍ସବ ପାଇଁ ବାଛିଥିବା ରେଶମୀ ଶାଢ଼ି। କାହାଣୀକାର ଯେତେବେଳେ ନିଜ କାହାଣୀର ଚରିତ୍ର ପାଲଟି ଯାଆନ୍ତି, ସେତେବେଳେ ହଜିଯାଇଥିବା ଜିନିଷ ତାଙ୍କ ପାଖକୁ ନ ଆସି 'ଦାବିବିହୀନ ବସ୍ତୁ' ବିକ୍ରୟ କେନ୍ଦ୍ରରେ ନୂଆ ମାଲିକ ପାଇଯିବା ନିଶ୍ଚିତ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରତିକୂଳ ସ୍ଥିତି ଉଲଫତା ବାନୋଙ୍କୁ ତାଙ୍କ କର୍ତ୍ତବ୍ୟରୁ ବିରତ କରିପାରିନାହିଁ। ଦୀର୍ଘ ୩୦ ବର୍ଷ ଧରି କଶ୍ମୀରର ଏହି ୫୫ ବର୍ଷୀୟା ପୋଷ୍ଟଓମେନ ସେବା ଯୋଗାଇ ଆସୁଛନ୍ତି। ଉଲଫତା ରହୁଛନ୍ତି ଦକ୍ଷିଣ କଶ୍ମୀରର ଶୋପିଆନ ଜିଲାର ହିରପୋରା ଗାଁରେ। ସେ ଶୀତଦିନେ ବରଫରେ ଯାଇ ଲୋକଙ୍କ ପାଖରେ ପାର୍ସଲ ପହଞ୍ଚାଇଥାନ୍ତି। ସେ ଦିନକୁ ୨୦–୨୫ ପାର୍ସଲ ଦେଇଥାନ୍ତି। ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଛନ୍ତି। ଏହି କାର୍ଯ୍ୟ ପାଇଁ ସେ କେବେ ବି ପରିବହନ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନାହାନ୍ତି। ଏପରି କି ନିଜ ପାଇଁ ସୁରକ୍ଷା ଚାହିଁନାହାନ୍ତି। ସେ ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଥାନ୍ତି। ତାଙ୍କ ଗାଁ ଶ୍ରୀନଗରଠାରୁ ପାଖାପାଖି ୭୦ କିଲୋମିଟର ଦୂର। ସେଠାରେ ଶୀତଦିନେ ତାପମାତ୍ରା ମାଇନସ୍ ୧୫ ଡିଗ୍ରୀ ସେଲ୍‌ସିୟସ ରହେ ଓ ଗାଁଟି ବରଫରେ ମାସ ମାସ ଧରି ବୁଡ଼ିରହେ। ଜୀବନଜୀବିକା ବାଧାପ୍ରାପ୍ତ ହୋଇଥାଏ। ତଥାପି ଉଲଫତା ପ୍ରତିଦିନ ହିପୋରା ପୋଷ୍ଟ ଅଫିସ୍‌ରୁ ଚିଠି ଓ ପାର୍ସଲଗୁଡ଼ିକୁ ନେଇ ଲୋକମାନଙ୍କ ନିକଟରେ ପହଞ୍ଚିଯାଆନ୍ତି। ବିଶେଷକରି ହିପୋରାର ଛାତ୍ରୀଛାତ୍ରମାନେ ସେମାନଙ୍କ ପାଠ୍ୟ ଉପକରଣ ଓ ବହି ପାଇବା ଲାଗି ଉଲଫତାଙ୍କୁ ଚାହିଁ ରହିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୭୬

- ସହଯୋଗ ବୃଦ୍ଧି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟ ନିମନ୍ତେ ଭାରତ ଓ ରୋମାନିଆ ମଧ୍ୟରେ ୨ଟି ଚୁକ୍ତି ସ୍ୱାକ୍ଷରିତ।
- ଅନୁନ୍ନତ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଛାତ୍ରବୃତ୍ତି, ମାଗଣାରେ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷାଗତ ସୁବିଧା ଯୋଗାଣ ପାଇଁ କେନ୍ଦ୍ର ସରକାର ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 3 | 6 | | |
| 2 | | 3 | | | | | | |
| | | | | 7 | | | | 4 |
| 1 | | | | | | | | |
| 6 | | 9 | 3 | | | | 8 | |
| 7 | | 8 | 6 | | 1 | | | |
| 8 | | | | | | 9 | 2 | |
| | 2 | 1 | | | | | 4 | 5 |
| | | 6 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 7 | 3 | 8 | 6 | 2 | 4 |
| 6 | 8 | 3 | 9 | 2 | 4 | 1 | 5 | 7 |
| 2 | 7 | 4 | 1 | 6 | 5 | 3 | 9 | 8 |
| 4 | 1 | 9 | 6 | 5 | 7 | 2 | 8 | 3 |
| 8 | 6 | 7 | 3 | 4 | 2 | 5 | 1 | 9 |
| 5 | 3 | 2 | 8 | 1 | 9 | 7 | 4 | 6 |
| 9 | 2 | 6 | 5 | 8 | 3 | 4 | 7 | 1 |
| 7 | 5 | 1 | 4 | 9 | 6 | 8 | 3 | 2 |
| 3 | 4 | 8 | 2 | 7 | 1 | 9 | 6 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାସ୍ତାକଡ଼ ଖାଦ୍ୟ କେତେ ସୁରକ୍ଷିତ

ମହାଶୟ,

ରାଜଧାନୀ ଭୁବନେଶ୍ୱରରେ ଗଳିକନ୍ଦିଠାରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ପର୍ଯ୍ୟନ୍ତ ଯେଉଁଠି ଦେଖ ଜଳଖିଆ ସହଜରେ ମିଳିପାରିବ। ଠେଲାଗାଡ଼ିରେ ହେଉ ଅବା ତଳେଇ ଟାଣି ହେଉ ସବୁଠି ଫାଷ୍ଟଫୁଡ୍‌ର ମଜା ନେଇପାରିବେ ଆପଣ। ମାତ୍ର ତାହା କେତେ ସୁରକ୍ଷିତ ଆପଣ ଜାଣନ୍ତି କି? ସରକାର ସ୍ୱଚ୍ଛ ପରିବେଶ ସାଙ୍ଗକୁ ସ୍ୱାସ୍ଥ୍ୟକର ଖାଦ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିକ୍ରି କରିବା ନିମନ୍ତେ ବିଭିନ୍ନ ନିୟମ ପ୍ରଣୟନ କରିଛନ୍ତି, ମାତ୍ର ଦୋକାନୀ ସେ ସବୁକୁ ଖାତିର ନ କରି ଯିଏ ଯେଉଁଠି ପାଇଲା ଦୋକାନ ଖୋଲି ଦେଉଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଓ ନିମ୍ନ ମାନର ଉପକରଣ ବ୍ୟବହାର କରି ପାଟିକୁ ସୁଆଦିଆ ଲାଗୁଥିବା ଜିନିଷକୁ ଗ୍ରାହକଙ୍କୁ ଦେଇ ଭଲ ଦି' ପଇସା ରୋଜଗାର କରୁଛନ୍ତି। ଯାହାକୁ ଖାଇ ପେଟ ସମସ୍ୟା ଦେଖାଦେଉଛି। ଡାକ୍ତର ମଧ୍ୟ ବାହାର ଖାଦ୍ୟ ଖାଇବାକୁ ମନା କରୁଛନ୍ତି। ମାତ୍ର ନାଲି, ନେଳି ଦେଖାଯାଉଥିବା ଖାଦ୍ୟକୁ ଆମେ ଆମର ଲୋଭ ସମ୍ବରଣ କରି ନ ପାରି ଖାଇ ଦେଉଛୁ ଆଉ ତାହା ଆମ ଶରୀର ପାଇଁ କେତେ ସୁରକ୍ଷିତ ତାହା ବିଚାର କରିବାର ଆବଶ୍ୟକତା ଅଛି ବୋଲି ମନେହୁଏ।

– ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏଁ ସ୍ୱର୍ଗ ସିଦ୍ଧି,
ଭୋଗିବାକୁ ତାହା
ବେଳ ନାହିଁ, ଆହା!
କିବା ଲୋଡ଼ା
ସ୍ୱର୍ଗ ଯୋଡ଼ା ?

(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ





ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ନିଜିଗଡ଼ ସେକ୍ସନର ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ରାଜ୍ୟ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବିଧାୟକ, ପ୍ରଶାସନିକ ଅଧିକାରୀ ଓ ସାଧାରଣ ଜନତା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଶେଷ ସମ୍ମାନ ଜଣାଇଲେ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ

ଢଙ୍କାନାଳ/କାମାକ୍ଷାନଗର, ୨୪।୫
(ରତନ ନାୟାର/ସୁଧୀର କୁମାର ପରିଡା)

## ଫରେଷ୍ଟଗାର୍ଡଙ୍କୁ ଗୁଳିକରି ହତ୍ୟା ଘଟଣା

ଢେଙ୍କାନାଳ ଜିଲା କାମାକ୍ଷାନଗର ଜିରିଡାମାଳି ଗ୍ରାମର ଫରେଷ୍ଟଗାର୍ଡ ପ୍ରହ୍ଲାଦ ପ୍ରଧାନ ଓରଫ ମାନସ ଶୁକ୍ରବାର ରାତିରେ ଶିକାରୀଙ୍କ ଗୁଳିରେ ମୃତ୍ୟୁବରଣ କରିଛନ୍ତି। ସେ ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ଶିକାରୀଙ୍କ ଗୁଳିମାଡ଼ର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ସନ୍ଧ୍ୟାରେ କାମାକ୍ଷାନଗରରେ ପ୍ରହ୍ଲାଦଙ୍କ ମୃତଦେହ ପହଞ୍ଚିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଭାଜପା ଜିଲା ସଭାପତି ରାସବିହାରୀ ବେହେରା, ଢେଙ୍କାନାଳ ଜିଲାପାଳ ସୋମେଶ ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ୱାଇଲ୍ଡ ଲାଇଫ) ପ୍ରେମ କୁମାର ଝା, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ



କୁମାର ସ୍ୱାଇଁ, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ ଡି. ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି , କାମାକ୍ଷାନଗର ଉପଜିଲାପାଳ ଦିନମଣୀ ନାୟକଙ୍କ ସମେତ ବନବିଭାଗର ବିଭିନ୍ନ ପଦାଧିକାରୀ, ରାଜନେତା ସାଧାରଣ ଜନତା ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଶାସନ ପକ୍ଷରୁ ଗାଡ୍ ଅଫ ଅନର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଂଜୟ କୁମାର ସ୍ୱାଇଁ କହିଥିଲେ, ଶିକାରୀମାନେ ବନ୍ଧୁକ ଦେଖାଇ ଓ ବନ କର୍ମଚାରୀଙ୍କୁ ହତ୍ୟା କରି ଭୟଭୀତ କରିବାରେ ବନବିଭାଗ ଡରିଯିବନି। ଏ ଘଟଣା ବିଭାଗକୁ ତତ୍ପର କରିଦେବା ସହ କର୍ମଚାରୀଙ୍କ ମନୋବଳ ବୃଦ୍ଧି କରିଛି। ଆଗାମୀ ଦିନରେ ଏହାର ଦୃଢ ଯବାବ ଦିଆଯିବ। ଜଙ୍ଗଲୀ ଜୀବଜନ୍ତୁଙ୍କୁ ଶିକାରୀଙ୍କ କବଳରୁ ରକ୍ଷା କରିବା ପାଇଁ ଅଧିକରୁ ଅଧିକ କାର୍ଯ୍ୟ କରାଯିବ।

### ଶିକାରୀଙ୍କୁ ଦୃଢ଼ ଭାବେ ଦମନ କରାଯିବ: ମନ୍ତ୍ରୀ

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଓ ଦୁଃଖଦ ଘଟଣା। ସରକାର ଶାନ୍ତିରେ ବିଶ୍ୱାସ କରନ୍ତି। ଶିକାରୀଙ୍କ ଏଭଳି କାର୍ଯ୍ୟକୁ ସେ ଦୃଢ଼ ଭାବେ ନିନ୍ଦା କରିବା ସହ ଏଭଳି ଘଟଣା ନେଇ ବନ ବିଭାଗ ଡରିଯିବନି ବୋଲି କହିବା ସହ ଶିକାରୀଙ୍କୁ ବନବିଭାଗ ଦୃଢ ଭାବରେ ଦମନ କରିବ ବୋଲି କହିଥିଲେ। ଆଗାମୀ ଦିନରେ ବନ କର୍ମଚାରୀଙ୍କୁ ଅସ୍ତ୍ର ପ୍ରଦାନ କରିବା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ଚାଲିଛି ବୋଲି ସେ କହିଥିଲେ।

## ରାଜ୍ୟର ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିଲେ



୨୦୨୫ ମାର୍ଚ୍ଚ ୨୧ରେ ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରହ୍ଲାଦ

ଶିକାରୀ ଗୁଳି ମାଡରେ ମୃତ ହିନ୍ଦୋଳ ରେଞ୍ଜ୍ ନିଜିଗଡ ସେକ୍ସନର ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନ ୨୦୨୫ ମାର୍ଚ୍ଚ ୨୧ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ବିଶ୍ୱ ବନ ଦିବସ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ରାଜ୍ୟର ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିଲେ । ଏହି ଉତ୍ସବରେ ସେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବନବିଭାଗର ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୫ ବର୍ଷର ଝିଅ ଦେଲେ ଶ୍ରଦ୍ଧାଞ୍ଜଳି



ପ୍ରହ୍ଲାଦ ବାପା ମା'ଙ୍କର ଏକମାତ୍ର ସନ୍ତାନ ଥିଲେ। ପରିବାର କହିଲେ ବାପା ମୁକୁନ୍ଦ ପ୍ରଧାନ, ମା' ମଞ୍ଜୁଲତା ପ୍ରଧାନ, ସ୍ତ୍ରୀ ଜ୍ୟୋତିରେଖା ବେହେରା ଓ ୫ ବର୍ଷର ଝିଅ। ଗ୍ରାମରେ ମର ଶରୀର ପହଞ୍ଚିବା ପରେ ବାପା, ସ୍ତ୍ରୀ ଓ ଏକ ମାତ୍ର ଝିଅ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଦେବା ଘଟଣା ଉପସ୍ଥିତ ନେତା, ଅଧିକାରୀ ଓ ସାଧାରଣ ଲୋକଙ୍କୁ ଶୋକରେ ଭସାଇ ଦେଇଥିଲା।

## ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତ ଧରାପଡ଼ିଲେନି

### ୪ବର୍ଷ ତଳେ କନ୍ଧରା ଜଙ୍ଗଲରେ ବନ ବିଭାଗ କର୍ମଚାରୀଙ୍କୁ ଗୁଳିମାଡ଼ ଘଟଣା

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ କନ୍ଧରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୨୦୨୧ ଫେବୃଆରୀରେ ବନବିଭାଗ କର୍ମଚାରୀମାନଙ୍କୁ ଶିକାରୀମାନେ ଅତର୍କିତ ଗୁଳିମାଡ଼ କରିବାରୁ ନିରସ୍ତ୍ର ବନବିଭାଗ କର୍ମଚାରୀମାନେ ନିଜର ଜୀବନ ବଞ୍ଚାଇ ପଳାଇ ଆସିଥିଲେ। ଫଳରେ ଶିକାରୀମାନେ ଏକ ଦନ୍ତାହାତୀକୁ ଶିକାର କରି ତାର ଦୁଇଦାନ୍ତକୁ ଲୁଟିନେଇ ପଳାଇଥିଲେ । ଏହି ଘଟଣାର ୪ବର୍ଷ ବିତିଲା ମଧ ଲୁଟ୍ ହାତୀଦାନ୍ତ ମିଳିଲା ନାହିଁ କିମ୍ବା କୌଣସି ଶିକାରୀ ଧରାପଡିଲେ ନାହିଁ । କନ୍ଧରା ଜଙ୍ଗଲ କଟକ ଜିଲା ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳକୁ ଲାଗିଥିବାରୁ ଶିକାରୀମାନେ ଉକ୍ତ ଅଞ୍ଚଳର ବୋଲି ବନବିଭାଗର ତଦନ୍ତରୁ ଜଣାପଡିଥିଲା। ସେହି ସମୟରେ ଉକ୍ତ ଅଞ୍ଚଳର ବନବିଭାଗର ଅଧିକାରୀମାନେ ତଦନ୍ତରେ ସହାୟତା ନ କରିବାରୁ ତତ୍କାଳୀନ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ, ରାଜ୍ୟ ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ଏ ସଂକ୍ରାନ୍ତରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ହିନ୍ଦୋଳ ରେଞ୍ଜ୍‌ର କନ୍ଧରା, କୋଇ ସଂରକ୍ଷିତ ଜଙ୍ଗଲରେ ହାତୀ, କଲରା ପତରିଆ ବାଘ, ବାରହା, ଗୟଳ ଆଦି ସମେତ ବହୁ ବନ୍ୟପ୍ରାଣୀ ରହୁଥିବାରୁ ଉକ୍ତ ଅଞ୍ଚଳରେ ବର୍ଷତମାମ ଶିକାରୀଙ୍କ ଉପଦ୍ରବ ବନବିଭାଗ ପାଇଁ ଏକ ଚ୍ୟାଲେଞ୍ଜ୍‌ସଦୃଶ ହୋଇଛି। ଅନ୍ୟପଟରେ ଶିକାରୀ ଉପଦ୍ରବ ରେଞ୍ଜ୍‌ଗୁଡିକରେ ବନବିଭାଗ କର୍ମଚାରୀମାନଙ୍କୁ ଶିକାରୀଙ୍କୁ ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବେ ଅସ୍ତ୍ରଶସ୍ତ୍ର ପ୍ରଦାନ ଏବଂ ତାଲିମର ଜରୁରୀ ଆବଶ୍ୟକତା ରହିଛ ବୋଲି ସାଧାରଣରେ ଆଲୋଚନା ହେଉଛି ।

## 'ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଜୀବନକୁ ବାଜି ଲଗାଇ ଦେଇଥିଲେ'

ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ସେ ଜଣେ ନିଷ୍ଠାପର କର୍ତ୍ତବ୍ୟରତ ବନ କର୍ମଚାରୀ ଥିଲେ । ଜଙ୍ଗଲ ଓ ବନପ୍ରାଣୀ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ଗତ ମାର୍ଚ୍ଚରେ ରାଜ୍ୟସ୍ତରରେ ସେ ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିଲେ। ତାଙ୍କୁ ଏଭଳି ହତ୍ୟା କରାଯିବା ଘଟଣାକୁ ନେଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ସରକାରୀ ଜମିରୁ ଉଚ୍ଛେଦ ପାଇଁ ନୋଟିସ



ପରଜଙ୍ଗ, ୨୪।୫(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ପ୍ରଶାସନର ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ସ୍ଥାନରେ ସରକାରୀ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା, ବାସଗୃହ, ଦୋକାନ ଗୃହ, ଫାର୍ମ ହାଉସ ଭଳି ଯେତେ ବେସରକାରୀ ନିର୍ମାଣ କରିଛନ୍ତି ବିଭିନ୍ନ ବ୍ୟକ୍ତି ବିଶେଷ ସେମାନଙ୍କୁ ପର୍ଯ୍ୟାୟ କ୍ରମେ ନୋଟିସ ଦିଆଚାଲିଛି ଏବଂ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ଶତାଧିକ ଦୋକାନ ଗୃହ ଉଚ୍ଛେଦ ହୋଇଥିବା ବେଳେ ବଡ଼କମର-ପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାର ପରଜଙ୍ଗ ଥାନା ପାଚେରିକୁ ଲାଗି ନିର୍ମାଣ ହୋଇଥିବା କିଛି ବେଆଇନ ଦୋକାନ ଗୃହକୁ ବୁଧବାର ଉଚ୍ଛେଦ କରାଯିବ। ତେଣୁ ତା' ପୂର୍ବରୁ ଦୋକାନ ଖାଲି କରିବାକୁ ବ୍ୟବସାୟୀମାନଙ୍କୁ ନୋଟିସ କରାଯାଇଥିବା ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ସୂଚନା ଦେଇଛନ୍ତି।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନ, ୨୪।୫ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଷ୍ଟିଲ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ ଛାତ୍ରୀଛାତ୍ରମନଙ୍କ କୃତିତ୍ୱକୁ ନେଇ ଶନିବାର ଖୁସି ମନାଇଛନ୍ତି । ଏହି ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବ୍ୟାଚ +୨ ବିଜ୍ଞାନ ପରୀକ୍ଷାରେ ସଫଳତା ଅନୁଷ୍ଠାନକୁ ଖୁସି ଆଣିଦେଇଛି। ଚଳିତ ବର୍ଷ ୧୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ସେଥିରେ ୧୫ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସେଥିମଧ୍ୟରୁ ଭୁବନ ବ୍ଲକ ଓ ଏନଏସିରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ସୁପ୍ରିୟା



ପଣ୍ଡା ୫୩୨ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ କଲେଜର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀମାନେ ଖୁସି ମନାଇଥିଲେ । ସର୍ବାଧିକ ନମ୍ବର ରଖିଥିବା ୩ଜଣ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରାଯାଇଥିଲା । କଲେଜର ପରାମର୍ଶଦାତା ବିପିନ ବିହାରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅଧକ୍ଷ ଏସ ଆର ଶିବପ୍ରସାଦ, ଉପାଧକ୍ଷ ମନୋଜ ନାୟକ, ଇଂରାଜୀ ଅଧ୍ୟାପକ ବାବୁରାମ ପ୍ରଧାନ ଓ ନିର୍ଦ୍ଦେଶକ ପ୍ରଦିପ ରାଏଙ୍କ ସହିତ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, କର୍ମଚାରୀ ଉପସ୍ଥିତ ଥିଲେ।

## କଲେଜ ପରିସରରେ ନିର୍ମାଣାଧୀନ ଶୌଚାଳୟକୁ ବିରୋଧ

ଢେଙ୍କାନାଳ,୨୪।୫(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୌରସଂସ୍ଥା ପକ୍ଷରୁ ନିର୍ମାଣାଧୀନ ଶୌଚାଳୟକୁ ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର ତୀବ୍ର ବିରୋଧ କରିଛନ୍ତି। ଏହାକୁନେଇ ରବିବାର ଢେଙ୍କାନାଳ କଲେଜ ଆଲୁମ୍ନି ଆସୋସିଏସନ ପକ୍ଷରୁ ଏକ ଜରୁରୀ ବୈଠକ ଡକାଯାଇଛି। କଲେଜ ଫାଟକ ନିକଟରେ ପ୍ରାୟ ୧୦୦ମିଟର ମଧ୍ୟରେ ପୌରସଂସ୍ଥା ପକ୍ଷରୁ ଦୁଇଟି ଶୌଚାଳୟ ରହିଥିବା ବେଳେ ପୁଣି କଲେଜ ପରିସରରେ ପାଚେରୀ ଭାଙ୍ଗି ଶୌଚାଳୟ ନିର୍ମାଣ କେତେଦୂର ଆବଶ୍ୟକ ବୋଲି ପୂର୍ବତନ ନଗରପାଳ ପ୍ରଶ୍ନ ଉଠାଇଛନ୍ତି ଏଥିପୂର୍ବରୁ କଲେଜ ଛାତ୍ରୀଛାତ୍ର, ଆଲୁମ୍ନି ଆସୋସିଏସନ ଓ ବୁଦ୍ଧିଜୀବୀମାନେ ଏହାକୁ ତୀବ୍ର ବିରୋଧ କରିବାରୁ ଏପ୍ରିଲ ୨ରେ ତାରିଖରେ ପୌରସଂସ୍ଥା କାର୍ଯ୍ୟାଳୟରେ ପୌର ନିର୍ବାହୀ, କଲେଜ ଆଲୁମ୍ନି ଆସୋସିଏସନର ସଭାପତି, ସମ୍ପାଦକ, କଲେଜ ଅଧକ୍ଷ ଓ ଛାତ୍ରୀଛାତ୍ରମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇ ଶୌଚାଳୟକୁ ବନ୍ଦ କରାଯିବା ସହ ଭଙ୍ଗା ଯାଇଥିବା କଲେଜ ପାଚେରିକୁ ତୁରନ୍ତ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ପୁନର୍ବାର ଏହି ନିଷ୍ପତ୍ତିକୁ ଉପେକ୍ଷା କରି ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଏ ସଂକ୍ରାନ୍ତରେ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିବାକୁ ପୂର୍ବତନ ନଗରପାଳ ଆହ୍ୱାନ ଦେଇଛନ୍ତି ।

## ମସୁଣିହତା ପ୍ରଜାଙ୍କ ଆନ୍ଦୋଳନ ଘଟଣା, ୮୮ ଗିରଫ

ପବିତ୍ରନଗର,୨୪।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ଆଶପଣ୍ଡ ଦ୍ୱାରା କ୍ଷତିଗ୍ରସ୍ତ ମସୁଣିହତା ଗ୍ରାମବାସୀ ୩ ଦିନ ହେଲା ଆନ୍ଦୋଳନ ଚଳାଇଥିବା ବେଳେ ଶନିବାର ୮୮ ଜଣଙ୍କୁ ପୋଲିସ ଉଠାଇ ନେଇଛି। ଅପରାହ୍ନରେ କଣିହାଁ ତହସିଲଦାର ଚିନ୍ମୟ ଦାସ ମାଜିଷ୍ଟ୍ରେଟ ଭାବେ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀ କୈଳାଶ ସେଠୀ, ଅତିରିକ୍ତ ଏସ୍‌ପି. ରାଜୀବ ପଣ୍ଡା ଓ ଏସ୍.ଏନ. ରାୟଗୁରୁ, କଣିହାଁ ଆଇଆଇସି ରମଣି ରଞ୍ଜନ ଦଳେଇ, ରେଙ୍ଗାଳିଆଇଆଇସିଜୟନ୍ତମହାନ୍ତି, ଖମାର ଓଆଇସି ଅରୁଣ କୁମାର ପଣ୍ଡାଙ୍କ ସମେତ ୫ ପ୍ଲାଟୁନ ପୋଲିସ ନିୟୋଜିତ ଥିଲେ। ମୋଟ ୮୮ଜଣ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରିଥିଲା। ଗିରଫଙ୍କ ମଧ୍ୟରେ ୨୦ ପୁରୁଷ, ୬୮ମହିଳା ଥିବା ଜଣାପଡିଛି। ପରେ ପୋଲିସ ଭ୍ୟାନରେ ଏନ୍‌ଟିପିସିର ଆର୍‌ଆଣ୍ଡଆର୍ କାର୍ଯ୍ୟାଳୟ ପରିସରରେ ସେମାନଙ୍କୁ ଅଟକ ରଖାଯାଇଥିଲା। ପରେ ୪୧ ସିଆର୍‌ପିସିରେ ୮୮ ଜଣଙ୍କୁ ଛାଡି ଦିଆଯାଇଥିଲା। ସୂଚନାଯୋଗ୍ୟ, ଏନ୍‌ଟିପିସି ପ୍ରକଳ୍ପରେ ମେଣ୍ଟେନାନ୍ସରେ ନିଯୁକ୍ତି, ୧୮ବର୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ବିବେଚିତ ପରିବାର ବର୍ଗଙ୍କୁ ପ୍ୟାକେଜ ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ଗ୍ରାମ କମିଟି ସଭାପତି ରଞ୍ଜନ କୁମାର ପାଣିଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା। ଶୁକ୍ରବାର ସନ୍ଧ୍ୟାରେ କଣିହାଁ ତହସିଲ ଅଫିସରେ ତାଳଚେର ଉପଜିଲାପାଳଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଏନ୍‌ଟିପିସି ବରିଷ୍ଠ ଅଧିକାରୀ, ପ୍ରଶାସନିକ ଅଧିକାରୀଙ୍କ ସହ ମସୁଣିହତା ପ୍ରଜା ସାମିଲ ହୋଇଥିଲେ। ହେଲେ ଆଲୋଚନା ବିଫଳ ହୋଇଥିଲା। ତେବେ ଶନିବାର ସନ୍ଧ୍ୟାରେ ପୁଣି କଣିହାଁ ତହସିଲ ଅଫିସରେ ତାଳଚେର ଉପଜିଲାପାଳ ଓ ମସୁଣିହତା କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆସନ୍ତା ୨୦ ଜୁନ ମଧ୍ୟରେ କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତି କରାଯିବ ଏବଂ ସେ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖିବା ନେଇ ଆଲୋଚନା ହୋଇଥିବା ଗ୍ରାମ୍ୟ କମିଟି ସଭାପତି ପାଣିଙ୍କ ସୂତ୍ରରୁ ପ୍ରକାଶ।

## ପରାକ୍ରମ ଶୋଭାଯାତ୍ରା

ପରଜଙ୍ଗ, ୨୪।୫ (ନିଗମାନନ୍ଦ ଦଳବେହେରା)

ପହଲଗାମରେ ନିରୀହ ପର୍ଯ୍ୟଟକମାନଙ୍କୁ ଆତଙ୍କବାଦୀମାନେ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିଲେ। ଘଟଣାସ୍ଥଳରେ ନାରୀଙ୍କ ମଥାରୁ ସିନ୍ଦୂର ଲିଭିଯାଇଥିଲା। ଏହାର ଜବାବରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥଲା 'ଅପରେସନ ସିନ୍ଦୂର' । ଅପରେସନ ସିନ୍ଦୂରର ସଫଳତା ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସଶକ୍ତ ସେନାବାହିନୀର ବିରତ୍ୱ ଓ ପରାକ୍ରମକୁ ନମନ କରି ସାରା ଭାରତରେ 'ପରାକ୍ରମ ଶୋଭାଯାତ୍ରା' ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପରଜଙ୍ଗରେ ଅବସରପ୍ରାପ୍ତ ସୈନିକ ସଙ୍ଘ, ଓକିଲ ସଂଘ ଓ ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପରଜଙ୍ଗ ଶିବ ମନ୍ଦିର ଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ପରଜଙ୍ଗ, ଡିହଡୋଳ ଓ ବାରିହାପୁର ଦେଇ ପୁଣି ପରଜଙ୍ଗ ବଜାରଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ମହେଶ୍ୱନ୍ଦ୍ର ସବାହୁସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭାରତୀୟ ଯବାନଙ୍କ ବିରତ୍ୱ ଓ ପରାକ୍ରମର ଉଦବୋଧନ ଦେଇଥିଲେ। ଶତାଧିକ ଅବସରପ୍ରାପ୍ତ ସୈନିକ, ଓକିଲ ଓ ବରିଷ୍ଠ ନାଗରିକ ତ୍ରିରଙ୍ଗା ପତାକା ଧରି ପରିକ୍ରମା କରିଥିଲେ। ଅବସରପ୍ରାପ୍ତ ସୈନିକ ସଙ୍ଘର ସଭାପତି ଦୁଷ୍ମନ୍ତ କୁମାର ଦଳବେହେରା ଓ ସାଥୀ, ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ସଭାପତି ସନାତନ ସାମଲ, ଓକିଲ ସଂଘ ସମ୍ପାଦକ ବେଣୁଧର ସାହୁ ଓ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନଙ୍କ ସହ ବରିଷ୍ଠ ନାଗରିକ ପ୍ରମୁଖ ସାମିଲ ହୋଇଥିଲେ।


केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

ADMISSIONS - 2025

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
| --- | --- | --- |
| B.Tech. (Plastics Engineering)<br>B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering)<br>Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering)<br>M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record

Candidates may apply through the link : https://forms.gle/nUbAXmQFSfpeqe9e8
Last date for filling online application : 26.05.2025
Date of CIPET-Joint Entrance Examination : 30.05.2025
Please visit our website : www.cipet.gov.in for detailed information for Admission

Scan Me

Contact: 8144919800/ 8170044113/ 9348795434

## ସଂକ୍ଷେପରେ

### ଢାବା ମାଲିକଙ୍କୁ ଅପହରଣ ଅଭିଯୋଗ

ଛେଣ୍ଡିପଦା,୨୪।୫(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ରାଇଝରଣ ପଞ୍ଚାୟତର ଶିତରାସାହିଠାରେ ଥିବା ଏକ ଢାବାର ମାଲିକଙ୍କୁ ଶନିବାର ସନ୍ଧ୍ୟାରେ କେହି ଦୁର୍ବୃତ୍ତ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଢାବା ମାଲିକ ରାଇଝରଣ ଗ୍ରାମର ଦୀପକ କୁମାର ବାରିକ ଗ୍ରାମରୁ ଢାବାକୁ ଯାଉଥିବା ସମୟରେ ପୂର୍ବରୁ ଢାବା ସମ୍ମୁଖରେ ଅପେକ୍ଷା କରିଥିବା କେତେଜଣ ଦୁର୍ବୃତ୍ତ ତାଙ୍କୁ ଏକ ଗାଡ଼ିରେ ଅପହରଣ କରି ନେଇଯାଇଥିଲେ। ଏହା ଦେଖି ଢାବାର କେତେଜଣ କର୍ମଚାରୀ ପାଟି କରିବା ସହ ପୋଲିସକୁ ଖବର ଦେଇଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥକୁ ଥାନା ସମ୍ମୁଖରେ ସିଲ କରି ଯାଞ୍ଚ ଚଳାଇଛି। କୋଇଲା ପରିବହନ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଦୀପକଙ୍କୁ ଅପହରଣ କରାଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି।

### ଜବତ ପ୍ରୋକ୍ଲିନରୁ ୨ ଲକ୍ଷ ୯୯ ହଜାର ଜରିମାନା ଆଦାୟ

ପାଟଣା,୨୪।୫(ବୀର କିଶୋରଦାଶ): କେନ୍ଦୁଝର ଜିଲା ପାଟଣା ତହସିଲ ଅଧୀନ ବୈତରଣୀ ନଦୀର ରାଇକଳା ବାଲି ଘାଟରେ ବେଆଇନ ବାଲି ଚୋରାଚାଲାଣ ସମୟ ମେ ୮ ତାରିଖରେ ବନ ବିଭାଗ ଜବତ କରିଥିବା ପ୍ରୋକ୍ଲିନକୁ ଜରିମାନା କରିଛି। ମାଲିକ ରଞ୍ଜିତ ବେହେରା ୨ ଲକ୍ଷ ୯୯ ହଜାର ୩୫୨ ଟଙ୍କା ଜରିମାନା ପଇଠ କରି ମେଶିନ ନେଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଠିକାଦାରଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାରିଆ ଥାନା ଅଞ୍ଚଳରେ ଏକ ପୋଲ କାମ କରୁଥିବା ଠିକାଦାରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ବଡ଼ଡୁମୁରିଆ ଗ୍ରାମର ବିପ୍ରଭାନୁ ସାହୁ, ଛାଲୁ ମୁଣ୍ଡା, ଦିଲ୍ଲୀପ ମୁଣ୍ଡା। ସମସ୍ତଙ୍କୁ ଶନିବାର ପୋଲିସ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଗତ ୨୧ ତାରିଖରେ ଏକ ପୋଲ କାମ ଚାଲିଥିବା ବେଳେ ଠିକାଦାର ସଚ୍ଚିଦାନନ୍ଦ ଖିଲାରଙ୍କ ଭାଇ ଶିବାନନ୍ଦ ଖିଲାର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ଓ ଏସ୍‌ଡିଓଙ୍କ ଉପସ୍ଥିତିରେ କାମର ତଦାରଖ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ମାନେ ବଟି ମାଗିଥିଲେ। ନ ଦେବାରୁ ତାଙ୍କୁ ଏବଂ କାମ କରୁଥିବା ମିସ୍ତ୍ରୀ ଓ ଶ୍ରମିକଙ୍କୁ ଆକ୍ରମଣ କରିଥିଲେ। ଏନେଇ ବାରିଆ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ. ୭୨/୨୦୨୫) ରୁଜୁ କରିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ବାରିଆ ଥାନା ଅଧିକାରିଣୀ ରଞ୍ଜୁ ହସିନ କୁଲୁ କହିଛନ୍ତି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ପାଟଣା,୨୪।୫(ବୀର କିଶୋରଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ଗ୍ରାମର ଧର୍ମପରାୟଣ ଓ ଅମାୟିକ ବ୍ୟକ୍ତି ଅନାମ ମହାନ୍ତ(୫୦)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ଖବର ପାଇ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, ଖିରେଇଟାଙ୍ଗିରୀ ସରପଞ୍ଚ ସଞ୍ଜୁଲତା ନାଏକ, ପୂର୍ବତନ ସରପଞ୍ଚ ବନୋଜ ନାୟକ ପ୍ରମୁଖ ଶନିବାର ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ କ୍ଷେତ୍ରବାସୀ ମୁଖାଗ୍ନି ଦେଇଥିଲେ।

### ପଟ୍ଟାଭୁକ୍ତ ଜମିରେ ଚାରାରୋପଣ ରୋକିବାକୁ ସ୍ମାରକପତ୍ର

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ କାଉଁରୀକଳା ପଞ୍ଚାୟତ ପଳାଶପୋଖରୀ ଗ୍ରାମର ପଟ୍ଟାଭୁକ୍ତ ଜଙ୍ଗଲ ଜମି ଓ ନକ୍ସା ପାଇଥିବା ଜମିରେ ଚାଲିଥିବା ଚାରାରୋପଣ ରୋକିବା ପାଇଁ ଶୁକ୍ରବାର ଆଦିବାସୀ ଓ ଅଣଆଦିବାସୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, କୃଷି ଭିତ୍ତିକ କାର୍ଯ୍ୟ କରି ପରିବାର ଜୀବିକା ନିର୍ବାହ କରୁଛନ୍ତି। ପୂର୍ବ ପିଢ଼ି ଆଜି ପର୍ଯ୍ୟନ୍ତ ଜଙ୍ଗଲଜମି ଅଧିକାର ୪ ଓ ନକ୍ସା ପାଇଥିବା ଜମିରେ ଧାନଚାଷ କରି ଚଳୁଛନ୍ତି। ତେବେ ଏକ ବେସରକାରୀ ଯୋଜନା ମାଧ୍ୟମରେ ଉକ୍ତ ଜମିରେ ଚାରାରୋପଣ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଉକ୍ତ ଜମିଗୁଡ଼ିକୁ ତଦନ୍ତ କରି ଚାରାରୋପଣ ରୋକିବାକୁ ଦାବି କରିଛନ୍ତି।

# ପଥର ରଖି ରାସ୍ତାରୋକୋ

## ଅସରାଏ ବର୍ଷାରେ ଘରେ ପଶିଲା ପାଣି

ଆନନ୍ଦପୁର/ଘସିପୁରା ୨୪/୫
(ସୁଶାନ୍ତ କୁମାର ସାହୁ/ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଘଷିପୁରା ବ୍ଲକ୍ ଦେଓଗାଁ ପଞ୍ଚାୟତ ଦେଓଗାଁ ମୁଖ୍ୟ ରାସ୍ତାରେ ଅସରାଏ ବର୍ଷାରେ ପାଣି ଲହଡ଼ି ଭାଙ୍ଗୁଛି। ଏଥିସହ ବର୍ଷା ପାଣି ଘରେ ପଶିଯାଇଥିବାରୁ ଲୋକେ ବହୁ ହଇରାଣ ହୋଇଛନ୍ତି। ଏନେଇ ଗ୍ରାମବାସୀ ପ୍ରତିବାଦ କରି ରାସ୍ତାରେ ପଥର ରଖି ଅବରୋଧ କରିଛନ୍ତି।

ପ୍ରକାଶ ଯେ, ଘଷିପୁରା ବ୍ଲକ୍ ଦେଓଗାଁ ପଞ୍ଚାୟତରେ ମେଘା ପ୍ରୋଜେକ୍ଟ କାମ ଜାରି ରହିଛି। ପାଣି ପାଇପ୍ ବିଛାଇବା ପାଇଁ ଠିକାଦାର ଶୁକ୍ରବାର ରାସ୍ତା ତାଡ଼ିଦେଇଥିଲେ। ଶୁକ୍ରବାର ରାତିରେ ଲଗାଣ ବର୍ଷା ଯୋଗୁ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଘରେ ପଶିବା ସହ ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ଜମି ରହିଥିଲା। ଲୋକେ ଯାତାୟାତ ସମସ୍ୟା ଭୋଗିଥିବା ବେଳେ ଘରେ ରୋଷେଇ ଆଦି କରିପାରି ନ ଥିଲେ। ଘରେ ଥିବା ଧାନ, ଚାଉଳ ଓ ଅନେକ ଜିନିଷ ପତ୍ର ନଷ୍ଟ ହୋଇଯାଇଛି। ଶନିବାର ସକାଳେ ଲୋକେ କ୍ଷୟକ୍ଷତି ଦାବି କରି ଘଷିପୁରାରୁ ରେମାଳ, ବ୍ରାହ୍ମଣୀପାଳରୁ ଘଷିପୁରା ଓ ରେମାଳରୁ ଯାଜପୁର ମୁଖ୍ୟ ରାସ୍ତାକୁ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ଗ୍ରାମବାସୀ ଠିକାସଂସ୍ଥା ସହ କଥା ହୋଇଥିଲେ। ବର୍ଷା ଛାଡ଼ିବା ପରେ ରାସ୍ତା ମରାମତି କରାଯିବା ନେଇ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିବା ଗ୍ରାମବାସୀ କହିଛନ୍ତି।



ରାସ୍ତାରେ ବର୍ଷା ପାଣି ଜମି ରହିଛି।

# ବଡ଼ଘାଗରାରେ ଭଙ୍ଗାରୁଜା

କେନ୍ଦୁଝର,୨୪।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଜିଲାର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ବଡ଼ଘାଗରାରେ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଶୁକ୍ରବାର ରାତିରେ କେତେକ ଅସାମାଜିକ ଯୁବକ ବଡଘାଗରା ପରିସରରେ ଥିବା ଘର, ଉଠା ଦୋକାନ ଭଙ୍ଗାରୁଜା କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, କେନ୍ଦ୍ରକୁ ଦୈନିକ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ଏହାର ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଦୁର୍ବୃତ୍ତମାନେ ସେଠାରେ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳର ଏକାଧିକ ଝରକା କାଚ ଭାଙ୍ଗି ଦେଇଛନ୍ତି। ଉଠା ଠେଲା ଗାଡ଼ିକୁ କେନାଲରେ ପକାଇ ଦେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ଭଙ୍ଗାରୁଜା ନେଇ ଖବର ପାଇ ସଦର ଥାନା ପୋଲିସ ଘଟଣାର ତଦନ୍ତ କରିଛି। ମାତ୍ର କାହାରିବକୁ ଗିରଫ କରି ନ ଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ମଧ୍ୟ ମୁଖ୍ୟ ପ୍ରବେଶ ପଥରେ ଥିବା ଟିକେଟ୍ କାଉଣ୍ଟର ଘରର ଝରକା କାଚକୁ ଦୁର୍ବୃତ୍ତ ଭାଙ୍ଗିଦେଇଥିଲେ। ଏହାକୁ ମିଶାଇ ୩ ଥର ଏଭଳି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତୁରନ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ କ୍ଷୟକ୍ଷତି ହେବା ସହ ପର୍ଯ୍ୟଟକଙ୍କ ପାଇଁ ବିପଦ ହେବ ବୋଲି ମତ ପ୍ରକାଶ ପାଉଛି। ଏ ନେଇ ସହକାରୀ ନିର୍ଦ୍ଦେଶକ ରମେଶ ନାୟକ କହିଛନ୍ତି, ଘଟଣାକୁ ନେଇ ପୋଲିସ ନିକଟରେ ଅଭିଯୋଗ କରାଯାଇଛି। ସେହିପରି ଏହି ସ୍ଥଳର ଜଗାରଖା ପାଇଁ ଟେଣ୍ଡର କରିବାକୁ ପଦକ୍ଷେପ ନିଆଯାଉଛି।



ବଡ଼ଘାଗରାରେ ଥିବା ଗୃହର କାଚ ଭାଙ୍ଗିଦେଇଛନ୍ତି।

# ସାବିତ୍ରୀ ବଜାରରେ କୁଢ଼େଇ ଫଳର ଚାହିଦା

କେନ୍ଦୁଝର,୨୪।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜଙ୍ଗଲରେ ପ୍ରକୃତି ଦତ୍ତ କୋଳି, ଫଳର ବହୁତ ଆଦର ରହିଛି। ବନବାସୀ ବିଭିନ୍ନ ଋତୁରେ ବିଭନ୍ନ ପ୍ରକାରର ଫଳ, କୋଳି ସଂଗ୍ରହ କରି ଗୁଜରାଣ ମେଣ୍ଟାଉଛନ୍ତି। ବିଶେଷକରି ଖରାଦିନରେ ମିଠା ଆମ୍ବ, ପଣସ, କେନ୍ଦୁ, ଚାର, କୁସୁମ ପରେ ଏବେ କୁଢ଼େଇ ଫଳର ଚାହିଦା ଦେଖିବାକୁ ମିଳିଛି। ଆଦିବାସୀ ମହିଳାମାନେ ବଜାରରେ ବସି ଏହାକୁ ବିକ୍ରି କରୁଥିବା ଦେଖାଯାଉଛି। ଆଗକୁ ସାବିତ୍ରୀ ଆସୁଥିବାରୁ ଲୋକେ ଅନ୍ୟ ଫଳ, କୋଳି ଭଳି କୁଢ଼େଇ ଫଳ ମଧ୍ୟ କିଣି ନେଉଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ବନବାସୀମାନେ ବଣଜଙ୍ଗଲ ବୁଲି କୁଢ଼େଇ ଗଛରୁ ଫଳ ସଂଗ୍ରହ କରି ପାଛିଆରେ ଆଣି ସହର, ହାଟବଜାରକୁ ନେଇ ବିକ୍ରି କରିଥାନ୍ତି। ପ୍ରାକୃତିକ ପରିବେଶରେ ଏହି ସବୁ ଫଳ ଫଳୁଥିବାରୁ ଆଜିକାଲି ଏହାର ଚାହିଦା ସହରାଞ୍ଚଳରେ ମଧ୍ୟ ଅଧିକ ଦେଖିବାକୁ ମିଳୁଛି। ଏଣୁ ବନବାସୀମାନେ ଏହାକୁ ବିକି ୨ ପଇସା ରୋଜଗାର କରୁଛନ୍ତି। ଏହା ଦେଖିବାକୁ ଡିମିରି ଫଳ ସଦୃଶ୍ୟ ହୋଇଥିବା ବେଳେ ଆଗରୁ ଏହି ସୁଆଦିଆ ଫଳକୁ କେବଳ ବନବାସୀମାନେ ନିଜେ ଖାଉଥିଲେ। କାଁଭାଁ ଗାଁଗଣ୍ଡାରେ ଲୋକେ ଖାଉଥିଲେ। ଏହାଛଡ଼ା ଏଥିରେ ବହୁ ଔଷଧୀୟ ଗୁଣ ରହିଛି। ଏହି ଫଳ ଭାଗ ୨୦ ଟଙ୍କାରେ ବନବାସୀମାନେ ବିକ୍ରି କରିଥାନ୍ତି। ଏହାର ସ୍ୱାଦ ମିଠା। ଆଜିକାଲି ମିଳୁଥିବା ଫଳ ହାଇବ୍ରିଡ୍ ବା କେମିକାଲମିଶ୍ରିତ। କିନ୍ତୁ ଏହା ବହୁ ପୁରୁଣା ଗଛରେ ଫଳିଥାଏ। ଏଣୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି କବିରାଜ ହରେକୃଷ୍ଣ ମହାନ୍ତ କୁହନ୍ତି। ଏହାର ଠିକ୍ ବିକ୍ରିବଟାର ବ୍ୟବସ୍ଥା ହୋଇ ପାରିଲେ ବନବାସୀଙ୍କ ରୋଜଗାରର ମାଧ୍ୟମ ହୋଇପାରିବ। ଏଥିସହ ଆଜିକା ସମୟରେ ହିତକର ଫଳ ଲୋକେ ଖାଇବାକୁ ପାଇପାରିବେ ବୋଲି ମତପ୍ରକାଶ ପାଉଛି। କିନ୍ତୁ ଏହାର ପ୍ରସାର ସେଭଳି କେନ୍ଦୁ, ଜାମୁ, ଚାର ଫଳ ଭଳି ହୋଇପାରିନାହିଁ। ନଚେତ ଏହାର ଚାହିଦା ବାହାରେ ଅଧିକ ହୋଇପାରିବ ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିମ୍ବାଧର ବେହେରା କହିଛନ୍ତି। ଜାଗର ଗ୍ରାମର ଶୁକମଣି ନାଏକ କହିଛନ୍ତି, ବହୁକଷ୍ଟରେ ବଣଜଙ୍ଗଲରୁ ସଂଗ୍ରହ କରିଆଣୁଛୁ। ଆଗରୁ ଏହା ଗାଁରେ ଲୋକ ଖାଉଥିଲେ। ଆଜିକାଲି ସହରୀ ଲୋକେ ଖାଉଥିବାରୁ ବିକି ଚଳୁଛୁ।



ଜଣେ ଆଦିବାସୀ ମହିଳା ବଜାରରେ କୁଢ଼େଇ ଫଳ ବିକ୍ରି କରୁଛନ୍ତି।

### ସରକାରୀ କାର୍ଯ୍ୟାଳୟରେ ଓସାସ୍‌ର କାର୍ଯ୍ୟକାରିତା ନିମନ୍ତେ ତାଲିମ

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାର ସରକାରୀ କାର୍ଯ୍ୟଗୁଡ଼ିକକୁ ଅଧିକ ଗତିଶୀଳ କରିବା ନିମନ୍ତେ ପାଇଲଟ ପ୍ରୋଜେକ୍ଟ ଭାବେ ଓସାସର (ଓଡ଼ିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ) ସଫଳ କାର୍ଯ୍ୟକାରିତା ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ୩ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଓକାକ (ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର) ଦ୍ୱାରା ନିଯୁକ୍ତ ବୈଷୟିକ ପରାମର୍ଶଦାତାମାନେ ସମାନ୍ତରାଳଭାବେ କେନ୍ଦୁଝର, ଆନନ୍ଦପୁର ଓ ଚମ୍ପୁଆଠାରେ ଅଧିକାରୀ ଓ କର୍ମଚାରୀଙ୍କୁ ଓସାସ ବ୍ୟବହାର କରିବାର କୌଶଳ ଶିଖାଇଥିଲେ। ଜିଲାପାଳ ବିଶାଳ ସିଂହ ସମୟ ସହିତ ତାଳ ଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଷ୍ଠାର ସହିତ ଓସାସକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ।

### ଶୁଭମଙ୍କୁ 'ଓଡ଼ିଶା ଗୌରବ' ସମ୍ମାନ

କେନ୍ଦୁଝର:୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ମାଟିର ପୁଅ ଶୁଭମ ସାହୁ ମାନବ ସମ୍ପଦ ବ୍ୟବସ୍ଥାପନ ଓ ସାମାଜିକ କାର୍ଯ୍ୟ ପାଇଁ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମେ ୨୦ ମଙ୍ଗଳବାର ଦିନ ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଏକ ସ୍ୱତନ୍ତ୍ର ଉତ୍ସବ ଅବସରରେ ୱାର୍ଲ୍ଡ ଚାରିଟି ଫାଉଣ୍ଡେସନ ଶୁଭମଙ୍କୁ ମାନବ ସମ୍ପଦ ବ୍ୟସ୍ଥାପନ ଓ ସାମାଜିକ କାର୍ଯ୍ୟ ପାଇଁ ଉକ୍ତ ସମ୍ମାନ ପ୍ରଦାନ କରିଛି। ଶୁଭମ କେନ୍ଦୁଝର ଜିଲାର ଚମ୍ପୁଆ ଉପଖଣ୍ଡର କାଳିକାପ୍ରସାଦ ଗ୍ରାମର ମୂଳ ବାସିନ୍ଦା ହୋଇଥିବା ବେଳେ କେନ୍ଦୁଝର ସଦରମହକୁମା ଧାଙ୍ଗରପଡ଼ା ଅରୋ ବିହାରରେ ନିଜ ପରିବାର ସହ ରହୁଛନ୍ତି। ଅବସରପ୍ରାପ୍ତ ନୌସେନା ଅଧିକାରୀ ଅର୍ଜୁନ ଚରଣ ସାହୁ ଓ ଉଷାରାଣୀ ସାହୁଙ୍କ ପୁଅ। ସେ ଏକ ଘରୋଇ କମ୍ପାନୀରେ ଏଚ୍‌ଆର ଆଣ୍ଡ ଆଇଆର ବିଭାଗରେ କାର୍ଯ୍ୟ କରୁଛନ୍ତି।

# ପେପରଲେସ ସେବା ପ୍ରଦାନ ନେଇ କର୍ମଶାଳା

ଚମ୍ପୁଆ,୨୪।୫(ମହେଶ୍ୱର ଦାସ)

ସାମ୍ପ୍ରତିକ ପରିସ୍ଥିତିରେ ତଥା କମ୍ପ୍ୟୁଟର ଯୁଗରେ ଅନ୍‌ଲାଇନ ବ୍ୟବସ୍ଥାର ସଦୃଢ଼ି କରଣ କରାଯାଇ ତ୍ୱରିତ କାର୍ଯ୍ୟ ସମ୍ପାଦନ ପାଇଁ ଚମ୍ପୁଆ ଉପଜିଲାପାଳଙ୍କ ସଭାଗୃହଠାରେ ଓଏସ୍‌ଡବ୍ଲ୍ୟୁଏଏସ୍ ପକ୍ଷରୁ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରକାରୀ କାର୍ଯ୍ୟାଳୟଗୁଡିକରେ ଫାଇଲ ପ୍ରସ୍ତୁତ ଓ ଗତିଶୀଳ ପାଇଁ ସମୟ, ଲୋକ ଆବଶ୍ୟକତାକୁ କମାଇବା ତଥା ପେପରଲେସ୍ ସେବା ପ୍ରଦାନନେଇ ଉପଖଣ୍ଡସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଏହା ୩ ଗୋଟି ପର୍ଯ୍ୟାୟରେ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଏହା ୨ ଗୋଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ମାଷ୍ଟରଟ୍ରେନର ଭାବରେ ଟିସିଏସ୍‌ର ଶାନ୍ତନୁ ଦାସ ଓ ଓସିଏସିପି ଗଣେଶ କୁମାର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ଉପଖଣ୍ଡରେ ଥିବା ଉପଜିଲାପାଳ କାର୍ଯ୍ୟାଳୟ, ବଡ଼ବିଲ, ଝୁମ୍ପୁରା, ଚମ୍ପୁଆ, ତହସିଲ କାର୍ଯ୍ୟାଳୟ, ସବ୍‌ଟ୍ରେଜେରି ଅଫିସ, ସବ୍‌ରେଜିଷ୍ଟ୍ରର ଅଫିସ, ଡେପୁଟିଡାଇରେକ୍ଟର ମାଇନିଂ ଯୋଡ଼ା ଅଫିସ, ଆସିଷ୍ଟାଣ୍ଟ ଲେବର ଅଫିସ, ଡେପୁଟି କମିସନର ଅଫ କମର୍ସିଆଲ ଟାକ୍ସ ବଡ଼ବିଲ ଅଫିସ ଆଦିର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଦ୍ୱିତୀୟ ଦିନରେ ବ୍ଲକ୍ ଏଜୁକେସନ ଅଫିସର ଏସ୍‌ଡିପିଓ ଚମ୍ପୁଆ, ବଡ଼ବିଲ, ଚମ୍ପୁଆ ସବ୍‌ଡିଭିଜନ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡର ସମସ୍ତ ସିଡିପିଓ, ଯୋଡ଼ା ମ୍ୟୁନିସିପାଲିଟି, ବଡ଼ବିଲ ମ୍ୟୁନିସିପାଲିଟି, ଚମ୍ପୁଆ ଏନ୍‌ଏସି ସହିତ ଯୋଡ଼ା, ଚମ୍ପୁଆ, ଝୁମ୍ପୁରା ବ୍ଲକ୍‌ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରଶିକ୍ଷଣ ଶିବିରରେ ସହକାରୀ ଜିଲାପାଳ ସୁଜିତ ସ୍ୱାଇଁ, ଫୁଲଲାଇ ବେସ୍ରା, ସମରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳା ମାଧ୍ୟମରେ ଦିନକୁ ଦିନ ବଢୁଥିବା କାର୍ଯ୍ୟକୁ ଅନ୍‌ଲାଇନ ମାଧ୍ୟମରେ କରାଗଲେ ତ୍ୱରିତ ସେବା ପ୍ରଦାନ କରାଯାଇପାରିବ ବୋଲି ଉପ ଜିଲାପାଳ ପରିଡ଼ା ସୂଚନା ଦେଇଛନ୍ତି।

# ପଛୁଆ ବର୍ଗଙ୍କ ସଂରକ୍ଷଣ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ନିଷ୍ପତ୍ତି

କେନ୍ଦୁଝର,୨୪୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା ସରକାରଙ୍କ ଐତିହାସିକ ନିଷ୍ପତ୍ତି ଫଳରେ ଓଡ଼ିଶାରେ ପ୍ରଥମ ଥର ପାଇଁ ପଛୁଆବର୍ଗର ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରେ ମିଳିଲା ୧୧.୨୫ ପ୍ରତିଶତ ସଂରକ୍ଷଣ। ଏ ନେଇ କେନ୍ଦୁଝର ଜିଲା ଭାଜପା କାର୍ଯ୍ୟାଳୟରେ ଓବିସି ମୋର୍ଚ୍ଚାର ଜିଲା ସଭାପତି ଲକ୍ଷ୍ମଣ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧନ୍ୟବାଦ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା ଜିଲା ପ୍ରଭାରୀ ଯୋଗେନ୍ଦ୍ର ମହାନ୍ତ, ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚର୍ଚ୍ଚିଲ ମହାକୁଡ଼ ପ୍ରମୁଖ ମଞ୍ଚାସୀନ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତାଧୀନ ସରକାରଙ୍କୁ ଓବିସି ମୋର୍ଚ୍ଚା କେନ୍ଦୁଝର ଜିଲା ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମ ପରେ ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଭାଜପା ଜିଲା ସଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲା ଓବିସି ମୋର୍ଚ୍ଚାର ସଧାରଣ ସମ୍ପାଦକ ଧନୁର୍ଜୟ ମହାନ୍ତ, କାହ୍ନୁଚରଣ ମହାନ୍ତ, ଜିଲା ଉପସଭାପତି ତ୍ରିବେଣୀ ମହାନ୍ତ ଏବଂ ସଞ୍ଜୟ ସାହୁ, ସମ୍ପାଦିକ ଲକ୍ଷ୍ମୀଧର ରାଉତ ତଥା ଅନ୍ୟମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।




କେନ୍ଦୁଝର ଭାଜପାର ନେତୃମଣ୍ଡଳୀ।

# ମୁକୁଳା ଡ୍ରେନ୍‌ରେ ଢାଙ୍କୁଣି ବ୍ୟବସ୍ଥା କରିବାକୁ ଦାବି

## ଜିଲାପାଳଙ୍କୁ ଗ୍ରାମବାସୀଙ୍କ ସ୍ମାରକପତ୍ର

କେନ୍ଦୁଝର,୨୪।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ପୁରୁଣାବାନ୍ଧଗଡ଼ା ପଞ୍ଚାୟତ ତିଗିରିଆ ଗ୍ରାମରେ ବିପଦସଙ୍କୁଳଭାବେ ଥିବା ମୁକୁଳା ଡ୍ରେନ୍‌ରେ ଢାଙ୍କୁଣି ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏ ନେଇ ଗ୍ରାମବାସୀ ପକ୍ଷରୁ ଗୁରୁବାର କେନ୍ଦୁଝର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଡ୍ରେନ୍ ୩ ଫୁଟ ଓସାର ୩ ଫୁଟ ଗଭୀର ୧୩୦ ମିଟର ଦୈର୍ଘ୍ୟ ଥିବା ଯୋଗୁ ଲୋକେ ଖସିପଡ଼ି ବାରମ୍ବାର ଦୁର୍ଘଟଣା ଘଟୁଛି। ଆଗାମୀ ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଡ୍ରେନ୍ ଢାଙ୍କୁଣି ବ୍ୟବସ୍ଥା ନ ହେଲେ ଗ୍ରାମବାସୀ ସମୂହ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ, ତିଗିରିଆ ଗ୍ରାମର ମଧ୍ୟ ଭାଗରୁ ଯାଇଥିବା ଏକମାତ୍ର ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନ୍ ଖୋଳାଯାଇ ଗ୍ରାମର ମାଇନର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ ଯାଇଛି। ଉକ୍ତ ରାସ୍ତା ଦେଇ ଦୈନିକ ବିଦ୍ୟାର୍ଥୀ, ଗୃହପାଳିତ, ବାଇକ୍ ଆରୋହୀ ଏବଂ ଟ୍ରାକ୍ଟର ଆଦି ଗାଡ଼ି ସହିତ ଗ୍ରାମବାସୀ ଯାତାୟାତ କରୁଛନ୍ତି। ଡ୍ରେନ୍‌ଟି ଅତ୍ୟଧିକ ଓସାର ଓ ଗଭୀର ବିଶିଷ୍ଟ ହୋଇଥିବାରୁ ପୂର୍ବରୁ ବହୁବାର ଦୁର୍ଘଟଣା ଘଟିଛି। ଜଣେ ସ୍କୁଲ ବିଦ୍ୟାର୍ଥୀ, ଜଣେ ବୟସ୍କ ବ୍ୟକ୍ତି, ୨ ଜଣ ବାଇକ ଆରୋହୀ ଏବଂ ୩ ଗାଈ ଭକ୍ତ ଡ୍ରେନ୍‌ରେ ଖସି ପଡ଼ି ଆହତ ହୋଇଛନ୍ତି। ଗତ ୧୬ ତାରିଖରେ ଗ୍ରାମର ସୁଶାନ୍ତ କୁମାର ବେହେରା ଟ୍ରାକ୍ଟର ନେଇ ସେହି ରାସ୍ତା ଦେଇ ଆସୁଥିବା ସମୟରେ ଟ୍ରାକ୍ଟର ସହିତ ସେ ନିଜେ ଡ୍ରେନ୍‌ରେ ଖସିପଡ଼ି ଆହତ ହୋଇଛନ୍ତି। ପୂର୍ବରୁ ଘଟିଥିବା ସମସ୍ତ ଦୁର୍ଘଟଣା ବିଷୟରେ ଗ୍ରାମବାସୀ କେନ୍ଦୁଝର ଜିଲାପାଳ ଓ ଘସିପୁରା ବିଡିଓଙ୍କୁ ଅବଗତ କରି ମୁକୁଳା ଡ୍ରେନ୍‌ରେ ଢାଙ୍କୁଣି ପକାଇବା ବ୍ୟବସ୍ଥା କରିବା ନେଇ ନିବେଦନ କରିଥିଲେ। ବାରମ୍ବାର ଦୁର୍ଘଟଣା ଘଟି ଚାଲୁଥିବାରୁ ଶେଷରେ ଗ୍ରାମବାସୀ ପୁର୍ନବାର ଆଗାମୀ ଏକମାସ ମଧ୍ୟରେ ପ୍ରଶାସନ ଗ୍ରାମର ଉପରୋକ୍ତ ବିପଦ ସଙ୍କୁଳ ମୁକୁଳା ଡ୍ରେନ୍‌ରେ ଢାଙ୍କୁଣି ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହୋଇଛି। ନଚେତ୍ ଗ୍ରାମବାସୀ ଶୁକ୍ରବାରଠାରୁ ଧର୍ମଘଟ କରିବାକୁ ପ୍ରକାଶ କରିଛନ୍ତି। ବଳରାମ ବେହେରାଙ୍କ ସମେତ ଅନ୍ୟମାନେ ଦସ୍ତଖତ କରି ଏହି ସ୍ମାରକପତ୍ର ଦେଇଥିଲେ।

# ୪ ଜିଲାରେ ଗଠନ ହେବ ବୈତରଣୀ ପଞ୍ଚାୟତ




ମଞ୍ଚରେ ଉପସ୍ଥିତ ବୈତରଣୀର ବଞ୍ଚାଅ ଆନ୍ଦୋଳନର ନେତୃବୃନ୍ଦ।

- କଣ୍ଡରାରେ ବୈତରଣୀ ବଞ୍ଚାଅ ସମ୍ମିଳନୀ
- ୬ ଦଫା ସମ୍ବଳିତ ଦାବି ଆଗତ

ଯୋଡା/ଚମ୍ପୁଆ,୨୪।୫
(ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ କଣ୍ଡରାଠାରେ ବୈତରଣୀ ନଦୀ ବଞ୍ଚାଅ ଅଭିଯାନ ପକ୍ଷରୁ ଚାଷୀ ଏବଂ ଟ୍ରକ୍ ମାଲିକଙ୍କୁ ନେଇ ଶନିବାର ପୂର୍ବାହ୍ନ ୧୦ଟାରେ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜଳସେଚନ ପାଇଁ ଉଦ୍ଦିଷ୍ଟ ଡ୍ୟାମ୍‌ରୁ ଶିଳ୍ପ କମ୍ପାନୀଗୁଡ଼ିକ ପାଇପ୍‌ଲାଇନ ଜରିଆରେ ଲୁହାପଥର ପରିବହନ ପାଇଁ ଜଳାଶୟ ମଧ୍ୟରୁ ପାଣି ଶୋଷି ନେବେ। ଜଳସେଚନରୁ ଚାଷୀ ବଞ୍ଚିତ ହେବା ସହ ଟ୍ରକ୍ ବ୍ୟବସାୟ ପ୍ରଭାବିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସାରା ଦେଶରେ ଜଳ ମାନବଭାବେ ପରିଚିତ ରାଜେନ୍ଦ୍ର ସିଂ, ମାଗାସେସେ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ନଦୀ ବଞ୍ଚାଅ ଆନ୍ଦୋଳନ ପ୍ରମୁଖ ସଦସ୍ୟା ବ୍ରତିନ୍ଦୀ ଜେନା, ପୂର୍ବତନ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ ଗିରିଧାରୀ ନାଏକ, ଜିଲା ପରିଷଦ ସଦସ୍ୟ ଉମ୍ବରୁଧର କୁଦାଦା, ଭଦ୍ରକର ପରିବେଶବିତ୍ ପ୍ରତାପ ପାଢ଼ୀ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା ପ୍ରମୁଖ ଯୋଗଦେଇ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ନଦୀବନ୍ଧ ଯୋଜନା କାନପୁର ଜଳସେଚନ ପ୍ରକଳ୍ପ ବୈତରଣୀ ନଦୀ ଉପରେ ପୂର୍ଣ୍ଣ ରୂପରେଖ ନେଉଛି। ଜଳାଶୟରୁ ଶିଳ୍ପ କମ୍ପାନୀଗୁଡ଼ିକ ପାଣି ନେବା ପାଇଁ ଇନ୍‌ଟେକ ୱେଲ ନିର୍ମାଣ ହେଉଛି। ପ୍ରକଳ୍ପ ପାଇଁ ୧୬ ଗୋଟି ବୁଡ଼ି ଗ୍ରାମର ଜନସାଧାରଣ ଭିଟାମାଟି ହରାଇଛନ୍ତି। ସେମାନଙ୍କୁ ସମ୍ପୂର୍ଣ୍ଣ ଥଇଥାନ ସରକାର କରିନାହାନ୍ତି। ଅପରପକ୍ଷେ ଶିଳ୍ପକୁ ଜଳ ଆବଣ୍ଟନ ପାଇଁ ପୂର୍ବ ସରକାର ଚୁକ୍ତି କରିଥିଲେ। ସରକାର ବଦଳିଲା ସତ କିନ୍ତୁ ଚରିତ୍ର ବଦଳି ନ ଥିବା ଅତିଥିମାନେ କହିଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଦାସ ସମ୍ମିଳନୀରେ ୬ଟି ପ୍ରସ୍ତାବ ଆଗତ ହୋଇଥିବା କହିଥିଲେ। ଏଥିରେ ନଦୀ ଉପରେ ରାଜ୍ୟ ସରକାର ଶ୍ୱେତପତ୍ର ଜାରି କରନ୍ତୁ, ଅତୀତରେ ଜଳ କେତେ ଥିଲା ଏବଂ ଏବେ କେତେ ଅଛି, ନଦୀରେ ଜଳପ୍ରବାହର ଗତି ସମ୍ପର୍କିତ ସୂଚନା ଅବଗତ କରାନ୍ତୁ, ନଦୀ ସୁରକ୍ଷା ପାଇଁ ନଦୀ ନୀତି ଆଣନ୍ତୁ, ବୈତରଣୀର ନିର୍ମଳ ଜଳକୁ ସ୍ଲରୀ ପାଇପ୍‌ଲାଇନ୍ ଜରିଆରେ ବ୍ୟବହାର କରନ୍ତୁ ନାହିଁ, ପୂର୍ବ ସରକାରଙ୍କ ସମୟରେ ଶିଳ୍ପକୁ ଜଳ ଦେବା ଚୁକ୍ତିକୁ ବାତିଲ କରନ୍ତୁ, ଶିଳ୍ପ ଓ ଖଣିର ବର୍ଜ୍ୟବସ୍ତୁର ନିଷ୍କାସନର ମାଧ୍ୟମ ନଦୀ ନ ହେଉ, ସରକାର ନଦୀ ବଞ୍ଚାଇବାର ଦାୟିତ୍ୱ ନିଅନ୍ତୁ, ଖଣି ପରିଚାଳନା କରନ୍ତୁ ବୋଲି ପ୍ରସ୍ତାବ ଆଗତ ହୋଇଥିଲା। ଏଥିସହ କେନ୍ଦୁଝର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁରରେ ଜଳ ପଞ୍ଚାୟତ ଗଠନ ହେବ। ଗୋନାସିକାଠାରୁ ଭଦ୍ରକ ଜିଲାର ଧାମରାଠାରେ ଥିବା ବଙ୍ଗୋପସାଗରର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ପଦଯାତ୍ରା କରି ଜନଆନ୍ଦୋଳନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଦୀ ବଞ୍ଚାଅ ଆନ୍ଦୋଳନର କେନ୍ଦୁଝର ଜିଲାର ପ୍ରମୁଖ ସଦସ୍ୟ ଅଶୋକ ଠକ୍କର, କଣ୍ଡରା ସରପଞ୍ଚ ରିନା ନାଏକ, ଜିଲାର ବିଭିନ୍ନ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା, ଶତାଧିକ ଚାଷୀ, କେନ୍ଦୁଝର, ଯାଜପୁର, ଚଣ୍ଡିଖୋଲ, ଭଦ୍ରକ ଅଞ୍ଚଳର ଟ୍ରକ୍ ମାଲିକ ଅଂଶଗ୍ରହଣ କରିଥିଲେ।

# ହାପି ଜର୍ନି

ପାଠପଢ଼ା ହେଉ କି ଜବ୍, ଚାପ ଭିତରୁ କିଛି ସମୟ ଫାଙ୍କା ମିଳିଲେ ବୁଲାବୁଲି କରିବାକୁ ଯୁବପିଢ଼ିଙ୍କ ଉତ୍କଣ୍ଠା କହିଲେ ନ ସରେ। ହେଲେ ଇଚ୍ଛା ଥିଲେ ସୁଦ୍ଧା କେତେଜଣ ଗାଡ଼ିରେ ବସିବାମାତ୍ରେ ବାନ୍ତି ଡରରେ ବୁଲିବା ଖୁସି ସାଉଣ୍ଟିବାରୁ ହୁଅନ୍ତି ବଞ୍ଚିତ, ଯାହାକୁ ମୋଶନ୍ ସିକ୍‌ନେସ୍ ବୋଲି କୁହାଯାଇଥାଏ। ତେବେ ଏହି ସମସ୍ୟାର ବି ପ୍ରତିକାର କରାଯାଇ ଯାତ୍ରାକୁ ସୁଖମୟ କରାଯାଇପାରିବ...



ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ଫାଙ୍କା ମିଳିଲେ ନୂଆ ନୂଆ ସ୍ଥାନକୁ ବୁଲିଯିବାର ଆନନ୍ଦ ନେବାକୁ ସମସ୍ତେ ଚାହାନ୍ତି। ବିଶେଷକରି ଅଧିକାଂଶ ଯୁବତୀଯୁବକ ସାଙ୍ଗସାଥୀ ହୁଅନ୍ତୁ ଅବା ପରିବାର ସହ ଏହି ଖୁସିର ମୁହୂର୍ତ୍ତ ବିତେଇବାକୁ ଅପେକ୍ଷା କରି ରହିଥା'ନ୍ତି। ହେଲେ ଗାଡ଼ିରେ ଯାତ୍ରା କରିବା ସମୟରେ ଅନେକଙ୍କଠାରେ ମୋଶନ୍ ସିକ୍‌ନେସ୍ ସମସ୍ୟା ଦେଖାଯାଇଥାଏ। ଏହା ଏକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା, ଯେଉଁଥିରେ ଗାଡ଼ିରେ ବସିବାମାତ୍ରେ ହଠାତ୍ ଦେହ ଖରାପ ଲାଗିବା, ମୁଣ୍ଡ ବୁଲାଇବା ଏବଂ ବାନ୍ତିହେବା ଭଳି ଲକ୍ଷଣ ଦେଖାଦେଇଥାଏ। କାହା କାହାଠାରେ ଏହି କଷ୍ଟ ବୁଲିବାର ମଜା ଫିକା କରିଦିଏ ତ ଆଉ କେହି ବାନ୍ତି ଡରରେ ମନ ମାରି ଘରେ ରହି ବୁଲିବା ଖୁସିରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟା କେତେକଙ୍କଠାରେ ବଂଶଗତ ମଧ୍ୟ ହୋଇପାରେ। ହେଲେ ଏହାକୁ ଡରି କେଉଁଆଡ଼େ ନ ଯିବା କିମ୍ବା କଷ୍ଟରେ ଯାତ୍ରା କରି ବୁଲିବାର ମଜାକୁ ଏଞ୍ଜୟ ନ କରିବା ଏହାର ସମାଧାନ ନୁହେଁ। କେତେକ ଦିଗ ପ୍ରତି ଦୃଷ୍ଟି ଦେଲେ ଏହି ସମସ୍ୟା ଦୂର କରାଯାଇପାରିବ...

**ଡାକ୍ତରଙ୍କ ପରାମର୍ଶ:** ଯାହାର ମୋଶନ ସିକ୍‌ନେସ୍ ସମସ୍ୟା ବେଶି ଥାଏ, ତେବେ ଯାତ୍ରା ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇନେବା ଭଲ। ଏହାଦ୍ୱାରା ନିଶ୍ଚିତ ରୂପେ ଉପକୃତ ହେବେ। ହେଲେ ମନେରଖନ୍ତୁ, ଗାଡ଼ିରେ ବାନ୍ତି ହେବା ଭୟରେ ଅନେକେ ଯେକୌଣସି ବାନ୍ତି ମେଡିସିନ୍ ଖାଇଦିଅନ୍ତି, ଯାହାକି ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ କେବେକେବେ ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ିପାରେ।

**ରଖନ୍ତୁନି ପେଟ ଖାଲି:** ବୁଲିବାକୁ ଯିବା ପୂର୍ବରୁ ବାନ୍ତି ହେବା ଭୟରେ ଅନେକେ ଖାଲିପେଟରେ ରହିଥା'ନ୍ତି। କାରଣ ଖାଇବା ପରେ ଗାଡ଼ିରେ ବସିଲେ ବାନ୍ତି ହୁଏ, ଏଭଳି ଧାରଣା ସେମାନଙ୍କ ମନରେ ରହିଛି। ହେଲେ ଆପଣ ଜାଣନ୍ତି କି ଖାଲିପେଟରେ ରହିବା ଦ୍ୱାରା ଗ୍ୟାସ୍, ଏସିଡିଟି ହୋଇ ମୁଣ୍ଡ ବୁଲେଇବା ସହ ଅଧିକ ବାନ୍ତି ହୋଇଥାଏ। ତେଣୁ ଗାଡ଼ିରେ ଯାତ୍ରା କରିବା ପୂର୍ବରୁ ତେଲ ମସଲା, ଛଣାଛଣି ଭଳି ଖାଦ୍ୟ ନ ଖାଇ କିଛି ହାଲୁକା ଖାଦ୍ୟ, ଫଳ ଆଦି ଖାଇବା ଅବା ଜୁସ୍ ପିଇବା ଲାଭଦାୟକ।

**ଘରୋଇ ଉପଚାର ଲାଭଦାୟକ:** ଗାଡ଼ିରେ ଯିବାବେଳେ ପାଖରେ ଅଦା ଖଣ୍ଡ ଏବଂ ଲେମ୍ବୁ ରଖନ୍ତୁ। ବାନ୍ତି ଲାଗିବା ମାତ୍ରେ ଏହାକୁ ଖାଆନ୍ତୁ। ଏଥିରେ ଥିବା ଆଣ୍ଟିଏମିଟିକ୍ ଗୁଣ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଆଦି ଦୂର କରିବାରେ ସାହାଯ୍ୟ କରିଥାଏ। ମୋଶନ୍ ସିକ୍‌ନେସ୍ ଥିଲେ ଯାତ୍ରା ପୂର୍ବରୁ ଅଦା ଚା ପିଇବା ଲାଭଦାୟକ ହୋଇଥାଏ। ଅନେକଙ୍କଠାରେ ଗାଡ଼ିର ଧୂଆଁ, ପେଟ୍ରୋଲ୍, ଡିଜେଲ୍ ଆଦିର ଗନ୍ଧ ମଧ୍ୟ ବାନ୍ତିର କାରଣ ସାଜିଥାଏ। ଏମିତିରେ ଲେମ୍ବୁ ଶୁଙ୍ଘିବା ଦ୍ୱାରା ବାନ୍ତି ହୋଇ ନ ଥାଏ।



**ଆପଣାନ୍ତୁ ମ୍ୟୁଜିକ୍ ଥେରାପି:** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ, ତେବେ ଏହି ସମସ୍ୟା ଦୂର କରିବା ଲାଗି ଭଲ ଗୀତ ଶୁଣନ୍ତୁ। ନିଜ ମନକୁ ଭୁଲାଇବା ଲାଗି ଏହା ସବୁଠୁ ଭଲ ମାଧ୍ୟମ। କାରଣ ଗୀତରେ ଯାଦୁକରି ଶକ୍ତି ରହିଛି। ତେଣୁ ଏହାକୁ ମ୍ୟୁଜିକ୍ ଥେରାପି ଭଳି ବ୍ୟବହାର କରାଯାଏ। ଏପରି କଲେ ଆପଣଙ୍କ ଧ୍ୟାନ ଗୀତ ଆଡ଼କୁ ଯିବ ଏବଂ ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା ଆଦି ସମସ୍ୟା ଦୂର ହୋଇଯିବ।



**ଖୋଲା ରଖନ୍ତୁ ଗ୍ଲାସ୍:** ଗାଡ଼ିର ଗ୍ଲାସ୍ ବନ୍ଦ କରି ଏସି ଲଗାଇ ଅଧିକ ସମୟ ବସିବା ଦ୍ୱାରା ବି ବାନ୍ତି ହୋଇଥାଏ, ଏମିତିରେ ଆପଣ କିଛି ସମୟ ଗ୍ଲାସ ଖୋଲା ରଖିପାରିବେ। ବାହାର ଖୋଲା ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ମଧ୍ୟ ବାନ୍ତି ହୋଇ ନ ଥାଏ।

**ଓଲଟା ବସନ୍ତୁ ନାହିଁ:** ଯାତ୍ରାବେଳେ ବାନ୍ତି ନ ହେବା ଲାଗି ଆଗକୁ ମୁହଁ କରି ଆଗ କିମ୍ବା ମଝି ସିଟ୍‌ରେ ବସନ୍ତୁ। କାରଣ ଗାଡ଼ି ଭିତରେ ରାସ୍ତାର ବିପରୀତ ଦିଗକୁ ମୁହଁ କରି କିମ୍ବା ବଡ଼ ଗାଡ଼ିର ପୂରା ପଛ ସିଟ୍‌ରେ ବସିଲେ ମୋଶନ୍ ସିକ୍‌ନେସ୍ ହୋଇ ବାନ୍ତି ହେବାର ଆଶଙ୍କା ବେଶି।

**ପର୍‌ଫ୍ୟୁମ୍ ଓ ଏୟାର୍ ଫ୍ରେଶନର୍ ପକାନ୍ତୁନି:** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ, ତେବେ ଟାଇଟ୍ କିମ୍ବା ସିନ୍ଥେଟିକ୍ ପୋଷାକ ଆଦୌ ପିନ୍ଧନ୍ତୁ ନାହିଁ। ଏହା ବଦଳରେ ହାଲୁକା ଏବଂ ଢିଲା କଟନ ପୋଷାକ ପିନ୍ଧିବା ସବୁଠୁ ଭଲ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ କିମ୍ବା ଗାଡ଼ି ଭିତରେ କଡ଼ା ସୁଗନ୍ଧଯୁକ୍ତ ଏୟାର ଫ୍ରେଶନର୍ ପକାନ୍ତୁ ନାହିଁ।







## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ମେ .......... ତାରିଖରେ ପାଳନ କରାଯାଏ ?
୨– ଗ୍ଲୋବାଲ୍ ଇଲେକ୍ଟ୍ରିକ୍ ଭେଇକଲ୍ ଆଉଟ୍‌ଲୁକ୍ ୨୦୨୫ ........... ପକ୍ଷରୁ ପ୍ରକାଶ ପାଇଛି ?
୩– ଭାରତର ପ୍ରଥମ ଭିଷ୍ଟାଡୋମ୍ ଜଙ୍ଗଲ ସଫାରି ଟ୍ରେନ୍ ......... ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ?
୪– ଲଣ୍ଡନ ମୁସ୍‌ଲିମ୍ ଲିଗ୍ ୧୯୦୮ .............. ପ୍ରତିଷ୍ଠା କରିଥିଲେ ?
୫– ପାଙ୍ଗ୍‌ସାଉ ପାସ୍ ......... ଦୁଇ ଦେଶ ମଧ୍ୟରେ ରହିଛି ?

## ଗତ ଥରର ଉତ୍ତର

୧ ୧୩୦
୨ କର୍ଣ୍ଣାଟକ
୩ ଆଟ୍‌ଲାସ୍ ଟେଲିସ୍କୋପ୍
୪ ଚେନାବ
୫ ଗୌତମ

## ଉତ୍ତରଦାତା



ସୁଦିପ୍ତା ପଟ୍ଟନାୟକ, ଭୁବନେଶ୍ୱର



ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ୧୦

### ସବୁଠୁ ଧନୀ ଫୁଟବଲ୍ କ୍ଲବ୍–୨୦୨୫




୧. ରିଏଲ୍ ମାଡ୍ରିଡ୍........................................ ୬.୫୩ ବିଲିଅନ୍ ଡଲାର
୨. ମାଞ୍ଚେଷ୍ଟର ୟୁନାଇଟେଡ୍ ........................... ୬.୦୯ ବିଲିଅନ୍ ଡଲାର
୩. ବାର୍ସେଲୋନା ........................................ ୫.୭୧ ବିଲିଅନ୍ ଡଲାର
୪. ଲିଭରପୁଲ୍ ............................................ ୫.୫୯ ବିଲିଅନ୍ ଡଲାର
୫. ବାୟେର୍ନ ମନିଚ୍ ..................................... ୫.୨୧ ବିଲିଅନ୍ ଡଲାର
୬. ମାଞ୍ଚେଷ୍ଟର ସିଟି ..................................... ୫.୧୬ ବିଲିଅନ୍ ଡଲାର
୭. ଆର୍ସେନାଲ୍ ........................................... ୪.୪୯ ବିଲିଅନ୍ ଡଲାର
୮. ପ୍ୟାରିସ୍ ସେଣ୍ଟ ଜର୍ମାନିଆନ୍........................ ୪.୨୬ ବିଲିଅନ୍ ଡଲାର
୯. ଟେଟ୍ଟେନହାମ୍ ହଟ୍‌ସ୍ପର୍ .............................. ୩.୬୮ ବିଲିଅନ୍ ଡଲାର
୧୦. ଚେଲ୍‌ସୀ ............................................ ୩.୫୭ ବିଲିଅନ୍ ଡଲାର

## ମଡେଲିଂ ନିଶାରେ ସରିତା



ପିଲାଟି ଦିନରୁ ମଡେଲିଂ, ଅଭିନୟ ଓ ନୃତ୍ୟ ପ୍ରତି ତାଙ୍କର ଖୁବ୍ ଆଗ୍ରହ। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଭଳି ଅଞ୍ଚଳରେ କୌଣସି ତାଲିମ ନେବାର ସୁବିଧା ନ ଥିବାରୁ ସେ ୟୁଟ୍ୟୁବ୍‌ରୁ ଶିକ୍ଷା ଲାଭ କରି ଜାତୀୟ ସ୍ତରୀୟ ମଡେଲର ହୋଇ ପାରିଛନ୍ତି। ସେ ହେଉଛନ୍ତି ରାୟଗଡ଼ା ଜିଲା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶାନ୍ତି କୁମାରୀ କମଣ୍ଡଳ ଏବଂ ରାଜନ ରବିଙ୍କ ବଡ଼ ଝିଅ ରାଜନ ସରିତା ରାଣୀ। ରାୟଗଡ଼ାସ୍ଥିତ ମହର୍ଷି ବିଦ୍ୟାମନ୍ଦିରରେ ସ୍କୁଲ ପାଠପଢ଼ା ସାରିବା ପରେ ସେ ମିଟ୍ସ ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂ ପଢ଼ା ଶେଷ କରି ଏକ ଆଇଟି କମ୍ପାନୀରେ କାର୍ଯ୍ୟରତ। ତେବେ ପେସାରେ ଇଞ୍ଜିନିୟର ହୋଇଥିଲେ ହେଁ ନିଶା ତାଙ୍କର ମଡେଲିଂ ଏବଂ ଅଭିନୟ କରିବା। ତେଣୁ ସେ ବିଶାଖାପାଟଣାରେ ଚାକିରି କରିବା ସମୟରେ ୨୦୧୯ରୁ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ । ଇଣ୍ଡିଆନ୍ ସିଲ୍କ କୁଇନ୍ ପ୍ରତିଯୋଗିତାରେ ବିଜୟ ମୁକୁଟ ହାସଲ କରିଥିଲେ। ନିକଟରେ ଏପ୍ରିଲ ୧୩ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟସ୍ତରୀୟ ବ୍ୟୁଟି କଣ୍ଟେଷ୍ଟର ମିସ୍ ଗର୍ଜିଅସ୍ ଅଫ୍ ଇଣ୍ଡିଆରେ ନର୍ଥ ଇଣ୍ଡିଆ ୱିନର ହୋଇପାରିଛନ୍ତି। ଅଭିନୟରେ ଦକ୍ଷତା ଥିବାରୁ ତାଙ୍କୁ ନିକଟରେ ଏକ ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ସିରିୟଲରେ ଅଭିନୟ ଅଫର ମିଳିଛି। ଦକ୍ଷିଣ ଓଡ଼ିଶାରୁ ଅନେକ ଫିଲ୍ମର ଅଫର ଆସିଥିଲେ ବି ନିଜ ପସନ୍ଦର କ୍ୟାରେକ୍ଟର ମିଳିଲେ ସେ ଅଭିନୟ କରିବେ ବୋଲି କହିଛନ୍ତି। ସେ କୁହନ୍ତି ଝିଅ ଭାବେ ଆକ୍ଟିଂ କରିବା, ମଡେଲିଂ କରିବା ମୋ ପାଇଁ ଏତେଟା ସହଜ ନ ଥିଲା। କାରଣ ଆମ ଅଞ୍ଚଳରେ ଝିଅମାନେ ମଡର୍ନ ଡ୍ରେସ୍ ପିନ୍ଧିବା, ମଡେଲିଂ କରିବାକୁ ଲୋକେ ଟାହିଟାପରା କରନ୍ତି। ବାପା ମଧ୍ୟ ପ୍ରଥମେ ଏଥିପାଇଁ ସହମତି ଜଣାଇ ନ ଥିଲେ, କିନ୍ତୁ ମା' କାହା କଥା ନ ଶୁଣି ମତେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦେଇଛନ୍ତି। ସେ ହିଁ ମୋତେ ମିସ୍ ୟୁନିଭର୍ସ ଓଡ଼ିଶା ହେବା ପାଇଁ ସ୍ୱପ୍ନ ଦେଖାଇଛନ୍ତି। ଚାକିରି କରୁଥିଲେ ବି ଅଭିନୟ ଆଉ ମଡେଲିଂରେ ଆତ୍ମସନ୍ତୋଷ ମିଳୁଛି ବୋଲି କହୁଥିବା ସରିତା ଭବିଷ୍ୟତରେ ଚାକିରି ଏବଂ ମଡେଲିଂ ଉଭୟକୁ ଭଲ ଜାରି ରଖିବି ବୋଲି ପ୍ରକାଶ କରିଛନ୍ତି।

– ଭାଗ୍ୟଶ୍ରୀ ମିଶ୍ର

## ଜାଣନ୍ତୁ ଦୁନିଆ

# ବାଇଚଢ଼େଇ



ବାଇଚଢ଼େଇ ଆକାରରେ ଖୁବ୍ ଛୋଟ ସତ, ହେଲେ ତା'ର କୁନି ଥଣ୍ଟରେ ବସା ବାନ୍ଧିବାର କୌଶଳ ବଡ଼ ବଡ଼ ବୈଜ୍ଞାନିକଙ୍କୁ ବି ଚକିତ କରିଥାଏ। ଜାଣନ୍ତୁ ଏହି ଚଢ଼େଇ ସମ୍ପର୍କରେ କିଛି ରୋଚକ ତଥ୍ୟ...

▸▸ବାଇଚଢ଼େଇକୁ ବାୟାଚଢ଼େଇ ଏବଂ ଇଂଲିଶ୍‌ରେ ୱିଭର ବାର୍ଡ ବୋଲି କୁହାଯାଇଥାଏ, ଯାହାର ଅର୍ଥ ବୁଣାକାର ଚଢ଼େଇ। ଦ୍ରୁତ ଜଙ୍ଗଲକ୍ଷୟ ଯୋଗୁ ଧୀରେ ଧୀରେ ଏମାନଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ତେବେ ସବୁଠୁ ନିଆରା ଏବଂ ଜଟିଳ ବସା ବାନ୍ଧିବା ଶୈଳୀ ପାଇଁ ପକ୍ଷୀମାନଙ୍କ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି।

▸▸ଏହି ଚଢ଼େଇ ମୁଖ୍ୟତଃ ଦକ୍ଷିଣ ଏବଂ ଦକ୍ଷିଣ–ପୂର୍ବ ଏସିଆରେ ଅଧିକ ଦେଖାଯାଆନ୍ତି।

▸▸ଏହି ଚଢ଼େଇ ସାଧାରଣତଃ ଦଳ ଦଳ ହୋଇ ରହିଥା'ନ୍ତି ଏବଂ ସାମୂହିକ ଭାବେ ବସା ବାନ୍ଧିବାକୁ ପସନ୍ଦ କରନ୍ତି। ବସା ପାଇଁ ସେମାନେ ଘାସ, ପତ୍ର, ଗଛ ଛାଲ ବ୍ୟବହାର କରିଥା'ନ୍ତି।

▸▸ସେମାନଙ୍କ ବସା ଏତେ ମଜଭୁତ ହୋଇଥାଏ ଯେ, ଝଡ଼ବର୍ଷାରେ ବି ଆଦୌ ନଷ୍ଟ ହୋଇ ନ ଥାଏ। ଏପରିକି ତା' ଭିତରକୁ ପାଣି ମଧ୍ୟ ସହଜରେ ପଶି ପାରି ନ ଥାଏ।

▸▸ସାଧାରଣତଃ ଅଣ୍ଡିରା ଚଢ଼େଇ ମାଈ ଚଢ଼େଇକୁ ଆକର୍ଷିତ କରିବା ଲାଗି ଖୁବ୍ ମଜଭୁତ ଭାବେ ବସା ବୁଣିଥାଆନ୍ତି ଏବଂ ତାଙ୍କୁ ଡାକିଥା'ନ୍ତି, ଯାହାକୁ ପ୍ରଜନନ ନୃତ୍ୟ ବୋଲି କୁହାଯାଇଥାଏ। ମାଈ ଚଢ଼େଇ ଏହାକୁ ଭଲ ଭାବେ ନିରୀକ୍ଷଣ କରିବା ପରେ ପସନ୍ଦ ଆସିଲେ ସେଥିରେ ଏକାଠି ରହିବା ପାଇଁ ସହମତି ଦେଇଥା'ନ୍ତି।

▸▸ବାଇଚଢ଼େଇ ବର୍ଷରେ ଥରେ ମାତ୍ର ପ୍ରଜନନ କରିଥାଆନ୍ତି। ମା' ଚଢ଼େଇ ଏକାଥରକେ ୨–୪ଟି ଅଣ୍ଡା ଦେଇଥାଏ ଏବଂ ଯାହାକୁ ଉଷୁମାଇ ଛୁଆ ଫୁଟିବା ଲାଗି ପ୍ରାୟ ୧୪ ଦିନ ସମୟ ଲାଗିଥାଏ।

▸▸ଏହି ଚଢ଼େଇ ଧାନ, ଗହମ, ବିଭିନ୍ନ ମଞ୍ଜି, ଫଳ ଏବଂ କଅଁଳ ପତ୍ର ଆଦି ଖାଇଥାଆନ୍ତି। ଚାଷ ଜମିରେ ଥିବା ହାନିକାରକ ଛୋଟ ଛୋଟ ପୋକ ମଧ୍ୟ ଖାଇଥାଆନ୍ତି, ଯେଉଁଥିପାଇଁ ଏମାନଙ୍କୁ କୃଷକ ମିତ୍ର ବୋଲି କୁହାଯାଏ।

▸▸ସହଜରେ ଖାଦ୍ୟ ଏବଂ ପାଣି ମିଳିବା ଉଦ୍ଦେଶ୍ୟରେ ନଦୀ, ନାଳ, ବଡ଼ ପୋଖରୀ କୂଳରେ ଥିବା ଗଛରେ ଏମାନେ ବସାବାନ୍ଧି ରହିବାକୁ ପସନ୍ଦ କରନ୍ତି।

▸▸ବାଇଚଢ଼େଇ ପରିବେଶ ପାଇଁ ଖୁବ୍ ଉପକାରୀ। କାରଣ ଏମାନେ ଖାଦ୍ୟ ସଂଗ୍ରହ ଲାଗି ଥଣ୍ଟରେ ମଞ୍ଜି ଆଣିବା ବେଳେ ତାହା ଏଣେତେଣେ ପଡ଼ିବା ଦ୍ୱାରା ନୂଆ ଗଛ ସୃଷ୍ଟି ହୋଇଥାଏ।

▸▸ବାଇଚଢ଼େଇ ବସା ସମ୍ପର୍କରେ ଅନେକ ସ୍ଥାନରେ ବର୍ଣ୍ଣନା କରାଯାଇଛି। ଏମିତିକି ବାସ୍ତୁକଳା ଏବଂ ଶିଳ୍ପକଳାରେ ମଧ୍ୟ ଏହାକୁ ପ୍ରେରଣା ଭାବେ ଗ୍ରହଣ କରାଯାଇଛି। ଅଧିକନ୍ତୁ ଏହାକୁ ପ୍ରାକୃତିକ ଇଂଜିନିୟରିଂର ମାନ୍ୟତା ଦିଆଯାଇଛି। ଭାରତୀୟ ଲୋକକଥାରେ ବାଇଚଢ଼େଇକୁ ପରିଶ୍ରମ, ଧୈର୍ଯ୍ୟ ଏବଂ ଉଦ୍ୟମର ପ୍ରତୀକ ଭାବେ ବର୍ଣ୍ଣନା କରାଯାଇଛି।



## ସଂକ୍ଷେପରେ

### ରୁଷିଆ, ୟୁକ୍ରେନ୍ ମଧ୍ୟରେ ବନ୍ଦୀ ବିନିମୟ

କିଭ୍,୨୪।୫

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୨୦୨୨ ଫେବୃଆରୀରୁ ଯୁଦ୍ଧ ଲାଗିରହିଥିବାବେଳେ ଗତ ସପ୍ତାହରେ ଇସ୍ତାନବୁଲରେ ପ୍ରଥମଥର ପାଇଁ ଉଭୟ ପକ୍ଷ ଶାନ୍ତି ଆଲୋଚନାରେ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ମସ୍କୋ ଏବଂ କିଭ୍ ୧,୦୦୦ ଲେଖାଏ ଯୁଦ୍ଧବନ୍ଦୀ ଓ ଅନ୍ୟ ସାଧାରଣ ବନ୍ଦୀଙ୍କୁ ବିନିମୟ କରିବାକୁ ରାଜି ହୋଇଥିଲେ। ତଦନୁଯାୟୀ ଶୁକ୍ରବାର ଦୁଇ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ବିନିମୟ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏ ବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ଏହାର କିଛି ସମୟ ପୂର୍ବରୁ ରୁଷିଆର ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣରେ ୟୁକ୍ରେନ୍‌ର ୧୫ ଜଣ ଆହତ ହୋଇଥିଲେ।

### ନାବାଳିକା ବଳାତ୍କାର ମାମଲାରେ ସନ୍ଥ ଗିରଫ


ଲୋକେଶ୍ୱର ମହାରାଜ

ବେଙ୍ଗାଲୁରୁ,୨୪।୫

କର୍ଣ୍ଣାଟକର ବେଲଗମ୍ ଜିଲାରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଜଣେ ସନ୍ଥଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବେଲଗମ୍ ଜିଲା ରାଇବାଗ ତାଲୁକ ଅନ୍ତର୍ଗତ ମେଖାଲି ଗ୍ରାମରେ ଥିବା ରାମମନ୍ଦିରର ସନ୍ଥ ଲୋକେଶ୍ୱର ମହାରାଜ। ସେ ୧୭ ବର୍ଷୀୟାଙ୍କୁ କାର୍‌ରେ ନେଇ ଘରେ ଛାଡ଼ିଦେବାକୁ କହି ବାଗଲକୋଟ ସହରର ଏକ ଲଜ୍‌କୁ ନେଇ ସେଠାରେ ବଳାତ୍କାର କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପରେ ସେ ପୀଡ଼ିତାଙ୍କୁ ରାଇଚୁର ନେଇ ଯୌନ ନିର୍ଯ୍ୟାତନା ଦେଇ ମହାଲିଙ୍ଗପୁର ବସ୍‌ଷ୍ଟାଣ୍ଡରେ ଛାଡ଼ି ଚାଲିଯାଇଥିଲେ। ସନ୍ଥଙ୍କ ନାମରେ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍‌ସୋ)ରେ ବାଗଲକୋଟ ଥାନାରେ ମାମଲା ରୁଜୁ ହୋଇଛି।

### ମାନସିକ ବିକୃତ ମହିଳାଙ୍କୁ ଜେଲ ପରିସରରେ ଗଣବଳାତ୍କାର

ଗୁଆହାଟୀ ୨୪।୫

ଆସାମର ଶ୍ରୀଭୂମି ଜିଲାରେ ଜଣେ ବାସହୀନ ମାନସିକ ବିକୃତ ମହିଳାଙ୍କୁ ଜିଲା ଜେଲ୍ ପରିସରକୁ ଘୋଷାଡ଼ି ନେଇ ଗଣବଳାତ୍କାର କରିବା ଅଭିଯୋଗରେ ୨ ଜଣ ଗାର୍ଡ ଗିରଫ ହୋଇଛନ୍ତି। ଶୁକ୍ରବାର ରାତି ୧ଟା ୩୦ ମିନିଟ୍ ସମୟରେ ୨ ୱାର୍ଡର ମହିଳାଙ୍କୁ ଘୋଷାଡ଼ି ନେଇଥିବାବେଳେ ପାଟ୍ରୋଲିଂ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ଅଭିଯୁକ୍ତ ହରେଶ୍ୱର କଳିତା ଏବଂ ଗଜେନ୍ଦ୍ର କଳିତାଙ୍କ ଘର ଗୁଆହାଟୀର ପଞ୍ଜାବରୀ ଓ ବାରୋଗାଁରେ। ଉଭୟଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଥିବାବେଳେ ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ନୀତି ଆୟୋଗ ବୈଠକ

# ଆସିଲେନି ୪ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୪।୫

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରେସିପ୍ରୋକାଲ ଟାରିଫ୍ ଘୋଷଣା ଏବଂ ପାକିସ୍ତାନ ବିରୋଧରେ ଭାରତୀୟ ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ ହୋଇଛି ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍ସିଲର ୧୦ମ ବୈଠକ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଓ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀ ଯୋଗଦେଇ ନାହାନ୍ତି। ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ବିଶେଷକରି ମମତାଙ୍କ ଅନୁପସ୍ଥିତିକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍ସିଲ ବୈଠକରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳମାନେ ଯୋଗଦେବା କଥା। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମମତାଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି ଜୋର୍ ଧରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ଗତବର୍ଷ ଜୁଲାଇରେ ଅନୁଷ୍ଠିତ ନୀତି ଆୟୋଗର ପୂର୍ବ ବୈଠକରେ ଭାଜପା ଶାସିତ ଏବଂ ଏନ୍‌ଡିଏ ନେତୃତ୍ୱାଧୀନ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ୧୫ ମିନିଟରୁ ଅଧିକ ସମୟ କହିବାକୁ ଦିଆଯାଇଥିବାବେଳେ ବିରୋଧୀ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ମାତ୍ର ୫ ମିନିଟ୍ ଦିଆଯାଇଥିବା ଅଭିଯୋଗ ଆଣି ମମତା ଏହାକୁ ବର୍ଜନ କରିଛନ୍ତି। ଆସନ୍ତା

### ମମତା ବାନାର୍ଜୀଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି



ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପଶ୍ଚିମବଙ୍ଗ ଗସ୍ତ ପୂର୍ବରୁ ମମତା କେନ୍ଦ୍ର ବିରୋଧୀ ନିଜ ଆଭିମୁଖ୍ୟକୁ ଆହୁରି ମଜଭୁତ କରିବାକୁ ଯାଇ ଏପରି ନିଷ୍ପତ୍ତି ନେଇଛନ୍ତି। ଭାଜପାର ରାଜ୍ୟ ସଭା ସଦସ୍ୟ ସମିକ ଭଟ୍ଟାଚାର୍ଯ୍ୟ ମମତାଙ୍କୁ ସମାଲୋଚନା କରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ପଶ୍ଚିମବଙ୍ଗ ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଗତି କରିବ। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ନୀତି ଆୟୋଗ ବୈଠକ ତାଙ୍କ ପାଇଁ ଏକ ସୁଯୋଗ ଥିଲା। ନିର୍ବାଚନ ପରେ ନୂଆ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେବେ। ସେହିପରି ସିପିଆଇଏମ୍ କେନ୍ଦ୍ରୀୟ କମିଟି ସଦସ୍ୟ ସୁଜନ ଚକ୍ରବର୍ତ୍ତୀ କହିଛନ୍ତି, ଏଥିରେ କିଛି ନୂତନତ୍ୱ ନାହିଁ। ମମତା କେବଳ ଦୁର୍ନୀତି କରିବାରେ ବ୍ୟସ୍ତ। ତେଣୁ ସେ ରାଜ୍ୟର ବିକାଶ ପରିବର୍ତ୍ତେ 'ଦୁର୍ନୀତି ଆୟୋଗ' ବୈଠକରେ ସାମିଲ ହେବାକୁ ଅଧିକ ଆଗ୍ରହୀ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ମମତା ଏହି ବୈଠକରେ ସାମିଲ ହୋଇଥିଲେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉଠାଇପାରିଥାନ୍ତେ।

### କେନ୍ଦ୍ର, ରାଜ୍ୟ ମିଶି କାର୍ଯ୍ୟକଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ: ମୋଦି


ନୀତି ଆୟୋଗ ବୈଠକରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍।

କେନ୍ଦ୍ର ସରକାର ଓ ରାଜ୍ୟଗୁଡ଼ିକ ଟିମ୍ ଇଣ୍ଡିଆ ଭଳି ମିଶିକି କାର୍ଯ୍ୟକଲେ କୌଣସି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ନୁହେଁ ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁସନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିକାଶର ଗତିକୁ ଆହୁରି ବଢ଼ାଯିବାର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାରମାନେ କେନ୍ଦ୍ର ସହ ସମନ୍ୱୟ ରଖି କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

'୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ' ଗଠନର ଲକ୍ଷ୍ୟ ସମ୍ପର୍କିତ ବିଷୟବସ୍ତୁ ଉପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ମୋଦି କହିଛନ୍ତି, ବିକଶିତ ଭାରତ ହେଉଛି ପ୍ରତି ଭାରତୀୟଙ୍କ ଲକ୍ଷ୍ୟ। ପ୍ରତ୍ୟେକ ରାଜ୍ୟ ବିକଶିତ ହେଲେ ଭାରତ ମଧ୍ୟ ବିକଶିତ ହେବ। ଏହା ହେଉଛି ୧୪୦ କୋଟି ନାଗରିକଙ୍କ ଆକାଂକ୍ଷା।

ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍ସିଲ ହେଉଛି, ଦେଶର ବିକାଶ ସକାଶେ ନୀତି ପ୍ରଣୟନକାରୀ ସଂସ୍ଥା, ଯହିଁରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ ଯୋଗଦେଇଥାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହାର ଅଧ୍ୟକ୍ଷ। 'ଅପରେଶନ ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ଏଥିରେ ପ୍ରଥମଥର ପାଇଁ ଅଧ୍ୟକ୍ଷତା କରି 'ୱାନ୍ ଷ୍ଟେଟ୍, ୱାନ୍ ଗ୍ଲୋବାଲ ଡେଷ୍ଟିନେଶନ'ର ଅବତାରଣା କରିଛନ୍ତି। ତଦନୁସାରେ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ବିକଶିତ କରିବାକୁ ପଡ଼ିବ। ବୈଶ୍ୱିକ ସୁବିଧା ଓ ଭିତ୍ତିଭୂମି ଯୋଗାଇଦେଇ ସେହି ପର୍ଯ୍ୟଟନସ୍ଥଳୀକୁ ବିଶ୍ୱର କୋଣଅନୁକୋଣରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିଲେ ରାଜ୍ୟଗୁଡ଼ିକର ବିକାଶ ସମ୍ଭବ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ୨୬ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରିବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଏହା ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି। ବୈଠକରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ପଣ୍ଡିଚେରୀ ଓ କେରଳ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ। ଆନ୍ଧ୍ରପ୍ରଦେଶର ଏନ୍. ଚନ୍ଦ୍ରବାବୁ ନାଇଡୁ, ତାମିଲନାଡୁର ଏମ୍.କେ. ଷ୍ଟାଲିନ୍ ଓ ତେଲଙ୍ଗାନାର ରେଭନ୍ତ ରେଡ୍ଡୀଙ୍କ ସହ ଜମ୍ମୁ-କଶ୍ମୀରର ଓମାର ଅବ୍‌ଦୁଲ୍ଲା, ହିମାଚଳ ପ୍ରଦେଶର ସୁଖବିନ୍ଦର ସିଂ ସୁଖୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇ ନିଜ ନିଜ ରାଜ୍ୟର ଦାବି ଜଣାଇଥିଲେ।

## ଦିଲ୍ଲୀ, ମୁମ୍ବାଇ, କେରଳରେ ବଢ଼ୁଛି କୋଭିଡ୍

### ହସ୍ପିଟାଲରେ ଶଯ୍ୟା, ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୪।୫

ଦିଲ୍ଲୀ, ମହାରାଷ୍ଟ୍ର, କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ ହସ୍ପିଟାଲଗୁଡ଼ିକରେ ଶଯ୍ୟା ଓ ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ବର୍ଷ ପରେ ପ୍ରଥମଥର ପାଇଁ ଜାତୀୟ ରାଜଧାନୀରେ ୨୩ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି। କେରଳରେ ଚଳିତ ମାସରେ ସର୍ବାଧିକ ୨୭୩ ଜଣ କୋଭିଡ୍ ସଂକ୍ରମିତ ହୋଇଥିବାରୁ ସବୁ ଜିଲାକୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କାଶ ହେଲେ ମାସ୍କ ବ୍ୟବହାର କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି କର୍ଣ୍ଣାଟକରେ ୯ ମାସର ଶିଶୁ ସମେତ ୩୫ଟି କୋଭିଡ୍ ମାମଲା ଚିହ୍ନଟ ହୋଇଛି। ଶ୍ୱାସଜନିତ ସମସ୍ୟା ଥିବା ଲୋକମାନଙ୍କୁ କୋଭିଡ୍ ପରୀକ୍ଷା କରିବା ପାଇଁ କୁହାଯାଉଛି। ଚଳିତ ମାସରେ ମୁମ୍ବାଇରେ ୯୫ ଏବଂ ଠାଣେରେ ୧୦ ମାମଲା ଚିହ୍ନଟ ହୋଇଥିବାବେଳେ ୧୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ୱାସଜନିତ ରୋଗ ଲକ୍ଷଣ ଥିବା ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଇବାକୁ ବ୍ରିହନ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପରାମର୍ଶ ଦେଇଛି। କୋଭିଡ୍‌ର ଜେଏନ୍.୧ ଭାରିଆଣ୍ଟ ପାଇଁ ଦକ୍ଷିଣ ଏସିଆରେ ସଂକ୍ରମଣ ବଢ଼ୁଛି। ଏହି ଭାରିଆଣ୍ଟ ସକ୍ରିୟ ଥିଲେ ମଧ୍ୟ ଚିନ୍ତାଜନକ ପର୍ଯ୍ୟାୟରେ ସାମିଲ କରାଯାଇ ନ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି।

## ପୁଞ୍ଚ୍‌ରେ ରାହୁଲ: ପାକିସ୍ତାନ ଆକ୍ରମଣରେ କ୍ଷତିଗ୍ରସ୍ତଙ୍କୁ ଭେଟିଲେ


ପୁଞ୍ଚ୍‌ର ଏକ ସ୍କୁଲରେ ପିଲାମାନଙ୍କ ଗହଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ନୂଆଦିଲ୍ଲୀ ୨୪।୫

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଗସ୍ତରେ ଯାଇ ପାକିସ୍ତାନୀ ସେନାର ସୀମାପାର ମୋର୍ଟାର ଶେଲ୍ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ଭେଟିଛନ୍ତି। ଭାରତର ଅପରେଶନ ସିନ୍ଦୂର ପରେ ପାକିସ୍ତାନୀ ସେନାର ଆକ୍ରମଣ ଯୋଗୁ ପୁଞ୍ଚ୍‌ରେ ବହୁ କ୍ଷୟକ୍ଷତି ହେବା ସହ କେତେଜଣ ମୃତାହତ ହୋଇଥିଲେ। ରାହୁଲ କ୍ଷତିଗ୍ରସ୍ତ ଲୋକଙ୍କ ଘରକୁ ଯାଇ ସେମାନଙ୍କ ସହ କଥା ହେବା ସହ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ସେ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଥିଲେ। ଶେଲ୍ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଏକ ସ୍କୁଲରେ କଂଗ୍ରେସ ନେତା ପହଞ୍ଚି ପିଲାମାନଙ୍କ ସହ କଥା ହୋଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ଉଦ୍‌ବେଗକୁ ଜାତୀୟ ସ୍ତରରେ ଉଠାଇବେ ବୋଲି ରାହୁଲ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଆକ୍ରମଣରେ ଅନେକ ଜୀବନ ଯାଇଛି ଓ ବହୁ କ୍ଷୟକ୍ଷତି ହୋଇଛି। ଲୋକମାନଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲି। ଲୋକେ ସେମାନଙ୍କ ସମସ୍ୟାକୁ ଜାତୀୟସ୍ତରରେ ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ ବୋଲି ରାହୁଲ କହିଛନ୍ତି।

### ପଳାତକ ଅପରାଧୀ ଚଣ୍ଡୋକ୍‌ଙ୍କୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ,୨୪।୫

ଆମେରିକାରେ ରହୁଥିବା ମୋଷ୍ଟ ୱାଣ୍ଟେଡ୍ ପଳାତକ ଅପରାଧୀ ଅଙ୍ଗଦ ସିଂ ଚଣ୍ଡୋକ୍‌ଙ୍କୁ ଭାରତ ପ୍ରତ୍ୟର୍ପଣ କରାଇବାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସଫଳ ହୋଇଛି। ହାଇପ୍ରୋଫାଇଲ୍ ବ୍ୟାଙ୍କ ଜାଲିଆତି ଏବଂ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଚଣ୍ଡୋକ୍ ଦୀର୍ଘବର୍ଷ ହେଲା ଫେରାର ଥିଲେ। ଆମେରିକା



କର୍ତ୍ତୃପକ୍ଷ ତାଙ୍କୁ ବିଦା କରିବା ପରେ ଶନିବାର ସକାଳେ ସେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ସିବିଆଇ ଅଧିକାରୀମାନେ ତାଙ୍କୁ ହାଜତକୁ ନେଇଥିବାବେଳେ ଜେରା ପାଇଁ ଅଧିକ ଦିନ ରିମାଣ୍ଡରେ ନେବା ଲାଗି ସ୍ୱତନ୍ତ୍ର ଅଦାଲତଙ୍କୁ ନିବେଦନ କରିପାରନ୍ତି। ଆର୍ଥିକ ଅପରାଧରେ ସମ୍ପୃକ୍ତ ପଳାତକ ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣିବାରେ ଏହା ଏକ ବଡ଼ ସଫଳତା।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଗୁଜରାଟର ସ୍ୱାସ୍ଥ୍ୟକର୍ମୀ ଗିରଫ

ନୂଆଦିଲ୍ଲୀ,୨୪।୫

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଗୁଜରାଟର ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସହଦେବ ସିଂ ଗୋହିଲ କଚ୍ଛ ବାସିନ୍ଦା ହୋଇଥିବା ଗୁଜରାଟ ଏଟିଏସ୍‌ର ବରିଷ୍ଠ ଅଧିକାରୀ କେ. ସିଦ୍ଧାର୍ଥ କହିଛନ୍ତି। ସେ ଭାରତୀୟ ବାୟୁସେନା (ଆଇଏଏଫ୍) ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କ ସହ ଶେୟାର କରୁଥିଲେ। ଗୋହିଲ ୨୦୨୩ରେ ହ୍ୱାଟ୍ସଆପ୍ ଜରିଆରେ ପାକିସ୍ତାନୀ ଏଜେଣ୍ଟ ଅଦିତି ଭରଦ୍ୱାଜଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ସେ ଅଦିତିଙ୍କ ପାଖକୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍‌ର ନବନିର୍ମିତ ବା ନିର୍ମାଣାଧୀନ ସାମରିକ ଘାଟିଗୁଡ଼ିକର ଫଟୋ ଓ ଭିଡିଓ ପଠାଇଥିଲେ।

ତଥ୍ୟ ପଠାଉଥିବା ଖବର ମିଳିବା ପରେ ଗୋହିଲଙ୍କୁ ଚଳିତ ମାସ ୧ ତାରିଖରେ ପ୍ରାରମ୍ଭିକ ତଦନ୍ତ ପାଇଁ ଡକାଯାଇଥିଲା। ଜେରା ବେଳେ ପାକିସ୍ତାନୀ ଏଜେଣ୍ଟ ତାଙ୍କୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍ ସାଇଟ୍‌ଗୁଡ଼ିକର ଫଟୋ ଓ ଭିଡିଓ ମାଗିଥିବା


ସହଦେବ ସିଂ ଗୋହିଲ

ସ୍ୱତନ୍ତ୍ର ଟାସ୍କଫୋର୍ସ ଜାଣିବାକୁ ପାଇଥିଲା। ଅଫିସରଙ୍କ କହିବା ଅନୁଯାୟୀ, ୨୦୨୫ ଆରମ୍ଭରେ ଗୋହିଲ ନିଜ ଆଧାର କାର୍ଡରେ ଏକ ସିମ୍ କାର୍ଡ କିଣି ଓଟିପି ସହାୟତାରେ ସେହି ନମ୍ବରରେ ଅଦିତିଙ୍କ ପାଇଁ ହ୍ୱାଟ୍ସଆପ୍ ଆକ୍ଟିଭେଟ୍ କରିଥିଲେ। ପରେ ସେ ଉକ୍ତ ନମ୍ବରକୁ ତଥ୍ୟ ଶେୟାର ପାଇଁ ବ୍ୟବହାର କରୁଥିଲେ। ଉକ୍ତ ନମ୍ବର ପାକିସ୍ତାନରୁ ଅପରେଟ୍ କରାଯାଉଥିବା ଫୋରେନ୍‌ସିକ ଅନୁଧ୍ୟାନରୁ ଜଣାପଡ଼ିଛି। ଗୋହିଲଙ୍କୁ ଏଥିପାଇଁ ଜଣେ ଅଜଣା ବ୍ୟକ୍ତି ୪୦ ହଜାର ଟଙ୍କା ଦେଇଥିଲେ ବୋଲି ସିଦ୍ଧାର୍ଥ କହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗୋହିଲଙ୍କୁ ମିଶାଇ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ କରାଗଲାଣି।

## ଫୁରସତ୍

# କିଛି ନ କରିବାର ପ୍ରତିଯୋଗିତା

### ୯୦ ମିନିଟ୍ ପର୍ଯ୍ୟନ୍ତ ସ୍ଥିର ଭାବେ ବସି ରୁହନ୍ତି ପ୍ରତିଯୋଗୀ

ସିଓଲ

ଦକ୍ଷିଣ କୋରିଆରେ ଗତ କିଛି ବର୍ଷ ଧରି ଏପରି ଏକ ପ୍ରତିଯୋଗିତାର ଆୟୋଜନ ହେଉଛି, ଯେଉଁଠାରେ କିଛି ନ କରି ଗୋଟିଏ ସ୍ଥାନରେ ସ୍ଥିର ଭାବେ ବସି ରହିବା ପାଇଁ ପୁରସ୍କୃତ କରାଯାଇଥାଏ। ଏହି ଅନନ୍ୟ ପ୍ରତିଯୋଗିତା ସ୍ପେସ୍-ଆଉଟ୍ ପ୍ରତିଯୋଗିତା ନାମରେ ପରିଚିତ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନଙ୍କୁ କେବଳ ଚୁପଚାପ୍ ନିଷ୍କ୍ରିୟ ହୋଇ ଗୋଟିଏ ସ୍ଥାନରେ ୯୦ ମିନିଟ୍ ପର୍ଯ୍ୟନ୍ତ ବସିବାକୁ ପଡ଼ିଥାଏ।




ସ୍ଥାନୀୟ କଳାକାର ଉପସ୍ୟାଙ୍ଗଙ୍କ ଦ୍ୱାରା ୨୦୧୪ରେ ଆରମ୍ଭ ହୋଇଥିବା ଏହି ସ୍ପେସ୍-ଆଉଟ୍ ପ୍ରତିଯୋଗିତା ପ୍ରତି ବର୍ଷ ଆୟୋଜିତ ହୋଇଥାଏ। ଧୀରେ ଧୀରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଗତ ୧୧ ତାରିଖରେ ଏହି ପ୍ରତିଯୋଗିତାର ୧୧ତମ ସଂସ୍କରଣ ଦକ୍ଷିଣ କୋରିଆର ରାଜଧାନୀ ସିଓଲର ଜମସୁ ବ୍ରିଜ୍ ନିକଟସ୍ଥ ବାନ୍‌ପୋ ହାଙ୍ଗାଙ୍ଗ୍ ପାର୍କରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରାୟ ୪,୫୪୭ ଟିମ୍ ଆବେଦନ କରିଥିଲେ। ତେବେ ସେଥିମଧ୍ୟରୁ କେବଳ ୮୦ଟି ଟିମ୍‌ର ୧୨୬ ଜଣ ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲେ। ବିଭିନ୍ନ ବୃତ୍ତି ଏବଂ କ୍ଷେତ୍ରରେ ନିୟୋଜିତ ଥିବା ବ୍ୟକ୍ତି ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀ ଭାବେ ସ୍ଥାନ ପାଇଥିଲେ। ପ୍ରତିଯୋଗିତାର ନିୟମ ଅନୁଯାୟୀ, ଅଂଶଗ୍ରହଣକାରୀମାନେ ୯୦ ମିନିଟ୍ ପର୍ଯ୍ୟନ୍ତ ଅନ୍ୟ କୌଣସି ମଧ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ ନ କରି ସ୍ଥିର ହୋଇ ବସି ରହିବେ। ଏହି ସମୟରେ ସେମାନେ ନିଜ ଫୋନ୍ ବ୍ୟବହାର କରିବେ ନାହିଁ କିମ୍ବା ଅନ୍ୟ କାହା ସହ କଥା ମଧ୍ୟ ହୋଇପାରିବେ ନାହିଁ। ସେହିପରି ଯଦି କେହି ପ୍ରତିଯୋଗୀ ବିରକ୍ତ ହୋଇ ଶୋଇପଡ଼ନ୍ତି କିମ୍ବା କୌଣସି କାରଣବଶତଃ ହସି ଦିଅନ୍ତି ତେବେ ତାଙ୍କୁ ତତ୍‌କ୍ଷଣାତ୍ ଅଯୋଗ୍ୟ ଘୋଷଣା କରାଯାଇଥାଏ। ଲୋକଙ୍କ ହୃଦ୍‌ସ୍ପନ୍ଦନ ଆଧାରରେ ଏହି ପ୍ରତିଯୋଗିତାର ବିଜେତା ଚୟନ କରାଯାଇଥାଏ। ସବୁଠାରୁ ସ୍ଥିର ହୃଦ୍‌ସ୍ପନ୍ଦନ ହାର ଥିବା ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତାକୁ ଜିତିଥାନ୍ତି।

### କାନ୍ସ ରେଡ୍ କାର୍ପେଟରେ ଆଲିଆଙ୍କ ଡେବ୍ୟୁ

ନୂଆଦିଲ୍ଲୀ

କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୮ତମ ସଂସ୍କରଣରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଯୋଗଦେଇଛନ୍ତି। ଏହି ମର୍ଯ୍ୟାଦାଜନକ ଉତ୍ସବରେ ୩୨ ବର୍ଷୀୟା ଅଭିନେତ୍ରୀ ତାଙ୍କ ରେଡ୍ କାର୍ପେଟ ଡେବ୍ୟୁରେ ମାଇସନ୍ ସିଆପାରେଲିଙ୍କ ପ୍ରସ୍ତୁତ ଉନ୍ନତ ଡିଜାଇନ୍‌ର ଫିସ୍‌ଟେଲ୍ ଗାଉନ୍‌ରେ ଦର୍ଶକଙ୍କୁ ଆକର୍ଷିତ କରିଛନ୍ତି। ଆଲିଆ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ କେତେଗୁଡ଼ିଏ ଫଟୋ ଶେୟାର କରି 'ହେଲୋ କେନ୍ସ' କ୍ୟାପ୍‌ଶନ ଲେଖିବା ସହ ଲୋରିୟଲ ପ୍ୟାରିସ୍‌କୁ ଟ୍ୟାଗ୍ କରିଛନ୍ତି। ବିଉଟି ବ୍ରାଣ୍ଡ ଲୋରିୟଲ ପ୍ୟାରିସ୍‌ର ଗ୍ଲୋବାଲ ଆମ୍ବାସାଡର ରହିଛନ୍ତି ଆଲିଆ।



# ବଚସାରୁ ସ୍ତ୍ରୀଙ୍କ ଉପରେ ଢାଳିଲେ ଏସିଡ୍

**ବେଙ୍ଗାଲୁରୁ,୨୪।୫(ପି.ଟି.)**



ପାରିବାରିକ କଳହ ଏବେ ଉଗ୍ର ହେବାରେ ଲାଗିଛି। ଛୋଟ ଛୋଟ ଘଟଣାରେ ଉତ୍କ୍ଷିପ୍ତ ହୋଇ ଅଘଟଣ ଘଟାଇବାକୁ ପଛାଉ ନାହାନ୍ତି। ପରିବାରରେ ବଚସା କାରଣରୁ ବେଙ୍ଗାଲୁରୁରେ ଜଣେ ସ୍ୱାମୀ ସ୍ତ୍ରୀଙ୍କ ଉପରକୁ ଟଏଲେଟରେ ବ୍ୟବହାର ହେଉଥିବା ଏସିଡ୍ କ୍ଲିନର ଢାଳି ଦେଇଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ପଡ଼ୋଶୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ବେଙ୍ଗାଲୁରୁରେ ରହୁଥିବା ୪୪ବର୍ଷୀୟା ସିଦେଦାହାଲି ଜଣେ ବ୍ୟୁଟିସିଆନ୍ ଭାବେ କାମ କରନ୍ତି। ସେ ତାଙ୍କ ସ୍ୱାମୀଙ୍କ ସହ ରୁହନ୍ତି। ଗତ ୧୯ତାରିଖ ରାତିରେ ସ୍ୱାମୀ ମଦ୍ୟପାନ କରିବା ପାଇଁ ସିଦେଦାହାଲିଙ୍କୁ ଟଙ୍କା ମାଗିଥିଲେ। ହେଲେ ଟଙ୍କା ଦେବାକୁ ସ୍ତ୍ରୀ ମନା କରିଦେଇଥିଲେ। ପରେ ସ୍ତ୍ରୀଙ୍କ ଠାରୁ କୌଣସି ପ୍ରକାରେ ଟଙ୍କା ନେବାରେ ସ୍ୱାମୀ ସଫଳ ହୋଇ ବାହାରକୁ ଯାଇଥିଲେ। କିଛି ସମୟପରେ ମଦ୍ୟପାନ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ ଘରେ ମୋବାଇଲ ଫୋନ୍‌ରେ ଅଧିକ ସାଉଣ୍ଡ ବା ଶବ୍ଦ ଦେଇ ଗୀତ ଶୁଣିବାରୁ ସ୍ତ୍ରୀ ଏହାକୁ ବିରୋଧ କରି ଶବ୍ଦ ପ୍ରଦୂଷଣ ନ କରିବାକୁ କହିଥିଲେ। ହେଲେ ଏଥିରେ ସ୍ୱାମୀ ରାଜି ନ ହୋଇ ଜୋରରେ ସାଉଣ୍ଡ ଦେଇ ଗୀତ ଶୁଣିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ୱାମୀ ବାଥ୍‌ରୁମ୍‌ରେ ଥିବା ଟଏଲେଟ କ୍ଲିନର ଏସିଡ୍ ଆଣି ସ୍ତ୍ରୀଙ୍କ ମୁହଁରେ ଢାଳି ଦେଇଥିଲେ। ସିଦେଦାହାଲି ଯନ୍ତ୍ରଣାରେ ଛଟପଟ ହୋଇ ସହାୟତା ପାଇଁ ଚିତ୍କାର କରୁଥିବାବେଳେ ତାଙ୍କୁ ସହଯୋଗ ନ କରି ସ୍ୱାମୀ ଘରୁ ଫେରାର ହୋଇଯାଇଥିଲେ। ପରେ ପଡ଼ୋଶୀ ସିଦେଦାହାଲିଙ୍କ ପାଟି ଶୁଣି ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ସିଦେଦାହାଲିଙ୍କ ସ୍ୱାମୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ଭଡ଼ାଟିଆଙ୍କ ପାଖରେ ରଖିଥିଲେ ୫୫ ଲକ୍ଷ ଟଙ୍କା, ୧.୪ କେଜି ସୁନା

## ଆର୍‌ଆଣ୍ଡ୍‌ବି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀ ଗିରଫ

■୩୪୭% ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠାବ

**ଭୁବନେଶ୍ୱର,୨୪।୫(ସତ୍ୟଜିତ୍ ରାଉତ)**



ନୂଆପଡା ଜିଲା ଖରିଆରସ୍ଥିତ ରାସ୍ତା ଓ ଗୃହ ବିଭାଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସୁଶାନ୍ତଙ୍କ ଠାରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୩୪୭% ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ପୋଲିସ ଷ୍ଟେଶନ ଥାନାରେ ସୁଶାନ୍ତଙ୍କ ବିରୋଧରେ ମାମଲା ନଂ.୫/୨୦୨୫ ରୁଜୁ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସୁଶାନ୍ତଙ୍କୁ ସହଯୋଗ କରିଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭିଜିଲାନ୍ସ ଯାଞ୍ଚବେଳେ ଆଉ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ସୁଶାନ୍ତଙ୍କ ସ୍ତ୍ରୀ ଗଙ୍ଗୋତ୍ରୀ ବିହାରରେ ରହୁଥିବା ଭଡ଼ାଟିଆଙ୍କ ବିରୋଧରେ ଧଉଳି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଭଡ଼ାଟିଆଙ୍କୁ ୫୫ଲକ୍ଷ ଟଙ୍କା ଓ ୧.୪ କେ.ଜି. ସୁନା ଦେଇଥିବାବେଳେ ସେମାନେ ଫେରାଉ ନ ଥିବା ନେଇ ଏତଲାରେ ଦର୍ଶାଯାଇଥିଲା। ଏହାକୁ ନେଇ ଧଉଳି ପୋଲିସ ୨୦୨୪ ଏପ୍ରିଲ ୧୩ରେ ଏକ ମାମଲା (ନଂ.୯୩/୨୦୨୪) ରୁଜୁ କରିଥିଲା। ତେବେ ଏହି ଦସ୍ତାବିଜ ମିଳିବା ପରେ ଏହା ଦୁର୍ନୀତି ଟଙ୍କା ବୋଲି ସନ୍ଦେହ କରି ଭିଜିଲାନ୍ସ ଅଧିକ ତଦନ୍ତ କରୁଛି। ସେତେବେଳେ ଭିଜିଲାନ୍ସରେ ଅଭିଯୋଗ ହୋଇଥିବା ଜାଣିବା ପରେ ଚଢ଼ାଉ ଆଶଙ୍କାରେ ସୁଶାନ୍ତ ଓ ତାଙ୍କ ସ୍ତ୍ରୀ ବିପୁଳ ଟଙ୍କା ଓ ସୁନା ଭଡ଼ାଟିଆଙ୍କ ଘରେ ଲୁଚାଇ ରଖିଥିବା କୁହାଯାଉଛି। ତେବେ ଏନେଇ ଧଉଳି ଥାନା ଆଇଆଇସି ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି, ଏଯାଏ କୌଣସି ପ୍ରମାଣ ମିଳିନାହିଁ। ଭିଜିଲାନ୍ସର ତଥ୍ୟ ଅନୁଯାୟୀ ସୁଶାନ୍ତଙ୍କର ଭୁବନେଶ୍ୱର ଲିଙ୍ଗିପୁର ଗଙ୍ଗୋତ୍ରୀନଗରସ୍ଥିତ ପ୍ଲଟ୍ ନଂ.୧୦ରେ ୬୫୦୦ ବର୍ଗଫୁଟରେ ଏକ ୩ ମହଲା କୋଠା ଓ ପ୍ଲଟ୍ ନଂ.୧୦/୩୯୨୦ରେ ପ୍ରାୟ ୧୫୦୦ ବର୍ଗଫୁଟରେ ଏକ ନିର୍ମାଣାଧୀନ କୋଠା ରହିଛି। ସେହିପରି ପୁରୀ ଜିଲା ପିପିଲି ବିଲିପଡାସ୍ଥିତ ପ୍ଲଟ୍ ନଂ. ୭୪୯ରେ ୧ ଏକର ଜାଗାରେ ଗୋଟିଏ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ୯ଟି ମୂଲ୍ୟବାନ୍ ପ୍ଲଟ୍ ଏବଂ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏଥିସହ ସୁଶାନ୍ତଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୫ ଲକ୍ଷ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି।

# ରାଜା ଚକ୍ର, ୨ ସହଯୋଗୀ କୋର୍ଟରେ ହାଜର



ପୋଲିସ କଡ଼ା ସୁରକ୍ଷା ବଳୟରେ ରାଜା ଚକ୍ରଙ୍କୁ କୋର୍ଟକୁ ନେଉଛି।

## ବଟି ମାଗିବା, ଲୋଡର ଛଡ଼ାଇ ନେଇ ବିକ୍ରି ଘଟଣା

ଜାମିନ ଆବେଦନ ଖାରଜ

**କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଏସ୍‌ଡିଜେଏମ୍ କୋର୍ଟରେ ରାଜା ଚକ୍ର ଓ ଅନ୍ୟ ୨ ସହଯୋଗୀ ହାଜର ହୋଇଥିଲେ। ରାଜା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ବେଳେ ସଦର ଥାନାରେ ବନ୍ଧୁକ ଦେଖାଇ ବଟି ମାଗିବା ଓ ଲୋଡ୍‌ର ମେଶିନ ଛଡ଼ାଇନେଇ ଜାଲ୍ ଦସ୍ତଖତ କରି ବିକ୍ରି କରିଦେବା ଭଳି ଏକ ସଙ୍ଗିନ ଅଭିଯୋଗ ହୋଇଥିଲା। ଉକ୍ତ ମାମଲା ମଧ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କୋର୍ଟଙ୍କ ରିମାଣ୍ଡ ଅନୁଯାୟୀ ଉକ୍ତ ମାମଲାରେ ଶନିବାର ରାଜା ଚକ୍ରଙ୍କ ସହ ମାନସ ବାରିକ ଓ ଉତ୍କଳ ଦାସଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ହାଜର କରାଯାଇଥିଲା। ଅନ୍ୟପକ୍ଷରେ ରାଜାଙ୍କ ଓକିଲ ଉକ୍ତ ମାମଲାରେ ଜାମିନ ଆବେଦନ କରିଥିଲେ। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଥିଲା।

ସୂଚନାଥାଉ କି, ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଅନେକ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ରାଜା ଚକ୍ର ଏବଂ ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରିଥିଲା। ଗିରଫ ପରେ ସମସ୍ତ ଅଭିଯୁକ୍ତ ଜାମିନ ପାଇଁ ନିମ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ଜାମିନ ଖାରଜ ହେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଅଭିଯୁକ୍ତମାନେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇଥିବାରୁ ଜାମିନ୍‌ରେ ବାହାରିଲେ। ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ହାଇକୋର୍ଟ ଆବେଦନକୁ ଖାରଜ କରିଥିଲେ। ସେବେଠାରୁ ରାଜା ଜେଲରେ ଅଛନ୍ତି।

ଅନ୍ୟପକ୍ଷେ ରାଜା ଚକ୍ର ଓ ତାଙ୍କର ଅନ୍ୟ ୮ ଜଣ ସହଯୋଗୀ ଦାଦାବଟି ମାଗିବା, ଧମକ ଚମକ ଏବଂ ଲୋଡର ମେଶିନ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଶୁଆକାଟି ଅଞ୍ଚଳର ସୁଶାନ୍ତ ବାରିକ କେନ୍ଦୁଝର ସଦର ଥାନାରେ ୨୬ ଏପ୍ରିଲ ୨୦୨୫ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ରାଜାଙ୍କ ସମେତ ୮ ଜଣଙ୍କ ବିରୋଧରେ ମାମଲା (ନଂ.୧୮୪/ ୨୦୨୫) ରୁଜୁ କରିଥିଲା। ଅଭିଯୋଗ ମୁତାବକ, ଘଟଣା ୨୬ ମାର୍ଚ୍ଚ ୨୦୨୪ରେ ଘଟିଥିଲା। ମାତ୍ର ମାମଲା ୨୬ ଏପ୍ରିଲ ୨୦୨୫ ଅର୍ଥାତ ବର୍ଷକ ପରେ ରୁଜୁ ହେବା ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଠିକ୍ ତଦନ୍ତ କରି କୋର୍ଟକୁ ସବିଶେଷ ରିପୋର୍ଟ ଦେବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି।

# ରଣପୁର ତତ୍କାଳୀନ ଥାନାଧିକାରୀ ଓଏଚ୍ଆର୍‌ସିରେ ଦଣ୍ଡିତ

**ଭୁବନେଶ୍ୱର/ ରଣପୁର,୨୪।୫ (ସତ୍ୟଜିତ୍ ରାଉତ/ ସୁକାନ୍ତ କିଶୋର ଡାକୁଆ)**

## ୪ ମାସରେ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ



ରଶ୍ମିରଞ୍ଜନ ଦାସ

ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ କୋର୍ଟରେ ରଣପୁର ଥାନାର ପୂର୍ବତନ ଆଇଆଇସି ରଶ୍ମିରଞ୍ଜନ ଦାସ ଦଣ୍ଡିତ ହୋଇଛନ୍ତି। ୪ମାସ ମଧ୍ୟରେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରଶ୍ମିରଞ୍ଜନଙ୍କୁ ନିର୍ଦ୍ଦେଶ ହୋଇଛି। ଏକ ମରଣାନ୍ତକ ଆକ୍ରମଣ ମାମଲାରେ ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ଅନୁଗ୍ରହ ଦେଖାଇବା, ୧୭ଦିନ ଭିତରେ ଚାର୍ଜଶିଟ ଦେବା, ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲେ ହେଁ ଦଫା ୩୦୭ ନ ଲଗାଇ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇ ଥାନାରୁ ବେଲ୍ ଦେବା ପରି ଘଟଣାରେ କମିଶନ କୋର୍ଟ ଭର୍ତ୍ସନା କରି ଆଇଆଇସିଙ୍କୁ ଦଣ୍ଡିତ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲା ରଣପୁର ଥାନା ଗୋପାଳପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ୨୦୨୦ ଜୁନ୍ ୫ରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦିଲୀପ ବାରିକ ଓ ରବୀନ୍ଦ୍ର ବାରିକଙ୍କୁ ସେହି ଗ୍ରାମର କେତେଜଣ ଲୋକ କଟୁରି, ଫାର୍ସା ଆଦି ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପ ଓ ରବୀନ୍ଦ୍ର ଉଭୟେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ହସ୍ପିଟାଲରେ ୧୫ଦିନ ଧରି ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲେ। ଏହି ଘଟଣାରେ ରବୀନ୍ଦ୍ରଙ୍କ ସ୍ତ୍ରୀ ପ୍ରତିମା, ପୁଅ ନଣ୍ଟା ବାରିକ ଏବଂ ଝିଅ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ରବୀନ୍ଦ୍ରଙ୍କ ସାନଭାଇ ସୁରେନ୍ଦ୍ର ସାମନ୍ତରାୟ ଓରଫ ବାରିକ ରଣପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଦାସ ଆଇପିସି ଦଫା ୩୨୩, ୩୨୪, ୩୫୪, ୫୦୬ ଏବଂ ୩୪ରେ ଏକ ମାମଲା (ନଂ.୨୫୧/୨୦) ରୁଜୁ କରିଥିଲେ। ତେବେ ମରଣାନ୍ତକ ଆକ୍ରମଣ ହୋଇଥିବା ସତ୍ତ୍ୱେ ଦଫା ୩୦୭ ନ ଲଗାଇ ଆକ୍ରମଣକାରୀଙ୍କୁ ଥାନାରୁ ଜାମିନ ପ୍ରଦାନ କରାଯାଇଥିଲା। ଏପରି କି ମାତ୍ର ୧୭ଦିନ ଭିତରେ ମାମଲାର ଚାର୍ଜଶିଟ୍ କୋର୍ଟରେ ଦାଖଲ ହୋଇଥିଲା। ଥାନାରୁ ନ୍ୟାୟ ନ ପାଇବାରୁ ସୁରେନ୍ଦ୍ର ଓଏଚ୍ଆର୍‌ସିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ମାମଲାକୁ ଚପାଇଦେବାକୁ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। କମିଶନର ଅଭିଯୋଗକୁ ଗ୍ରହଣକରି ଏକ ମାମଲା(ନଂ.୨୮୭୭/୨୦୨୦) ରୁଜୁ କରି ବିଚାର ଆରମ୍ଭ କରିଥିଲେ। ଗତ ଏପ୍ରିଲ ୨୨ରେ କମିଶନ ଏହି ରାୟ ପ୍ରକାଶ କରିଥିବା ଜଣାପଡ଼ିଛି। ରଶ୍ମିରଞ୍ଜନ ଏବେ ଜଗତ୍‌ସିଂହପୁର ଜିଲା କୃଷ୍ଣାନନ୍ଦପୁର ଥାନା ଅଧିକାରୀଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା

**ରେଢ଼ାଖୋଲ, ୨୪।୫ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ବୁର୍ଡା ପଞ୍ଚାୟତ ବଡ଼ମାଳ ଗ୍ରାମରେ ଶନିବାର ପୂର୍ବାହ୍ନ ୧୦ଟାବେଳେ ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପ୍ରଫୁଲ୍ଲ ନାଏକ (୬୦)ଙ୍କୁ ସେହି ଗ୍ରାମର ବିଭୂତି ପ୍ରଧାନ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ରେଢାଖୋଲ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ବିଭୂତି ପ୍ରଧାନଙ୍କୁ ଗିରଫ କରିବା ସହ ଟାଙ୍ଗିଆ ଜବତ କରିଛି।

ପ୍ରଫୁଲ୍ଲ ଏକ ଜେସିବି ମେଶିନ ନେଇ ପୂର୍ବାହ୍ନରେ ତାଙ୍କ ଚାଷ ଜମିରେ ମାଟିକାମ କରୁଥିଲେ। ତେବେ କିଛି ମାଟି ପାଖରେ ଥିବା ବିଭୂତିଙ୍କ ଜମିରେ ପଡ଼ିଯାଇଥିଲା। ଏହି ଜମିକୁ ନେଇ ଉଭୟ ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ମାଟି ବିଭୂତିଙ୍କ ଜମିରେ ପଡ଼ିଥିବା ଜାଣି ବିଭୂତିଙ୍କ ସହ ତାଙ୍କ ଭାଇ ଓ ଅନ୍ୟ ପରିବାରବର୍ଗ ଯାଇ ପ୍ରଫୁଲ୍ଲଙ୍କ ସହ ପାଟିତୁଣ୍ଡ କରିଥିଲେ। ତେବେ ଏହାକୁ ନେଇ ବିଭୂତି ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଧରି ପ୍ରଫୁଲ୍ଲଙ୍କୁ ଚାଷଜମିରେ ମାରିବାକୁ ଉଦ୍ୟମ କରିଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ବିଭୂତି ଗୋଡାଇ ଗୋଡାଇ ପ୍ରଫୁଲ୍ଲଙ୍କ ବେକରେ ଟାଙ୍ଗିଆ ଚୋଟ ମାରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ କହିଛନ୍ତି। ଏ ନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ତରଣୀ ସେନ ନାଏକ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୭/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ୩୮.୮୮ ଲକ୍ଷ ସାଇବର ଠକେଇ ମାମଲାରେ ୧୨ ଗିରଫ

**ବଡ଼ବିଲ,୨୪।୫(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ସାଇବର ଠକେଇ ଘଟଣାରେ କେନ୍ଦୁଝର ସାଇବର ପୋଲିସ ଆଉ ୧୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦେବଗଡ ଜିଲା ଖଜୁରିଖମାନ ଗ୍ରାମର ଅମଲ ନାଏକ, ଅନୁଗୋଳ ଜିଲା ତାଳଚେର ଥର୍ମାଲ ଅଞ୍ଚଳର ଅବିନାଶ ନାଏକ, ବଲଣ୍ଡାର ଅମିତ ଗୋଛାୟତ, ଜଗନ୍ନାଥପୁରର ଶୁଭେନ୍ଦୁ ବେହେରା, ବଲାଙ୍ଗୀର ଜିଲା ଟାଉନ ଥାନା ଅଧୀନ ବିବେକାନନ୍ଦ ଯାଦବ, ମୁରିବାହାଲ ଥାନା ଅଧୀନ ଗଁରେଇ ଗ୍ରାମର ଆକାଶ ବାଗ, ଭଦ୍ରକ ଜିଲା ଚଢ଼କ ମହୋଲ୍ଲା ଅଞ୍ଚଳର ଜାମିଲ ଅଖତାର, ସେଖ୍ ମୁସ୍ତାକିନ, ପୁରୁଣା ବଜାର ଅଞ୍ଚଳର ସେଖ୍ ସୈଫ କାଦ୍ରି, ଉତ୍ତରପ୍ରଦେଶ ଧାନୌରା ଥାନା ଅଧୀନ ଖାୱଡ ଗ୍ରାମର ପୁନିତ କୁମାର, ପୂର୍ବଦିଲ୍ଲୀସ୍ଥିତ ନରିମାନ ବିହାର ଥାନା ଅଧୀନ ଏଫ୍-୬୪ ଅଞ୍ଚଳରେ ରହୁଥିବା ଏମ୍‌ଡି ଅନୱର ଏବଂ ବିହାର ଘନଶ୍ୟାମପୁର ଥାନା ଅଧୀନ ପାଲି ଗ୍ରାମର ସାଦ୍ରେ ଆଲମ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବରରେ ବଡ଼ବିଲ ସୁନ୍ଦରାବସ୍ତି ଅଞ୍ଚଳରେ ରହୁଥିବା ପ୍ରଦୀପ ଦୁବେ ନାମକ ବ୍ୟବସାୟୀଙ୍କ ମୋବାଇଲକୁ ହ୍ୱାଟ୍‌ସଆପ୍ ଜରିଆରେ ଜେପ ମୋରଜେନ କମ୍ପାନୀରୁ ଅନ୍‌ଲାଇନ ଟ୍ରେଡିଂ କରିବାକୁ ଲିଙ୍କ୍ ଆସିଥିଲା। ଟ୍ରେଡିଂ ନିମନ୍ତେ ପ୍ରଦୀପ ସେହି ଲିଙ୍କ୍ ଜରିଆରେ ପଞ୍ଜୀକରଣ କରି କମ୍ପାନୀ ଦ୍ୱାରା ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ବିଭିନ୍ନ କିସ୍ତିରେ ୨୦୨୪ ନଭେମ୍ବର ୬ ତାରିଖଠାରୁ ମୋଟ ୩୮.୮୮ ଲକ୍ଷ ଟଙ୍କା ଜମା କରିଚାଲିଥିଲେ। ତେବେ ୩୮.୮୮ ଲକ୍ଷ ଟଙ୍କା ପ୍ରଦାନ ପରେ ପ୍ରଦୀପଙ୍କର କୌଣସି କାରଣରୁ ଟଙ୍କାର ଆବଶ୍ୟକ ହେବାରୁ ଜମା କରିଥିବା ଟଙ୍କା ଉଠାଣ କରିବାକୁ ଅନ୍‌ଲାଇନ ଜରିଆରେ ଡିସେମ୍ବରରେ ଅନୁରୋଧ କରିଥିଲେ। ପ୍ରତ୍ୟୁତ୍ତରରେ ଆହୁରି ୩୦ ପ୍ରତିଶତ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଆସିବାରୁ ପ୍ରଦୀପଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏ ନେଇ ଏ ନେଇ ପ୍ରଦୀପ କେନ୍ଦୁଝରସ୍ଥିତ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ସାଇବର ଥାନା ପୋଲିସ ୫ ଡିସେମ୍ବର ୨୦୨୪ରେ କେନ୍ଦୁଝର ସାଇବର କ୍ରାଇମ ଆଣ୍ଡ ଇକୋନୋମିକ ଅଫେନ୍ସ ମାମଲା(ନଂ ୩୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଏହି ମାମଲରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏବେ ଗିରଫଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଆହୁରି ଅନେକ ସମ୍ପୃକ୍ତ ଥିବା ସନ୍ଦେହ କରାଯାଇଥିବା ବେଳେ ସାଇବର ପୋଲିସ ତଦନ୍ତ ଜାରିରଖିଥିବା କହିଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन ई–निविदा आमंत्रण सूचना संख्या – 11RII / 2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

1. कार्य का नाम : दिनांक–24.05.2025

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGANJ /56/2024-25 | कुंभीकला पंचायत भवन से सोहदागखूर्द तक पथ निर्माण कार्य। 2.85कि0मी0 | 313.846 | तीन करोड़ तेरह लाख चौरासी हजार छः सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 28.05.2025
3. ई–निविदा प्राप्ति की अंतिम तिथि एवं समय : 10.06.2025 up to 5.00 PM
4. निविदा खोलने की तिथि एवं समय 12.06.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 353449 Rural Development(25-26).D



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 10-SBP-TRD-OT-2025-26, ତା.19.05.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ TRR, TSR ଏବଂ CTR କାର୍ଯ୍ୟର ସମ୍ବନ୍ଧରେ ବୋଣ୍ଡିଙ୍ଗ୍ (Bonding) କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 34,30,647.32, EMD : ₹ 68,600/-, ଶେଷ ହେବା ଅବଧି: 08 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.06.2025ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-160/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-13, ତା.19.05.2025ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ୟୁଜର ଡିପୋ ମଡ୍ୟୁଲ (UDM) ପାଇଁ ଇନ୍‌ଫ୍ରାଷ୍ଟ୍ରକ୍ଚର ର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବହଣ୍ଡା, ରେଢ଼ାଖୋଲ, ସମ୍ବଲପୁର ସିଟୀ, ରେଙ୍ଗାଲି, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, ରୁପ୍ରା ରୋଡ଼, ମୁନିଗୁଡ଼ା, ଭବାନିପାଟଣା, କଣ୍ଟାବାଞ୍ଜି, ଖରିୟାର ରୋଡ଼ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିୟାର ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ ରେଲନେଟ୍ ର ବିସ୍ତାର ।

**ଟେଣ୍ଡର ମୂଲ୍ୟ :** ₹ 68,30,702.89, ବିଡ୍ ସିକ୍ୟୁରିଟୀ: ₹ 1,36,600/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.06.2025ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଟେଲି), ସମ୍ବଲପୁର
PR-164/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-370E, ତା.21.05.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ବୁଢ଼ାପଙ୍କ-ଜରପଡ଼ା ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ ସମ୍ବନ୍ଧୀୟ ତାଳଚେର ରୋଡ୍ TSS ନିମନ୍ତେ ଫିଡର ସହିତ ବୁଢ଼ାପଙ୍କ ୟାର୍ଡ, ବୁଢ଼ାପଙ୍କ-ତାଳଚେର ରୋଡ଼ ସେକ୍ସନର ବଳକା ଥିବା କାର୍ଯ୍ୟର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 847.91 ଲକ୍ଷ, EMD : ₹ 5,74,000/-, କାର୍ଯ୍ୟ ଶେଷ ହେବା ଅବଧି : 09 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭ୍ୟୁଲ-2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-33/CI/25-26


See Career Appointment on every Wednesday & Saturday


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 12/ET/SBP/ENGG/2025-26, ତା.19.05.2025ରିଖ

(1) ଇ-ଟେଣ୍ଡର ସଂ.17-eT-DENC-SBP-25

**କାର୍ଯ୍ୟର ନାମ :** ମଣ୍ଡଳ ଯନ୍ତ୍ରୀ (ମଧ୍ୟ)/ସମ୍ବଲପୁର ପରିସୀମା ଅଧିନସ୍ଥ ନ୍ୟୁଲି କମିଶନ (Newly Commissioned) ସୋନପୁର - ବିଞ୍ଝପାଲି ସେକ୍ସନ ଠାରେ ଶେଷ ସିଭିଲ କାର୍ଯ୍ୟର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,89,10,007.97, ବିଡ୍ ସିକ୍ୟୁରିଟୀ : ₹ 4,44,600/-

(2) ଇ-ଟେଣ୍ଡର ସଂ.18-eT-DENC-SBP-25

**କାର୍ଯ୍ୟର ନାମ :** ମଣ୍ଡଳ ଯନ୍ତ୍ରୀ (ମଧ୍ୟ)/ସମ୍ବଲପୁର ପରିସୀମା ଅଧିନସ୍ଥ ନ୍ୟୁଲି କମିଶନ (Newly Commissioned) ସୋନପୁର - ବିଞ୍ଝପାଲି ସେକ୍ସନ ଠାରେ KM. 243/27-7 ଏବଂ 245/19-247/6 ଠାରେ ଡିପ୍ କଟିଂର ସ୍ଲୋପ୍ କୁ ସହଜ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3,11,80,653.62, ବିଡ୍ ସିକ୍ୟୁରିଟୀ : ₹ 3,06,000/-

କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ (ଉଭୟ ଟେଣ୍ଡର ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 11.06.2025, 1500 ଘଟିକା (ଉଭୟ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ)/ ସମ୍ବଲପୁର
PR-159/Q/25-26



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-28: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା।୨୬।୦୫।୨୦୨୫ରିଖ ଦିନ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ରାଜ୍ୟ ସରକାର ଅବକାଶ ଘୋଷଣା କରିଥିବା ପରିପ୍ରେକ୍ଷୀରେ, ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତା।୨୬।୦୫।୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା।୨୭।୦୫।୨୦୨୫ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଯେଉଁମାନେ ତା।୨୬।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିଲେ, ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ତା।୨୬।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିବା ଜନସାଧାରଣ ସେମାନଙ୍କ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ ତଥା ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0127/2526



**DIRECTORATE OF GROUND WATER DEVELOPMENT : ODISHA**
**Office of The Deputy Director, GWD Division-II, Bhubaneswar**
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]

**INVITATION FOR BIDS (IFB)**

e- Procurement Notice : 363 Date : 23.05.2025
Bid Identification No. 05/GWRSD/CHHATA/2025-26,
(Single-Envelope Bidding Process)

No.A- : Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "D" & "C" (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of following Work.

Bids must be submitted online on or before 04/06/2025 at 11.00 Hrs IST (system server time). Proposals will be opened online on 04/06/2025 at 12.30 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in".

| Sl. No. | Description | Details |
|---|---|---|
| 1. | Name of the Work | Construction of 02 nos. RRHS in Nayagarh ULB area of Nayagarh district for FY-2025-26 |
| 2. | Start Date of availability of Bid document online (bid download) | 26.05.2025 from 11.00 Hrs |
| 3. | Last Date of availability of bid document online (bid download) | 04.06.2025 up to 11.00 Hrs |
| 4. | Last date and time for receipt of bid document (Bid Submission End date & Time) | 04.06.2025 up to 11.00 Hrs |
| 5. | Date & Time of opening of bid document (bid Opening date) | 04.06.2025 at 12.30 Hrs |

OIPR-32462/11/0013/2526
Sd./- Deputy Director, Geology
GWD Division-II, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ହାତରେ ସ୍ମାର୍ଟଫୋନ୍

## ଚାହିଦାରେ ଫିଚର ଫୋନ୍

ଭୁବନେଶ୍ୱର,୨୪।୫

ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ଏପରିକି ନିଜର ଆବଶ୍ୟକତା ହେଉ କିମ୍ବା ଟେକ୍ନୋଲୋଜିର ବ୍ୟବହାର ପାଇଁ ଅଧିକାଂଶ ଲୋକ ଅତ୍ୟାଧୁନିକ ସ୍ମାର୍ଟଫୋନ୍ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। କାରଣ ସ୍ମାର୍ଟଫୋନ୍ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କର ଜରୁରୀ ସୂଚନା ଓ ଇ ସେବା ସହଜରେ ପାଇପାରୁଛନ୍ତି।

ସେହିଭଳି ଭାରତୀୟ ବଜାରରେ ବର୍ତ୍ତମାନ ୨ଜି, ୪ଜି ଏବଂ ୫ଜି ଫୋନ୍‌ର ବ୍ୟବହାର ହେଉଥିବାବେଳେ ସ୍ମାର୍ଟଫୋନ (୪ଜି ଏବଂ ୫ଜି ) ଗ୍ରାହକଙ୍କ ସଂଖ୍ୟା ୬୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଲାଭା ଇଣ୍ଟରନ୍ୟାଶନାଲର ପ୍ରଡକ୍ଟ ହେଡ୍(ଉତ୍ପାଦ ମୁଖ୍ୟ) ସୁମିତ ସିଂହ କହିଛନ୍ତି। ସେହିପରି ବର୍ଷକୁ ୧୫୦ ମିଲିୟନ ଫୋନ ଭାରତୀୟ ବଜାରରେ



ବିକ୍ରି ହେଉଥିଲାବେଳେ ମାସିକ ପ୍ରାୟ ୧୨.୫ ମିଲିୟନ ଫୋନ ବିକ୍ରି କରାଯାଉଛି। ଏପରିକି ସେଗ୍‌ମେଣ୍ଟ ୱାଇଜ୍ (ବିଭାଗୀୟ କ୍ଷେତ୍ର)ରେ ସ୍ମାର୍ଟଫୋନ୍‌ର ମୂଲ୍ୟଭିତ୍ତିକ ଫୋନ୍‌ର ଡିମାଣ୍ଡ ଥିଲାବେଳେ ଫିଚର ଫୋନ୍‌ର ଚାହିଦା ବର୍ତ୍ତମାନ ମଧ୍ୟ ବଜାରରେ ଜାରି ରହିଛି। ଅପରପକ୍ଷରେ ପ୍ରାୟ ୧୦,୦୦୦ ଟଙ୍କାର ସ୍ମାର୍ଟଫୋନ୍ ୧୯% ଗ୍ରାହକ ବ୍ୟବହାର କରୁଥିଲାବେଳେ ୧୦ରୁ ୨୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଛନ୍ତି। ଏପରିକି ୨୦ରୁ ୩୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଥିଲାବେଳେ ୩୦,୦୦୦ରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ମାର୍ଟଫୋନ ୧୫% ଗ୍ରାହକ ବ୍ୟବହାର କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୮୫%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଥିଲାବେଳେ ୪ଜି ଏବଂ ୫ଜିର ପରିମାଣ ୬୦% ଏବଂ ୪୦% ରହିଛି। ଏହି ପରିମାଣ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ପରିବର୍ତ୍ତନ ହୋଇ ୧୦% ଏବଂ ୯୦%ରେ ପହଞ୍ଚିବ ବୋଲି ମୋବାଇଲ ଶିଳ୍ପ ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦% ଲୋକ ଫିଚର ଫୋନ୍ ବ୍ୟବହାର କରୁଥିଲାବେଳେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ମଧ୍ୟ ସାମାନ୍ୟ ହ୍ରାସ ଘଟିପାରେ ବୋଲି ଶିଳ୍ପ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।

# ବଜାରରେ ଲାଭାର ନୂତନ ଉତ୍ପାଦ

ଭୁବନେଶ୍ୱର,୨୪।୫

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ଓ ସାର୍କ ସିରିଜ୍‌ର ଶୁଭାରମ୍ଭ ଭୁବନେଶ୍ୱରରେ ହୋଇଯାଇଛି। ଏପରିକି ଏହି ମେଗା ଉନ୍ମୋଚନ ସହ ବିଭିନ୍ନ ବର୍ଗରେ ବ୍ରାଣ୍ଡ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନେକ୍ସଟ-ଜେନ୍ ଟେକ୍ନୋଲୋଜିକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଲାଭାର ବିଦ୍ୟମାନ ପ୍ରୟାସଗୁଡ଼ିକରେ ଆଉ ଏକ ସଫଳତାକୁ ଚିହ୍ନିତ କରୁଛି, ଯାହା ଭାରତରେ ସ୍ମାର୍ଟଫୋନ୍‌ଗୁଡିକୁ ଡିଜାଇନ ଓ ଉତ୍ପାଦନ କରିବା ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ବ୍ରାଣ୍ଡ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ୭୯୯୯ ଟଙ୍କା ମୂଲ୍ୟର କ୍ରୟ ପାଇଁ ରିଟେଲ ଆଉଟ୍‌ଲେଟ୍ ଓ ଲାଭା ଇ-ଷ୍ଟୋର୍‌ରେ ଉପଲବ୍ଧ ହେବ।

# ଓଡ଼ିଆରେ ମାଲାବାରର ପ୍ରଥମ ଅଭିଯାନ

ଭୁବନେଶ୍ୱର,୨୪।୫ (ଅଭୟ ଦାଶ)




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ ତଥା ଓଡ଼ିଆ ଭାଷାରେ ବ୍ରାଣ୍ଡର ପ୍ରଥମ ଅଭିଯାନ 'ଆମର ପରମ୍ପରା ଆମର ମାଲାବାର' ର ଶୁଭାରମ୍ଭ କରିଛି। ଏଥିରେ ଓଡ଼ିଶାର ଲୋକପ୍ରିୟ ସୁପରଷ୍ଟାର ସବ୍ୟସାଚୀ ମିଶ୍ରଙ୍କୁ ସାମିଲ କରାଯାଇଛି। ଏପରିକି ଓଡ଼ିଆ ପରମ୍ପରାରେ ସୁନାର ଭାବପ୍ରବଣ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ଜୀବନ୍ତ କରିବା ସହ ଏହି ଅଭିଯାନ ଜଣେ ଝିଅର ଜନ୍ମରୁ କନ୍ୟା ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦର୍ଶାଉଛି, ଯାହା ପୂଜା, ଅନ୍ନପ୍ରାସନ, ରଜ ପର୍ବ ଏବଂ ବିବାହ ଭଳି ଓଡ଼ିଶାର ପ୍ରଚଳିତ ପ୍ରଥା ମାଧ୍ୟମରେ ସମ୍ପନ୍ନ ହୋଇଥାଏ।

ସେହିଭଳି ଏହି ଅଭିଯାନ ଟିଭି ଚ୍ୟାନେଲ, ଡିଜିଟାଲ ପ୍ଲାଟ୍‌ଫର୍ମ, ସିନେମା ଏବଂ ଭିଜୁଆଲ ମାଧ୍ୟମରେ ବ୍ୟାପକ ଭାବେ ଚାଲିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌କୁ ପସନ୍ଦିତ ବର ଅଳଙ୍କାର ସହ ଓଡ଼ିଶା ଏବଂ ଦେଶ ବାହାରେ ରହୁଥିବା ଓଡ଼ିଆ ପ୍ରବାସୀମାନଙ୍କ ମଧ୍ୟରେ ସବୁଠାରୁ ବିଶ୍ୱସ୍ତ ଏବଂ ଦାୟିତ୍ୱପୂର୍ଣ୍ଣ ଅଳଙ୍କାର ବ୍ରାଣ୍ଡ ଭାବରେ ସ୍ଥାନିତ କରିବା। ଏ ନେଇ ସବ୍ୟସାଚୀ ମିଶ୍ର କହିଥିଲେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏହି ଉତ୍କୃଷ୍ଟ ବ୍ରାଣ୍ଡ ଅଭିଯାନରେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ପ୍ରତିନିଧିତ୍ୱ କରିଥିବାରୁ ମୁଁ ନିଜକୁ ସମ୍ମାନିତ ଅନୁଭବ କରୁଛି। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ଏହା ଆମର ଆଶୀର୍ବାଦ, ଆମର ପ୍ରାର୍ଥନା, ଜୀବନରେ ଆମର ମୂଲ୍ୟବାନ୍ ମୁହୂର୍ତ୍ତର ଏକ ଅଂଶ ହୋଇଥିଲାବେଳେ ସ୍ୱଚ୍ଛତା ଏବଂ ନୈତିକ କାରିଗରିର ବ୍ରାଣ୍ଡର ଦର୍ଶନ ଉପରେ ଗୁରୁତ୍ୱାରୋପ କରିବା ସହିତ ଆମର ସାଂସ୍କୃତିକ ନୀତିରେ ଗଭୀର ଭାବରେ ନିହିତ ଏହି ଅଭିଯାନ ରାଜ୍ୟ ଏବଂ ବାହାରର ଓଡ଼ିଆ ସମ୍ପ୍ରଦାୟ ସହ ନିଶ୍ଚିତ ଭାବରେ ପ୍ରତିଧ୍ୱନିତ କରିବ। ସେହିପରି ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ବ୍ରାଣ୍ଡ ଅଭିଯାନ ହେଉଛି ଏହାର ସର୍ବୋଚ୍ଚ ସାଂସ୍କୃତିକ ଏବଂ କଳାତ୍ମକ ଐତିହ୍ୟ ପାଇଁ ଜଣାଶୁଣା ଓ ଓଡ଼ିଶା ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ସବ୍ୟସାଚୀ ମିଶ୍ର ଏହି ଅଭିଯାନ ନିମନ୍ତେ ଆମ ପାଇଁ ଏକ ସ୍ୱାଭାବିକ ପସନ୍ଦ, କାରଣ ଓଡ଼ିଶାବାସୀଙ୍କ ମଧ୍ୟରେ ତାଙ୍କର ସ୍ଥାୟୀ ଆକର୍ଷଣ ଏବଂ ସେ ଯେଉଁ ମୂଲ୍ୟବୋଧ ପାଇଁ ଠିଆ ହୋଇଛନ୍ତି, ତାହା ପବିତ୍ରତା ଏବଂ ବିଶ୍ୱାସ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅଭିଯାନ ଜୀବନର ସବୁଠାରୁ ମୂଲ୍ୟବାନ୍ ମୁହୂର୍ତ୍ତଗୁଡ଼ିକର ଯାତ୍ରାକୁ ସୁନ୍ଦର ଭାବେ କଏଦ କରିଛି ଏବଂ ସବ୍ୟସାଚୀ ଏହି ବର୍ଣ୍ଣନାର ନେତୃତ୍ୱ ନେବା ସହ ଆମେ ଓଡ଼ିଶାର ପରମ୍ପରାକୁ ସମ୍ମାନ କରିଥିବାରୁ ମୁଁ ବେଶ୍ ଗର୍ବିତ।

# ସ୍ମାର୍ଟ ବଜାରର ମେଗା ସାବିତ୍ରୀ ଅଫର

ଭୁବନେଶ୍ୱର,୨୪।୫

ରିଲାଏନ୍ସ ରିଟେଲ୍‌ର ପ୍ରମୁଖ ପ୍ଲାଟ୍‌ଫର୍ମ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ମେଗା ସାବିତ୍ରୀ ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଓଡ଼ିଶା ବଜାରରେ ଏହି ସ୍ୱତନ୍ତ୍ର ପାର୍ବଣ ଅଫର ପ୍ରଦାନ କରାଯାଉଛି। ଏହି ଅଫର ୨୦୨୫ ମେ ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସ୍ୱତନ୍ତ୍ର କ୍ୟାମ୍ପେନକୁ ଶପିଙ୍ଗ୍ ଅନୁଭୂତିରେ ମୂଲ୍ୟ, ସୁବିଧା ଓ ଷ୍ଟାଇଲକୁ ଯୋଗକରିବା ସହ ପରମ୍ପରାକୁ ସମ୍ମାନ ଜଣାଇବା ପାଇଁ ପରିକଳ୍ପନା କରାଯାଇଛି। ଓଡ଼ିଶାରେ ବ୍ୟାପକ ରୂପେ ପାଳନ କରାଯାଉଥିବା ସାବିତ୍ରୀ ବ୍ରତ ହେଉଛି ବିଶ୍ୱାସ, ଭକ୍ତି ଓ ସାଂସ୍କୃତିକ ମହତ୍ତ୍ୱର ପର୍ବ। ଏହି ଶୁଭ ଅବସରକୁ ପାଳନ କରିବା ପାଇଁ ସ୍ମାର୍ଟ ବଜାର ପକ୍ଷରୁ ମହିଳାଙ୍କ ଏଥିନିକ ୱେର ଓ ଜରୁରୀ ପୂଜା ସାମଗ୍ରୀ ଉପରେ ସ୍ୱତନ୍ତ୍ର




ଅଫର ପ୍ରଦାନ କରାଯାଉଛି।

ସେହିଭଳି ଏହି ଅଫର ଅନୁଯାୟୀ ସ୍ମାର୍ଟ ବଜାରରେ ଫାର୍ମ-ଫ୍ରେଶ୍ ଫ୍ରୁଟ୍ ଆମ୍ବ କେବଳ ୫୯ ଟଙ୍କା ଓ ତରଭୁଜ ୧୮ ଟଙ୍କା ଏବଂ ପୂଜା ସାମଗ୍ରୀ ଗୁଡ୍ ଲାଇଫ ସାଗୁ ୫୦୦ ଗ୍ରାମ ପିଛା କେବଳ ୩୫ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ୪୯୯ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ମହିଳାଙ୍କ କୂର୍ତ୍ତା ଉପରେ ଫ୍ଲାଟ୍ ୨୦% ରିହାତି, ଅଗରବତି (୧୨୦ଗ୍ରାମ ଓ ତା'ଠାରୁ ଅଧିକ) ଉପରେ ବାଏ ୧ ଗେଟ୍ ୧ ଭଳି ଅଫର ରହିଛି। ଏପରିକି ଫ୍ୟାଶନ, ପୂଜା ସାମଗ୍ରୀ, ଫଳ ଓ ରୋଷେଇ ସାମଗ୍ରୀ ଆଦି ଉପରେ ସ୍ମାର୍ଟ ବଜାର ପକ୍ଷରୁ ଆକର୍ଷଣୀୟ ରିହାତି ଉପଲବ୍ଧ ହେଉଛି। ତେଣୁ ଅଧିକ ସଞ୍ଚୟ କରିବା ଓ ଘରକୁ କମ୍ ମୂଲ୍ୟରେ ଦୁଇଗୁଣ ସାମଗ୍ରୀ ନେବା ପାଇଁ ଗ୍ରାହକମାନେ ସ୍ମାର୍ଟ ବଜାରରେ ସ୍ମାର୍ଟ ଶପିଂ କରିପାରିବେ।

# ମାଷ୍ଟର କ୍ରାଫ୍ଟର୍ସ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୫

ଓଡ଼ିଶା କ୍ରାଫ୍ଟସ୍ କାଉନସିଲର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୨ଦିନିଆ ପ୍ରଦର୍ଶନୀ 'ମାଷ୍ଟର କ୍ରାଫ୍ଟର୍ସ' ଶନିବାର ଭୁବନେଶ୍ୱର କ୍ଲବ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହିଅବସରରେ ହସ୍ତତନ୍ତ, ବସ୍ତ୍ର ଏବଂ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ଏବଂ ସଚିବ ପୁନମ ଗୁହା ତାପସ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ଏ ନେଇ ପୁନମ କହିଛନ୍ତି, ସରକାର ରାଜ୍ୟର କାରୁଶିଳ୍ପ ଖାତାକୁ ଉନ୍ନତ କରିବାକୁ ସୃଜନିକା ଅଧୀନରେ ଏକ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଆମେ ପଟ୍ଟଚିତ୍ର, ଡୋକ୍ରା, ସୁନା ଘାସ, ସାବାଇ ଘାସ ଭଳି କାରୁକଳା ପାଇଁ ବିଭିନ୍ନ କ୍ଲଷ୍ଟର ବିକାଶ କରିବୁ। ଏହା କେବଳ ଉତ୍ପାଦର ବ୍ରାଣ୍ଡିଂରେ ସାହାଯ୍ୟ କରିବ ନାହିଁ, ବରଂ ଏହି କାରୁକଳା ପାଇଁ ଆବଶ୍ୟକୀୟ ମାର୍କେଟିଂ ଏବଂ ମାର୍କେଟିଂ ଲିଙ୍କେଜ୍ ମଧ୍ୟ ପ୍ରଦାନ କରିବ। ସେହିଭଳି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୨୦ ଜଣ ମାଷ୍ଟର କାରିଗର ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଓଡ଼ିଶାର ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ ସହ ପଟ୍ଟଚିତ୍ର, ତାଳପତ୍ର ଖୋଦାଇ, ଟେରାକୋଟା, ପଥର ଏବଂ କାଠ ଖୋଦାଇ, ଆପ୍ଲିକ୍, ସୁନା ଘାସ, ସାବାଇ ଘାସ, ରୂପା ଫିଲିଗ୍ରି, ସାମୁଦ୍ରିକ ଶଙ୍ଖ କଳା, ଡୋକ୍ରା କାଷ୍ଟିଂ, ଆଦିବାସୀ ଚିତ୍ରକଳା, ଏବଂ ହାତେ ବୁଣା ଇକଟ୍ ଭଳି କଳା ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ। ଅପରପକ୍ଷରେ ଓଡ଼ିଶା କ୍ରାଫ୍ଟସ୍ କାଉନସିଲ୍‌ର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର କହିଥିଲେ, ଏହା ଏକ ବିଶେଷ ପ୍ରକାରର ପ୍ରଦର୍ଶନୀ ହୋଇଥିଲାବେଳେ ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି।

# ବ୍ରାଭିଆ ୨-୨ ଟେଲିଭିଜନ ସିରିଜ

ଭୁବନେଶ୍ୱର,୨୪।୫

ସୋନି ଇଣ୍ଡିଆ ପକ୍ଷରୁ ବ୍ରାଭିଆ ୨-୨ ସିରିଜର ଶୁଭାରମ୍ଭ ନିକଟରେ କରାଯାଇଛି। ଯେଉଁଥିରେ ୪କେ ଅଲ୍‌ଟ୍ରା ଏଚ୍‌ଡି ଏଲ୍‌ଇଡି ଡିସ୍‌ପ୍ଲେ ପ୍ରଯୁକ୍ତି ସାମିଲ ରହିଛି। ଏହି ସରିଜ ଗ୍ରାହକଙ୍କୁ ଉନ୍ନତ ମନୋରଞ୍ଜନ ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଗୁଗଲ ଟିଭି ସହ ସମନ୍ୱିତ ଥିବା ଏହି ଟିଭିରେ ବିଭିନ୍ନ ପ୍ରକାର ଆପ୍, ଷ୍ଟ୍ରିମିଂ ସେବା ଓ ଲାଇଭ ଟିଭି ଚ୍ୟାନେଲ ହାସଲ କରିବାର ସୁବିଧା ରହିଛି। ନୂଆ ସିରିଜ୍ ୪୩, ୫୦, ୫୫, ୬୫ ଓ ୭୫ ଇଞ୍ଚ ସ୍କ୍ରିନ୍ ଆକାରରେ ଉପଲବ୍ଧ ହୋଇଛି। ଏଥିରେ ଏକ୍ସ୧ ପିକ୍ଚର ପ୍ରୋସେସର ରହିଛି, ଯାହା ଉନ୍ନତ ଆଲ୍‌ଗୋରିଦମ୍‌କୁ ବ୍ୟବହାରକରି କୋଳାହଳ କମ୍ କରୁଥିବା ବେଳେ ସ୍କ୍ରିନ୍‌ର ବିବରଣୀରେ ଉନ୍ନତି ଆଣୁଛି। ସ୍ପଷ୍ଟ ୪କେ ସିଗ୍‌ନାଲ ପାଇଁ ସବୁ କିଛି ୪କେ ରିଜୋଲ୍ୟୁସନରେ ଦେଖିବା ଭଳି ମନେହେବ ଯେଉଁଥିରେ ଲାଇଭ କଲର ପ୍ରଯୁକ୍ତି ରହିଛି। ନୂଆ ବ୍ରାଭିଆ ସିରିଜ ୨-୨ ୪କେ ଟିଭିରେ ୪କେ ଏକ୍ସ-ରିଆଲିଟି ପ୍ରୋ ରହିଛି, ଯାହା ୨କେ କିମ୍ବା ଫୁଲ୍ ଏଚ୍‌ଡି ଭିଡିଓଗୁଡ଼ିକୁ ଏହାର ସ୍ୱତନ୍ତ୍ର ୪କେ ଡାଟାବେସ୍ ବ୍ୟବହାରକରି ୪କେ ରିଜୋଲ୍ୟୁଶନ ନିକଟତର କରିପାରୁଛି। ମୋସନଫ୍ଲୋ ଏକ୍ସଆର୍ ମାଧ୍ୟମରେ ଅତି ଦ୍ରୁତଗତିରେ ଚାଲୁଥିବା ଦୃଶ୍ୟକୁ ମଧ୍ୟ ଭଲ ଭାବେ ଦେଖିହେବ।

# ଷ୍ଟୋରଫ୍ରଣ୍ଟର ପୁନଃ ଶୁଭାରମ୍ଭ

ଭୁବନେଶ୍ୱର,୨୩।୫

ଆମାଜନ୍ ଫ୍ୟାଶନର ଜେନ୍ ଜେଡ୍ ଅନ୍‌ଲାଇନ ଷ୍ଟୋର ବର୍ତ୍ତମାନ 'ସର୍ଭ' ଭାବେ ପରିଚିତ ହୋଇଛି। ଏପରିକି ଆମାଜନ୍ ଫ୍ୟାଶନର ଉତ୍ସର୍ଗୀକୃତ ଅନ୍‌ଲାଇନ ଷ୍ଟୋରଫ୍ରଣ୍ଟର ପୁନଃ ଶୁଭାରମ୍ଭ ସହ ଜେନ୍ ଜେଡ୍ ପ୍ରତି ଏହାର ପ୍ରତିବଦ୍ଧତାକୁ ଦ୍ୱିଗୁଣିତ କରୁଛି। ଏହା ପୂର୍ବରୁ ନେକ୍ସଟ ଜେନ୍ ଷ୍ଟୋର ଭାବେ ଏହା ପରିଚିତ ଥିଲା, ତାହାକୁ ବର୍ତ୍ତମାନ 'ସର୍ଭ', ଡିସିଂ ଆଉଟ୍ ଷ୍ଟାଇଲ କୁହାଯାଉଛି। ଏହି ଅନ୍‌ଲାଇନ ଷ୍ଟୋରି ଟିୟର ୨ ଏବଂ ୩ ସହରରୁ ଜେନ୍ ଜେଡ୍ ଗ୍ରାହକଙ୍କ ସଂଖ୍ୟା ୩ଗୁଣା ବୃଦ୍ଧି ପାଇଛି ଏବଂ କ୍ରେତାଙ୍କ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇଛି। ସର୍ଭ ୩୫୦ରୁ ଅଧିକ ଘରୋଇ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡରୁ ୨ ନିୟୁତରୁ ଅଧିକ ଉତ୍ପାଦ ସହ ଏକ ଅତୁଳନୀୟ ଚୟନ ପ୍ରଦାନ କରିଥାଏ। ୨୦୨୩ରେ ଭାରତର ପ୍ରଥମ ଉତ୍ସର୍ଗୀକୃତ ଜେନ୍ ଜେଡ୍ ଷ୍ଟୋରକୁ ଅଗ୍ରଣୀ କରିବା ପରେ ଆମେ 'ସର୍ଭ' ସହ ଆମର ପ୍ରତିବଦ୍ଧତାକୁ ଦୃଢ଼ କରୁଛୁ ବୋଲି ଆମାଜନ୍ ଫ୍ୟାଶନ ଇଣ୍ଡିଆର ଡାଇରେକ୍ଟର ନିଖିଲ ସିହ୍ନା କହିଛନ୍ତି।


# Classified Everyday

0674-2580101, 9692975378




## BRIDE WANTED

1989 born Niari/Kaibarta boy B.Sc. (Hons), MBA wanted to marry a fair colour beautiful graduate onwards girl. First preference Niari/ Kaibarta Caste then other caste. Contact No.- 9437969051, 9620107499. D-626

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271

Bride wanted Brahmin 32 network Engineer (HFCL). 7008123336. D-694

## GROOM WANTED

Beautiful Brahmin Girl 31+, M.Sc/ Govt. Class-II Officer. 9938199964, 9090486408. D-636

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## REAL ESTATE

## SALE

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

**ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834.** D-76266

**3BHK Flats at 99 Lakhs near 200ft road at Sundarpur Patia for early buyers. Contact: 9437095996, 8018461579.** D-76827

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76458

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397




14 Rooms with attached Bathroom, Ground Floor, Chandrasekharpur, Bhubaneswar. 9437008388. D-74730

10,500 sqft. house on Patia Infocity Road and 3,500 Sqft. house near Lemon Hotel, Maitrivihar main road for rent for Office Commercial purpose. Contact: 9435193999, 8658527440. D-688

Rent for PG (Gents) Service holder at Oldtown, Bhubaneswar. 9938679679, 8637266862. D-76459

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Positively health benefits spa expert female therapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

I, Suresh Kumar Pedina, S/o- Late Pedina Ananta Rao, resident of At- Dera Sahi, Gudari, Ward No.- 5, P.O/P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated 21.05.2025 that now onwards I shall be known as Suresh Kumar Pedina for all future purposes. D-696

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before Executive Magistrate, Bhubaneswar, dated 23.05.2025, I, Pinaki Prasad Sahoo, Address: At- Sriram Nagar, Odagaon, P.O./P.S.- Odagaon, Dist.- Nayagarh, PIN- 752081, Odisha declare that I have changed my daughter's name from Samparna Sahoo to Shree Samparna Sahoo. Henceforth, she shall be known as Shree Samparna Sahoo for all purposes.
Pinaki Prasad Sahoo D-693

By virtue of an affidavit dated 19.05.25 before Notory Public, that I have changed my Address As Peddini Krishna Rao, S/o- Late Peddini Venkata Kameswar Rao, Keviti Street, House No.- 924, Ward No.- 7, Paralakhemundi, Dist.- Gajapati, Odisha in my Passport No.- N2691631 and my wife Smt. Peddini Sasmita Patro vide Passport No.- N2694222 to rectify Passports accordingly to utilise to all official purposes. The previous address mentioned in the Passports be cancelled/ write off. D-690

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ବ୍ରାଏନ ରାଏ (ଚନ୍ଦନ)

ଆବିର୍ଭାବ : ୩୦।୦୬।୧୯୯୬
ତିରୋଧାନ : ୦୪।୦୬।୨୦୨୪

ଜନମ ମାଟି ତୋ ଅଟଇ ଚାନ୍ଦୋଳ, ଡାକ ନାମ ଟି ତୋର ଚନ୍ଦନ
ବାସନାରେ ତୋର ମହକାଇ ଦେଲୁ ଗାଁ ରୁ ସହର ସବୁ ସ୍ଥାନ ॥
ବାପା, ମାଆ ସାଙ୍ଗେ କାଟିଲୁ ସମୟ, ଜନମରୁ ଏତେ ବର୍ଷ
ଆଶ୍ଚର୍ଯ୍ୟ ସମସ୍ତେ କେମିତି ହେଲୁ ତୁ ଏମିତି ଭଲ ମଣିଷ ॥
ଅଦ୍ୱିତୀୟ ଥିଲା ତୋ ବାକ୍ୟ, କରମ କହି ନୁହଁଇ ଭାଷାରେ
ଅଳ୍ପ ଦିନରେ କେତେ ତୋର ଶିଷ୍ୟ ରାୟଗଡ଼ା କଲେଜରେ ॥
ଭୁବନେଶ୍ୱରରେ ପଢୁଥିଲୁ ପାଠ ସାଙ୍ଗସାଥି ଯେତେ ତୋର
ମଉସା, ମାଉସୀ ଭୁଲି ନପାରନ୍ତି ଥିଲୁ ତୁ ପୁଅ ତାଙ୍କର ॥
ସହରରେ ସିନା ପଢୁଥିଲୁ ପାଠ, ଗାଁ ପ୍ରତି ଥିଲା ମମତା
ଏତେ ଯେ ନିବିଡ଼ ସମ୍ପର୍କ ବାନ୍ଧିଲୁ ଭୁଲି ହୁଏନି ସେ କଥା ॥
ବଡ଼ ବାପା, ବଡ଼ ମା, ଦାଦା, ଖୁଡ଼ି ସମସ୍ତଙ୍କ ଗେଲ୍ହା ପୁଅ
କେଜେ ମା ତୋର ଖୋଜୁଛନ୍ତି ନୀତି ଚନ୍ଦନ କେମିତି କୁହ ॥
ରାୟ ବଂଶର ସୁଯୋଗ୍ୟ ସନ୍ତାନ ବୋଲି ମନରେ ଥିଲା ଗରବ
ସମସ୍ତଙ୍କ ଖୁସି ଛଡ଼ାଇ ନେଇ ହେ ପ୍ରଭୁ ପାଇଲ କି ଲାଭ ॥
ଯେତେ ସବୁ ତୋର ବନ୍ଧୁ ପରିଜନ ଗାଆନ୍ତି ଗୁଣ ତୋହର
ଅଳପ ଦିନରେ ଏତେ ଡାଳ ମେଲି ଭାଙ୍ଗି ତୁ ଗଲୁ ସଅଳ ॥

ଧ-୨୮୬୨

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ଂ ପ୍ରଶାନ୍ତ କୁମାର ମଲିଆ (ପପୁ)

କପିଳେଶ୍ୱର ଦାଣ୍ଡସାହି, ଲିଙ୍ଗରାଜ, ଭୁବନେଶ୍ୱର

ଆବିର୍ଭାବ : ୧୯.୦୪.୧୯୬୫
ତିରୋଧାନ : ୧୯.୦୫.୨୦୨୦

ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା । ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ।

-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୬୪୬୧

# ୧୧ରେ ବି.ଏଡ୍. ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨୪।୫(ସୁଚିସ୍ମିତା ସାହୁ)

ଜୁନ୍ ୧୧ରେ ବି.ଏଡ୍. ପ୍ରବେଶିକା ପରୀକ୍ଷା। ଏଥିପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ଏହି ଭୁବନେଶ୍ୱରସ୍ଥିତ ବି.ଏଡ୍. ପାଠ୍ୟକ୍ରମରେ ନାମଲେଖାଇବାକୁ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ te.samsodisha.gov.in କିମ୍ବା ssbodisha.ac.inରୁ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାକୁ କୁହାଯାଇଛି। ତେବେ ଆଡ୍‌ମିଟ୍ କାର୍ଡ ପାଇବା ପରେ ପ୍ରାର୍ଥୀମାନେ ତାହାକୁ ଭଲ ଭାବେ ଯାଞ୍ଚ କରିବା ଦରକାର। କୌଣସି ଅସଙ୍ଗତ ବା ତ୍ରୁଟି ଥିଲେ ତୁରନ୍ତ ପରୀକ୍ଷା କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଆଡ୍‌ମିଟ୍ କାର୍ଡରେ ରିପୋର୍ଟିଂ ସମୟ ସହିତ ଅନ୍ୟ ସମସ୍ତ ବିବରଣୀ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବେଦନକାରୀଙ୍କ ପାଇଁ ମାର୍ଚ୍ଚ ୨୪ରୁ କମନ ଆପ୍ଲିକେସନ ଫର୍ମ(ସିଏଏଫ) ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

# ବର୍ଷା ଦାଉରୁ ମଣ୍ଡିରେ ଧାନ ସୁରକ୍ଷାକୁ ଗୁରୁତ୍ୱ

## ଆବଶ୍ୟକ ପଲିଥିନ ମହଜୁଦ ରଖିବା, ଶୀଘ୍ର ଧାନ ଉଠାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୫(ବନ୍ଦନା ସେଠୀ)

ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ସହ ପ୍ରାକ୍‌ମୌସୁମୀ ବର୍ଷା ହେଉଥିବାରୁ ମଣ୍ଡିରେ ଧାନ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଶନିବାର ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଭର୍ଚ୍ଚୁଆଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକ ଘୋଡାଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ ଯୋଗାଇ ଦିଆଯିବା ସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ସେହିପରି ଧାନ ରଖା ଯାଇଥିବା ସ୍ଥାନର ଚାରିପାଖରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଓ ଉପଯୁକ୍ତ ସୁରକ୍ଷା ଥିବା ଗାଡି ମାଧ୍ୟମରେ ଧାନ ପରିବହନ କରିବା, ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ, ଆର୍‌ଏସ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରତ୍ୟେକ ମଣ୍ଡିରେ ସିସିଟିଭି ମାଧ୍ୟମରେ ତୀକ୍ଷ୍ଣ ନଜର ରଖାଯିବା ସହ ମଣ୍ଡିରୁ ମିଲକୁ ଯାଉଥିବା ଧାନଗୁଡ଼ିକ ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାଧାରଣ ପରିଚାଳକ ସୁଧାକର ଶବର, ସାଧାରଣ ପରିଚାଳକ (ଧାନ ସଂଗ୍ରହ) ଏଲୋରା ସାମଲ, ସାଧାରଣ ପରିଚାଳକ (ପ୍ରଶାସନିକ) ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଦଳିଦେଲା ହାତୀ

## ଅଳ୍ପକେ ବର୍ତ୍ତିଲେ ବର୍ଷକର ପୁଅ

ବାରିପଦା,୨୪।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଜଙ୍ଗଲରେ ଜଣେ ମହିଳାଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମହିଳାଙ୍କ ଏକ ବର୍ଷର ପୁଅ ଅଘଟଣରୁ ବର୍ତ୍ତିଯାଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ଲୁହାକାନି ପଞ୍ଚାୟତସ୍ଥିତ କାଶୀପେଣ୍ଟ ଗ୍ରାମର କୁଣ୍ଡିଆ ନାଏକଙ୍କ ସ୍ତ୍ରୀ ଚାର୍ମୀ ନାଏକ(୨୭)। ସୂଚନାଯୋଗ୍ୟ, ଗାରଗାଡ଼ି ଗ୍ରାମ ବାପଘରକୁ ବୁଲିବାକୁ ଆସିଥିବା ଚାର୍ମୀ ଶନିବାର ସକାଳେ ଦାନ୍ତକାଠି ଆଣିବା ପାଇଁ ନିଜ ପୁଅକୁ ଧରି ଗ୍ରାମ ସନ୍ନିକଟ ଜଙ୍ଗଲକୁ ଯାଇଥିଲେ। ୧ ବର୍ଷର ପୁଅକୁ ଗୋଟିଏ ସ୍ଥାନରେ ଛାଡ଼ିଦେଇ ଜଙ୍ଗଲ ଭିତରେ ଦାନ୍ତକାଠି ସଂଗ୍ରହ କରୁଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଚାର୍ମୀଙ୍କୁ ଦଳି ଚକଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜଙ୍ଗଲକୁ ଯାଇ ଚାର୍ମୀଙ୍କ ୧ ବର୍ଷର ପୁଅକୁ ଜଙ୍ଗଲ ପାଖରେ ପାଇଥିଲେ। ପୁଅକୁ ଏକୁଟିଆ ପାଇ ସନ୍ଦେହରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିବାରୁ ମୃତଦେହ ପଡ଼ିଥିବାର ଦେଖିଥିଲେ। ଘଟଣା ସମ୍ପର୍କରେ ବନ ବିଭାଗକୁ ଜଣାଇବା ପରେ ବନ କର୍ମଚାରୀ ପହଞ୍ଚି ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି। ମୃତା ଚାର୍ମୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଭିଜାଇଲା ପ୍ରାକ୍ ମୌସୁମୀ ବର୍ଷା

ଭୁବନେଶ୍ୱର,୨୪।୫(ଅନୁରାଧା ମହାରଣା)

ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଇତିମଧ୍ୟରେ ମୌସୁମୀ କେରଳ ଛୁଇଁଥିବାବେଳେ ଏହା ପ୍ରଭାବରେ ରାଜ୍ୟରେ ପ୍ରାକ୍‌ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଉତ୍ତର ଉପକୂଳ ଓଡ଼ିଶା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ବର୍ଷାର ବିସ୍ତୃତି ବଢ଼ିବା ସହ କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।

## TENDER

**No.PP-13** : **"Short Tender"** in sealed cover is invited from reputed suppliers for **Selection of agency for supply of musical instruments to Odisha Crafts Museum -Kalabhoomi**.

For details of Tender & TOR etc. Please visit the websites **www.sidacodisha.org.in** or **www.odishacraftsmuseum.odisha.gov.in**. The last date for submission of Tender in the office of SIDAC, Handicrafts Complex, Gandamunda, Khandagiri, Bhubaneswar, Ph: 0674-2350318 is upto 05:00 P.M. on 30.05.2025. The details of Tender will be available in the website **w.e.f. 23.05.2025**.

**Sd./- CEO, OCM-KB**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030,
SIDAC Tel. No.+91(0)674 2350138, E-mail: sidacorissa@gmail.com, www.sidacodisha.org.in

OIPR-31036/11/0022/2526

## OFFICE OF THE MUNICIPAL COUNCIL, BALASORE

BALASORE, (ODISHA), PIN-756003
Tel.No.06782-251267 (O), Fax No.06782-251222
e-mail- balasoremunicipality@rediffmail.com

**No.10961/** **Dated the 23.5.2025**

**No.C-390:**Notification No. 10958/ Dt.23.05.25. The details can be download from official website of Balasore District, http://balasore.odisha.gov.in.

**Sd./- Executive Officer**
**Balasore Municipality**

OIPR-13154/11/0046/2526

## OFFICE OF THE EXECUTIVE ENGINEER RURAL WORKS DIVISION, PADAMPUR

**2nd Corrigendum to Tender Call Notice No.Online 02 of 2025-26**

**No.O-195:**A. Due to some unavoidable circumstances the critical dates have been changed as given below.

| Sl. No. | Schedule of dates | As per 1st Corrigendum | As per 2nd Corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 16.05.2025 at 03.00 P.M. | 26.05.2025 at 10.00 A.M. |
| 2 | Last date & Time for receipt of bids in the portal | 26.05.2025 upto 05.00 P.M. | 04.06.2025 upto 05.00 P.M. |
| 3 | Last date of seeking clarification | 23.05.2025 upto 05.00 P.M. | 03.06.2025 upto 01.00 P.M. |
| 4 | Date & Time of bid opening | 28.05.2025 at 10.00 A.M. | 05.06.2025 at 10.00 A.M. |

All other terms and conditions remains unchanged.

**Sd./- Executive Engineer,**
**Rural Works Division, Padampur**

OIPR-25069/11/0030/2526

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ
## OFFICE OF THE DIVISIONAL FOREST OFFICER, DHENKANAL FOREST DIVISION

Tele Fax No. - 06762226717, e-mail ld-dfo.dhenkanal@odisha.gov.in
Bid Identification No. DFO-DKL-01/2025-26

### NOTICE INVITING TENDER

**No.MM-57** : The Divisional Forest Officer, Dhenkanal Forest Division on behalf of Governor of Odisha invites Sealed Tender through offline, in **Double Cover System**, in **"OFF LINE"** mode for procurement of Solar Street Light of Dhenkanal Forest Division required for various forestry management as enlisted in the Annexure-II from eligible Firms/ Vendors/ Suppliers registered with the State Governments, Central Government/ M.E.S./ Railways or other Licensing Authorities for supply of the articles enlisted on production of definite proof from the appropriate authority. The tender paper with details of terms and conditions can be available in the website https://dhenkanal.odisha.gov.in and office of the Divisional Forest Officer, Dhenkanal Division, Dhenkanal in any working day from **24.05.2025 to 06.06.2025 within official hour (7 A.M. to 1.00 P.M.)** after payment of requisite fee of Rs.2,000/- (Two Thousand) only in cash or Account payee Bank Draft in **favour of Divisional Forest Officer, Dhenkanal Division** with all requisite documents. The bid along with relevant documents should reach in the O/O the Divisional Forest Officer, Dhenkanal Forest Division, AT/PO/PS/ Dist - Dhenkanal - 759001 on or before **06.06.2025** up to **1.00 P.M.** through Registered / Speed Post / Courier Service or by hand only. The tender will be opened in the office of the undersigned on **09.06.2025 at 11.00 A.M. hrs**.

**Sd./- Divisional Forest Officer**
**Dhenkanal Division**

OIPR-08037/11/0018/2526

## ODISHA STATE AIDS CONTROL SOCIETY (OSACS)

Department of Health & Family Welfare, Govt. of Odisha

**Tender / Bid No. 332/OSACS** **Date: 20.05.2025**
File No. : XV-Proc.- 13/2025

### NOTICE INVITING BID
### FOR HIRING OF PETROL / DIESEL VEHICLES FOR OFFICIAL USE ON DAILY BASIS

**No.E-107** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Hiring of Petrol / Diesel Vehicles for Official Use on Daily Basis**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS i.e. https://osacs.odisha.gov.in and download the tender documents. The Date of availability of Tender Document is **26.05.2025, 11.00 A.M.** & Closing Date & Time of Receiving of Sealed Tender **16.06.2025 upto 5.00 P.M.**

OIPR-10009/11/0046/2526 **Sd./- Project Director**

## OFFICE OF THE CDM & PHO-CUM- DISTRICT MISSION DIRECTOR, DHENKANAL
## DISTRICT PROGRAMME MANAGEMENT UNIT (DPMU)

(Department of Health & Family Welfare, Govt. Of Odisha)

**Walk in-Interview**
**Advertisement for the Post of Medical Officers/ Engagement of Part time Specialist at UPHC & UAAM, Dhenkanal**

**Adv. No. : 2251** **Date : 21.05.2025**

**No.E-110** : Expression of Interest (EOI) is invited from Individuals for empanelment of part-time specialists under Ama Clinic at Urban Primary Health Centre (UPHC) and Medical Officer on contractual basis at Urban Ayushman Arogya Mandir (UAAM), Dhenkanal.

The positions are purely temporary and co-terminus with the scheme. Interested candidates can attend the Interview at the office of the CDM & PHO-cum-DMD, Dhenkanal, Pin-759001 on Dt.05.06.2025. Registration timing will be from 10.00 A.M. to 11.00 A.M. only on Walk In-Interview dates. You may log on to https://dhenkanal.odisha.gov.in/ for details of vacancy, eligibility criteria, age, application form, selection procedure etc. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

**Sd./- Chief District Medical & Public Health Officer, Dhenkanal**

OIPR-10059/11/0012/2526

## REGIONAL INSTITUTE OF PLANNING, APPLIED ECONOMICS & STATISTICS

**(Planning & Convergence Department, Govt. of Odisha)**
**A/65, Nayapalli, Bhubaneswar-751012, Tel. : 0674-2392283,**
**ripaesodisha@gmail.com**

*Statistics - Good Governance - People's Welfare*

**No.543/RIPAE&S/21/2025 Date - 20.05.2025**

### TENDER CALL NOTICE

**(For award of contract for outsourcing Security Guards, Hostel Attendants, Sweepers & Gardener at RIPAE&S, Bhubaneswar)**

**No.X-02** : Sealed tenders are invited from intending service providers for providing Security Guards, Hostel Attendants, Sweepers & Gardener to Regional Institute of Planning, Applied Economics & Statistics (RIPAE&S), Bhubaneswar on outsourcing basis in the prescribed format of tender documents.

The detailed information for outsourcing the aforesaid manpower has been given in the tender documents which may either be downloaded from the RIPAE&S Website:www.ripaesodisha.nic.in or obtained in person from the Office of Director, RIPAE&S, Odisha, Bhubaneswar in any working day from **26.05.2025 to 16.06.2025 between 11.00 A.M. to 4.00 P.M.** on payment of **Rs.500/-** in cash or in shape of Bank Draft for Rs. 500/- (non-refundable). The downloaded Tender Document from the website should be submitted along with a Bank Draft/ Bankers Cheque of **Rs. 500/-** (non-refundable). The Bank Draft/ Bankers Cheque should be in favour of **Assistant Director-cum-DDO, RIPAE&S, A/65, Nayapalli, Bhubaneswar, Odisha**.

The tender document will be received only through **speed post/registered post** during office hour. Any other mode of submission of tender documents will not be accepted. The last date of submission of Tender Document is **16.06.2025 by 4.00 P.M.** The office shall not be responsible for any kind of postal delay. The Director, RIPAE&S, Bhubaneswar reserves the right to reject any or all tenders without assigning any reason thereof.

OIPR-50002/11/0001/2526 **Sd./- Director**

## OFFICE OF THE COLLECTOR & DISTRICT MAGISTRATE: KHORDHA
## (ST & SC DEVELOPMENT SECTION)

E-Mail :- dwokhordha@gmail.com
No.1479/Date. 21.05.2025

**No.V-02** : Advertisement for admission of ST and SC students in Urban Hostels, Bhubaneswar during the Academic Year 2025-26. Applications are invited from intending ST and SC students (both Boys & Girls) studying in Post Matric Level Courses in and around Bhubaneswar for availing free hostel facilities in the ST and SC Development Department run 500 seated (Girls) Urban Hostel at Pokhariput, Bhubaneswar and 400 seated (Boys) Urban Hostel at Kalinga Nagar, Bhubaneswar.

The detailed guidelines, procedure of admission and application forms etc. can be obtained from the District website: www.khordha.odisha.gov.in. Duly filled in Applications with all relevant documents should reach the Office of the Superintendent, Urban Hostel,Near DAV Public School, Pokhariput, Bhubaneswar for Girls and Office of the Superintendent, Urban Hostel, Near Kendriya Vidyalaya 5, Kalinga Nagar, Bhubaneswar for Boys by 31.07.2025 through Speed Post / Registered Post. For Post Graduation / Technical / Professional Courses. The last date of submission of application shall be 30.09.2025. Students can submit the Applications in person in the above-mentioned Offices.

Incomplete applications will be rejected without assigning. any reason thereof.

**Sd./- District Welfare Officer, Khordha**

OIPR-24351/11/0069/2526

## idco | ODISHA NEW OPPORTUNITIES

No.CAD-536

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

**Tender Call Notice No.-BBSR/ELECT-II/E-358/25-26/1319**
**Dated:20.05.2025**

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Supply, Installation, Testing & Commissioning of 500KVA, 11/0.4 KV plinth mounted Distribution Transformer for A and B Block of OUTR Ghatikia, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-16/25-26 | 28.05.2025 at 12.00 Hrs. | 06.06.2025 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website**.

**Sd./-Divisional Head (Elect-II), IDCO, Bhubaneswar**

OIPR-14003/11/0162/2526

## ZILLA SWASTHYA SAMITI, GAJAPATI

O/o The Chief District Medical & Public Health Officer,
Gajapati, Paralakhemundi-761200, Gajapati

**Advt. No. 3941 /IEC/BCC/GAJ/2025.** **Date: 20-05-2025**

**No.E-103** : Sealed Tenders are invited from the reputed agencies / suppliers having valid GSTIN /PAN / and GST Clearance Certificate for empanelment for Printing of IEC/BCC materials, Wall Painting & fixation of Hoardings etc. to office of the CDMO Cum District Mission Director, Gajapati on annual rate contract basis.

The sealed quotation should be reached at O/o CDM& PHO, Gajapati on any working day by **Dt : 11/06/2025** till **01.00 P.M.** along with all required documents **by Speed Post/ Regd. Post /Courier only**. The tender will be opened on **Dt : 12/06/2025** at **11.30 A.M.** in the office of the undersigned in presence of the Bidders / authorized representative of the bidder. Details regarding items, terms & conditions may be downloaded from the website : **https://gajapati.odisha.gov.in**. The undersigned reserves the right to accept or reject any or all the bids without assigning any reason thereof.

**Sd./- Chief District Medical & Public Health Officer- Cum- District Mission Director, Gajapati**

OIPR-10105/11/0007/2526

See Career Appointment on every **Wednesday & Saturday**

## OFFICE OF THE PANCHAYAT SAMITI, UMERKOTE

### INVITATIONS FOR BIDS

**No.:BDO/EDU/UKT/01/2025-26/2109** **Date:20.05.2025**

**No.i-119:**The Block Development Officer, Umerkote on behalf of the Panchayat Samiti, Umerkote invited Percentage Rate Bids through Speed Post/ Registered Posts in Single Cover System.

1. Name of the Works : As Mentioned in Table-A which includes Construction of Additional Class rooms at various elementary & secondary schools.
2. No. of Works : 21 (Twenty One) Nos. (Detailed in Tender Call Notice available in the website)
3. Estimated Costs : As mentioned in Table-A
4. Tender Paper Costs : Varies between Rs.4,000/- and Rs.6,000/- per Work
5. Class of Contractor : D & C Class
6. Period of Completion : 180 Days
7. Critical Dates : * Further details can be seen in the bidding documents, which is available in the Portal. * Subsequent corrigendum if any shall be appeared in the website www.tendersodisha.gov.in * Authority reserves the right to reject any or all tenders without assigning any reasons thereof.

| Procurement Officer | Bid Identification No. | Availability of tender online for bidding | | Last date of seeking clarification | Date of Opening of Bid |
|---|---|---|---|---|---|
| | | From | To | | |
| BDO, Umerkote | BDO/EDU/ UKT/01/2025-26 | At 10.00 AM of 26.05.2025 | At 16.00 Hours of 16.06.2025 | 16.06.2025 | 17.06.2025 |

OIPR-19050/11/0004/2526 **Sd./- Block Development Officer, Umerkote**

## OFFICE OF THE DISTRICT SOCIAL WELFARE OFFICER, NAYAGARH

**Advt. No. 2041/SW** **Date: 21.05.2025**

### TENDER CALL NOTICE FOR AWARD OF TRANSPORT CONTRACTOR FOR TRANSPORTATION OF FOOD STUFFS UNDER SUPPLEMENTARY NUTRITION PROGRAMME (SNP) IN NAYAGARH DISTRICT DURING THE YEAR 2025-26

No. G-32: Sealed tenders in prescribed format are invited from intending registered transport contractors/transporting agents for transportation of food stuffs under Supplementary Nutrition Programme (SNP) in Nayagarh district during the year 2025-26 (for 2nd, 3rd & 4th Qtr.) under the Administrative Control of the Collector, Nayagarh. The tender documents containing detail information, terms & conditions etc. may be downloaded from the district website **http://nayagarh.odisha.gov.in/**. The tender should reach in sealed cover in the office of the District Social Welfare Officer, Nayagarh, At/P.O./P.S./Dist.: Nayagarh, PIN - 752069, Odisha through Speed Post/Regd. Post on or before Dt.10.06.2025 till 5.30 P.M. The undersigned reserves the right to reject/cancel/withdraw any or all tenders without assigning any reason thereof.

OIPR-24419/11/0001/2526 **Sd./- Collector & D.M., Nayagarh**

## OFFICE OF THE PANCHAYAT SAMITI, BANDHUGAON

Ph.No.06855-263336 E-mail Id: ori-bandugaon@nic.in

### TENDER CALL NOTICE No.04/2025-26

**No.i-120:**The Block Development Officer, Bandhugaon, Koraput district on behalf of Governor of Odisha invites percentage rate bid shall be opened on 12.06.2025 at 11.30 AM in the office of Panchayat Samiti, Bandhugaon.

| Sl. No. | Name of the Work | Estimated Cost in Rs. | Cost of Tender Paper in Rs. Including GST 18% | EMD in Rs. | Class of Contractor | Time of Completion | Grant |
|---|---|---|---|---|---|---|---|
| 1 | Repair & Renovation of KGBV Hostel Building TYPE-1 | 25,00,000/- | 6000/- | 13000/- | C & D | 270 Days | PAB SS |

Other details can be seen in the bidding documents published in the website displayed in notice board & published in the district website Koraput.

OIPR-19038/11/0001/2526 **Sd./- Block Development Officer, Bandhugaon**

## OFFICE OF THE DHENKANAL MUNICIPAL COUNCIL, DHENKANAL

No.C-371

### E-Procurement Notice

**Tender Call Notice No.1879/DKLMPLTY/Date:20.5.2025**

1. Name of the Work : Individual Civil Construction Work Published the **www.tenderodisha.gov.in** website
2. No. of Works put to tender : 14 Nos. individual works
3. Estimated Cost : Rs.20.0 Lakhs
4. Period of Completion : 45 days
5. Date and Time of availability of bid document in the portal : From 11.00 hours of Dt.22.05.2025 to 17.00 of Dt.03.06.2025
6. Last date/time for receipt of bids : 17.00 hours of Dt.03.06.2025
7. Date and Time of Opening of Bid : 9.00 hours of Dt.04.06.2025
8. Name and Address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-Procurement portal **https://tenderorissa.gov.in.**

**Sd./- Executive Officer**
**Dhenkanal Municipality**

OIPR-13146/11/0033/2526

## ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## Odisha Rural Development & Marketing Society

*creating competence and values in rural Odisha*
Panchayati Raj and Drinking Water Department, Government of Odisha

ORMAS
SIRD & PR Campus
Unit - VIII, Bhubaneswar
Odisha-751012, India
Tel : 0674-2565870/71
Email : ormashq@gmail.com
Website : www.ormas.org

**No. : 1708** **Date : 23.05.2025**
File No. : ORMAS-MKT-MISC-0005-2025

### REQUEST FOR PROPOSAL (RFP)

**Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market**

**No.CAD-539** : ORMAS under the Panchayati Raj & Drinking Water Department, Government of Odisha (The Client) invites sealed two bid systems from the eligible bidders through e-tender process for **"Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market"**. Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org/panchayat.odisha.gov.in/www.tendersodisha.gov.in** .The bid calendar under the end to end process are:

| Date of Issue of RFP | Date of Pre-Bid Meeting | Last Date for Submission of Bid | Date of Opening of Technical proposal | Date of Technical presentation and opening of financial proposal | Bid processing fee in Rs. | EMD in Rs. |
|---|---|---|---|---|---|---|
| 24.05.2025 | 31.05.2025 at 11.30 A.M. | 16.06.2025 at 12 Noon | 17.06.2025 at 11.30 A.M. | 18.06.2025 at 11.30 A.M. & 3.30 P.M. | 11,800/- including GST | 1,00,000/- |

The bidders must apply their proposal through e-tender process latest by 16.06.2025 at 12 Noon clearly mentioning "REQUEST FOR PROPOSAL **"Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market"**. The proposals received beyond the last date and time will be rejected without assigning any reason. In case of any further modification/ alteration/ amendment shall be published on the websites only. The authority reserves all the rights to reject any / all proposals at any stage without assigning any reason thereof.

OIPR-19004/11/0022/2526 **Sd./- Chief Executive Officer, ORMAS**

## Government of Odisha
## Directorate of Higher Secondary Education, Odisha

No.N-52

**Timeline for e-Admission into Higher Secondary Schools of the State for the Session 2025-26**

On-line applications are invited through SAMS for admission into Class-XI of Arts, Science, Commerce, Upashastri and Vocational streams in all Higher Secondary Schools (HSSs) of the State affiliated to CHSE (O) and Shree Jagannath Sanskrit University, Puri, Odisha.

**Eligibility :**
Applicants must have passed the High School Certificate (HSC) Examination of the Board of Secondary Education (BSE), Odisha or its equivalent Boards.

**Procedure :**
- Applicants shall apply online by **registering** themselves on the SAMS portal (www.samsodisha.gov in)
- The applicants are advised to read the **Common Prospectus (CP)** carefully before filling the online Common Application Form (CAF).
- Applicants must retain the **print copy of** CAF and payment receipt after successful submission of the CAF for future reference.
- The **CAF** fee must be paid through online mode only (details available in CP)
- All relevant original documents are to be verified at the selected Higher Secondary School during the time of admission only.
- Application fees for **General Category is ₹200/-, for ST & SC Category is ₹100/-**.
- There is **no application fee** for Persons with Disabilities (PwD) with a **permanent disability certificate or a valid temporary disability certificate of 40% and above,** as well as for **transgender** individuals and orphans.

**N.B. Any claim (Reservation / Weightage / Relaxation) must be supplemented with relevant documents**

**Important Dates**

| SL.# | Activities | Datelines |
|---|---|---|
| 1) | Commencement of On-line Common Application Form (CAF) for admission into Class-XI in the SAMS Portal (www.samsodisha.gov.in) | 24.05.2025 (02.00 P.M.) |
| 2) | Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in) | 30.06.2025 (11.45 P.M.) |
| 3) | Publication of the First Selection Merit List and downloading of Intimation Letter in the Student Login | 07.07.2025 (11.45 A.M.) |
| 4) | Reporting of First Selection applicants and admission updation at Higher Secondary Schools level | 08.07.2025 to 14.07.2025 (up to 06.00 P.M.) |
| 5) | Commencement of Class-XI | 24.07.2025 |

**For more details,**
**a) For information regarding the publication of other e-Admission activity datelines, please visit www.samsodisha.gov.in**
**b) Contact Sanjog Helpline (Toll Free) number 155335, 1800-345-6770, e-mail: sams.dhse@gov.in**

**Changes to the dateline (if occurs) will be notified in the newspapers & website as well.**

OIPR-11033/11/0013/2526

# ପଞ୍ଜାବର ଦୃଢ଼ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ଶ୍ରେୟସ ଆୟର।

**ଜୟପୁର, ୨୪।୫**

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ଏକ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଅଧିନାୟକ ଶ୍ରେୟସ ଆୟାରଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ଦିଲ୍ଲୀ ଆଗରେ ୨୦୭ ରନର ଟାର୍ଗେଟ ଛିଡ଼ା କରିଛି।

ଦିଲ୍ଲୀର କାମଚଳା ଅଧିନାୟକ ଫାଫ ଡୁ ପ୍ଲେସି ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଆରମ୍ଭରୁ ପ୍ରିୟାଂଶ ଆର୍ଯ୍ୟ (୬)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ପ୍ରଭସିମରନ ସିଂ ଓ ଜୋଶ ଇଙ୍ଗଲିସ ଦ୍ୱିତୀୟ ଉଇକେଟରେ ଦଳୀୟ ସ୍କୋରରେ ୩.୩ ଓଭରରେ ଦ୍ରୁତ ୪୭ ରନ ଯୋଡ଼ିଥିଲେ। ଇଙ୍ଗଲିସ ୧୨ ବଲରେ ୩ ଚୌକା ଓ ୨ ଛକା ସହିତ ୩୨ ଏବଂ ପ୍ରଭସିମରନ ୧୮ ବଲରେ ୪ ଚୌକା ଓ ୧ ଛକା ସହିତ ୨୮ ରନ କରି ଆଉଟ୍ ହୋଇଥିଲେ। ମଧ୍ୟକ୍ରମରେ ନେହାଲ ୱାଧେରା (୧୬) ଓ ଶଶାଙ୍କ ସିଂ (୧୧) ବିଫଳ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ୩୪ ବଲରେ ୫ ଚୌକା ଓ ୨ ଛକା ବଳରେ ୫୩ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ମାର୍କସ ଷ୍ଟୋଇନିସ ୧୬ ବଲରେ ୩ ଚୌକା ଓ ୪ ଛକା ସହିତ ଧୂଆଁଦାର ୪୪ ରନ କରି ଅପରାଜିତ ଥିଲେ। ଫଳରେ ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦିଲ୍ଲୀ ପକ୍ଷରୁ ମୁସ୍ତାଫିଜୁର ରହମାନ ୩ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୦୬/୮ (ଶ୍ରେୟସ ଆୟର-୫୩, ମାର୍କସ ଷ୍ଟୋଇନିସ-୪୪*, ଜୋଶ ଇଙ୍ଗଲିସ-୩୨, ପ୍ରଭସିମରନ ସିଂ-୨୮, ମୁସ୍ତାଫିଜୁର ରହମାନ-୩/୩୩, ବିପ୍ରଜ ନିଗମ-୨/୩୮ କୁଲଦୀପ ଯାଦବ-୨/୩୯)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଚେନ୍ନାଇ-ଗୁଜରାଟ
ସ୍ଥାନ: ଅହମଦାବାଦ
ସମୟ: ଅପରାହ୍ନ ୩.୩୦

ହାଇଦ୍ରାବାଦ-କୋଲକାତା
ସ୍ଥାନ: ଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୫ | ୭ | ୧ | ୧୧ | -୦.୭୩୭ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

# ଇଂଲିଶ ପ୍ରିମିୟର ଲିଗ୍‌ରେ ଓଡ଼ିଶା ଏଫ୍‌ସିର ରାହୁଲ




**ଭୁବନେଶ୍ୱର, ୨୪।୫ (ବିଜୟ ରଣା)**

ଭାରତୀୟ ଫୁଟ୍‌ବଲ ପାଇଁ ଏକ ଖୁସିର ମୁହୂର୍ତ୍ତ। ଓଡ଼ିଶା ଏଫ୍‌ସିର ଡାଇନାମିକ୍ ୱିଙ୍ଗର ରାହୁଲ କେ.ପିଙ୍କୁ ଇଂଲିଶ ପ୍ରିମିୟର ଲିଗ୍ ପାୱାରହାଉସ୍ ୱେଷ୍ଟ ହାମ୍ ୟୁନାଇଟେଡ୍ ପୁରୁଷ ଦଳରୁ ଖେଳିବା ଲାଗି ଆମନ୍ତ୍ରଣ ମିଳିଛି। ଏଲିଟ୍ ୭ ବନାମ ୭ ଫୁଟ୍‌ବଲ ପ୍ରତିଯୋଗିତା ଦି ସକ୍କର ଟୁର୍ନାମେଣ୍ଟ (ଟିଏସ୍‌ଟି)ର ଗ୍ରୀଷ୍ମ ସଂସ୍କରଣରେ ସମଗ୍ର ବିଶ୍ୱରୁ ୪୮ଟି ଦଳ ଅଂଶଗ୍ରହଣ କରିବେ। ଏକ ଟପ୍ ଡିଭିଜନ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ପୁରୁଷ ଦଳରେ ଜଣେ ଭାରତୀୟ ଖେଳାଳି ପ୍ରତିନିଧିତ୍ୱ କରିବା ଭାରତୀୟ ଫୁଟ୍‌ବଲ ଇତିହାସରେ ପ୍ରଥମ। ଏହା କେବଳ ରାହୁଲଙ୍କ ବର୍ଦ୍ଧିତ କ୍ୟାରିୟର ନୁହେଁ ଅବା ଓଡ଼ିଶା ଏଫ୍‌ସି ପାଇଁ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ରାଜ୍ୟ ଓ ଭାରତୀୟ ଫୁଟ୍‌ବଲର ପରିଚୟ ସୃଷ୍ଟି କରିବ। ଯୁକ୍ତରାଷ୍ଟ୍ର ଆମେରିକାର ନର୍ଥ କାରୋଲିନା ଅନ୍ତର୍ଗତ ରାଲେଠାରେ ଏହି ଟୁର୍ନାମେଣ୍ଟ ଜୁନ୍ ୪ରୁ ୯ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ୟୁନାଇଟେଡ କିଙ୍ଗ୍‌ଡମ, ସ୍ପେନ, ସୁଇଜରଲାଣ୍ଡ, ବ୍ରାଜିଲ, ମେକ୍ସିକୋ, ନାଇଜେରିଆ ଓ ଭାରତ ଆଦି ଦେଶର ଖେଳାଳିମାନେ ଭାଗ ନେବେ। ବହୁ ତାରକା ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଇଭେଣ୍ଟରେ ବିଭିନ୍ନ ଦଳ ପକ୍ଷରୁ ଖେଳୁଥିବା ନାମୀ ଫୁଟ୍‌ବଲରଙ୍କ ମଧ୍ୟରେ ଲୁଇସ୍ ନାନି, ସର୍ଗିଓ ଆଗ୍ୱିରୋ ଓ ହୋପ୍ ସୋଲୋ ଅନ୍ୟତମ।

# ଇତିହାସ ସୃଷ୍ଟି କଲେ ଲେବାନନ୍‌ର ବେଞ୍ଜାମିନ



ବେଞ୍ଜାମିନ ହସନ

**ପ୍ୟାରିସ, ୨୪।୫ (ଏପି)**

ବେଞ୍ଜାମିନ ହସନ ଲେବାନନର ପ୍ରଥମ ଖେଳାଳି ହିସାବରେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛନ୍ତି। ଏହି ୩୦ବର୍ଷୀୟ ଖେଳାଳି କ୍ୱାଲିଫାଇଂର ଫାଇନାଲ ରାଉଣ୍ଡରେ ଜାପାନର ଜେମ୍ସ ଟ୍ରୋଟରଙ୍କୁ ୬-୨, ୭-୬(୫)ରେ ହରାଇ ଦେଇଛନ୍ତି। ଜର୍ମାନୀରେ ଜନ୍ମିତ ହସନ ପ୍ୟାରିସର କ୍ଲେ-କୋର୍ଟରେ କ୍ରମାଗତ ୩ଟି କ୍ୱାଲିଫାଇଂ ମ୍ୟାଚରେ ବିଜୟ ହାସଲ କରି ରୋଲାଣ୍ଡ ଗ୍ୟାରସରେ ସ୍ଥାନ ପାଇଛନ୍ତି। ବିଶ୍ୱର ୧୭୭ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ହସନ ଫ୍ରେଞ୍ଚ୍ ଓପନରେ ପ୍ରଥମ ଥର ଖେଳିବାକୁ ଯାଉଥିଲେ ମଧ୍ୟ ତାଙ୍କ ପାଇଁ ଟୁର୍ନାମେଣ୍ଟର କୋର୍ଟ ନୂଆ ନୁହେଁ। ଗତ ଗ୍ରୀଷ୍ମଋତୁରେ ସେ ପ୍ୟାରିସ ଅଲିମ୍ପିକ୍ସର ଟେନିସ ମ୍ୟାଚଗୁଡ଼ିକ ରୋଲାଣ୍ଡ ଗ୍ୟାରସର କ୍ଲେକୋର୍ଟରେ ଖେଳାଯାଇଥିଲା। ହସନ ପ୍ରଥମ ଖେଳାଳି ଭାବେ ଲେବାନନରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରଥମ ରାଉଣ୍ଡରେ ସେ ଆମେରିକାର ଖ୍ରୀଷ୍ଟୋଫର ୟୁବ୍ୟାଙ୍କ୍ସଙ୍କୁ ହରାଇ ପ୍ରତିଯୋଗିତାର ଇତିହାସରେ ତାଙ୍କ ଦେଶ ପାଇଁ ପ୍ରଥମ ବିଜୟ ହାସଲ କରିଥିଲେ।

# ଖୋର୍ଦ୍ଧା ଜିଲା ସବ୍-ଜୁନିୟର ବାଳକ, ବାଳିକା ଚେସ୍ ୨୮ରୁ

**ଭୁବନେଶ୍ୱର, ୨୪।୫ (ଅନାଦି କର)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ (କେଡିସିଏ) ପକ୍ଷରୁ ଆସନ୍ତା ୨୮ ଓ ୨୯ ତାରିଖରେ କିଟ୍ ୟୁନିଭରସିଟିସ୍ଥିତ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଖୋର୍ଦ୍ଧା ଜିଲା ସବ୍-ଜୁନିୟର ୧୫ ବର୍ଷରୁ ବାଳକ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ଆୟୋଜନ କରାଯିବ। ଏହି ପ୍ରତିଯୋଗିତା କେବଳ ଖୋର୍ଦ୍ଧା ଜିଲାର ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ। ଓଡ଼ିଶା ଚେସ୍ ଇତିହାସରେ ପ୍ରଥମ ଥର ପାଇଁ କୌଣସି ଜିଲା ରାଜ୍ୟ ବୟସ ବର୍ଗର ଚାମ୍ପିୟନଶିପ୍ ଲାଗି ଖେଳାଳି ଚୟନ କରିବା ପାଇଁ ଜିଲା ସ୍ତରରେ ବୟସ ବର୍ଗର ଚାମ୍ପିୟନଶିପ ଆୟୋଜନ କରୁଛି। ପ୍ରତ୍ୟେକ ବିଭାଗର ଟପ୍ ୪ ଖେଳାଳି ଖୋର୍ଦ୍ଧା ପକ୍ଷରୁ ଓଡ଼ିଶା ରାଜ୍ୟ ସବ୍-ଜୁନିୟର ଅଣ୍ଡର-୧୫ ବାଳକ, ବାଳିକା ଚାମ୍ପିୟନଶିପ୍‌ରେ ଭାଗ ନେବେ। ଉଭୟ ବିଭାଗର ଟପ୍ ୬ ଖେଳାଳିଙ୍କ ଲାଗି ୫ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଅଲ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ଲାଗି ୪୦୦ ଟଙ୍କାର ଏଣ୍ଟ୍ରି ଫି ରଖାଯାଇଛି। ଇଚ୍ଛୁକ ଖେଳାଳିମାନେ କେଡିସିଏ ସଦସ୍ୟ ସ୍ୱୟଂସୁ ସତ୍ୟକାମ, ଡ. ସୁଶାନ୍ତ ଷଡ଼ଙ୍ଗୀ ଓ ଦୀପକ ପାତ୍ରଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# ଲାକ୍ରା ଭାରତୀୟ ଜୁନିୟର ପୁରୁଷ ହକି ଦଳର ସହକାରୀ କୋଚ୍

**ନୂଆଦିଲ୍ଲୀ, ୨୪।୫ (ପି.ଟି.)**

ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତାବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶନିବାର କୁହାଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ।

ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ'ଣ କ'ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୂହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି। ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ।




ବୀରେନ୍ଦ୍ର ଲାକ୍ରା

ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ୍‌ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା। ଲାକ୍ରାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ୨୦୧୨ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୬ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ରହିଛି।

# ଶ୍ରୀକାନ୍ତ ଫାଇନାଲରେ

**କୁଆଲାଲମ୍ପୁର, ୨୪।୫ (ପି.ଟି.)**

ଜାପାନର ୟୁଶି ଟାନାକାଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଭାରତର କିଡ଼ାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୬ବର୍ଷରେ ସେ ପ୍ରଥମ ଥର ଏକ ବିଡବ୍ଲ୍ୟୁଏଫ୍ ଇଭେଣ୍ଟର ଫାଇନାଲକୁ ଉନ୍ନୀତ ହୋଇପାରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୨୦୨୧ ବିଶ୍ୱ ଚାମ୍ପିୟନ ରୌପ୍ୟ ବିଜେତା ତାଙ୍କ ଅଭିଜ୍ଞତାର ଉପଯୋଗ ସହ ଆକ୍ରମଣାତ୍ମକ ପ୍ରଦର୍ଶନ କରି ବିଶ୍ୱର ୨୩ ନମ୍ବର ଖେଳାଳି ଟାନାକାଙ୍କୁ ୨୧-୧୯, ୨୪-୨୨ରେ ପରାସ୍ତ କରିଥିଲେ। ଗତଥର ୨୦୧୯ରେ ଇଣ୍ଡିଆ ଓପନରେ ସେ ଏକ ବିଡବ୍ଲ୍ୟୁଏଫ୍ ଟୁର୍ ଫାଇନାଲରେ ପ୍ରବେଶ କରି ରନର ଅପ୍ ହୋଇଥିଲେ। ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ ଗତ କିଛି ସିଜନ ହେଲା ଫର୍ମ ଓ ଫିଟ୍‌ନେସ ସମସ୍ୟା ଦେଇ ଗତିକରି ଆସୁଥିଲେ। ଗତବର୍ଷ ସେ ବହୁ ମ୍ୟାଚ ଖେଳି ନ ଥିଲେ। ଏବେ କିନ୍ତୁ ସେ ଶାରୀରିକ ଦୃଷ୍ଟିରୁ ଫିଟ୍ ଅନୁଭବ କରୁଛନ୍ତି। ଗତ ମାସରେ ସେ ବହୁ ପରିଶ୍ରମ କରିଛନ୍ତି। ଫଳ ସ୍ୱରୂପ ଦୀର୍ଘଦିନ ପରେ ତାଙ୍କର ପ୍ରଦର୍ଶନ ନେଇ ସେ ସନ୍ତୁଷ୍ଟ ଅଛନ୍ତି। ଶ୍ରୀକାନ୍ତ ପ୍ରଥମ ଭାରତୀୟ ଭାବେ ୨୦୧୭ରେ ୪ଟି ବିଡବ୍ଲ୍ୟୁଏଫ୍ ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲା।

# ବୁଲ୍ସଆଇ ତାଲିମ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୪।୫ (ବିଜୟ ରଣା)**

ନର୍ଥ ଇଷ୍ଟ ଜୋନ୍ ଦୃଷ୍ଟିବାଧିତ ଫୁଟବଲ ଖେଳରେ ଭାଗନେବାପାଇଁ ଓଡ଼ିଶାର ସାମାଜିକ ଅନୁଷ୍ଠାନ 'ବୁଲ୍ସଆଇ' ପକ୍ଷରୁ ୧୮ତାରିଖରୁ ଦୃଷ୍ଟିବାଧିତ ଖେଳାଳିମାନଙ୍କର ତାଲିମ ଶିବିର ଆରମ୍ଭ ହୋଇଥିଲା। ଶନିବାର ଏହାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ଚିନ୍ମୟୀ ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷୀ ଜୈନ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବୁଲ୍ସ ଆଇର ସମ୍ପାଦକ ପିନା ନାୟକ ଓ ରାଜ୍ୟ ଯୁବ ପୁରସ୍କାର ପ୍ରାପ୍ତ ସମାଜସେବୀ ପ୍ରିୟବ୍ରତ ପଣ୍ଡା ପରିଚାଳନା କରିଥିଲେ । 'ବୁଲସଆଇ' ର ଅଧକ ତ୍ରିଲୋଚନ ବେଉରାଙ୍କ ସୂଚନା ଅନୁଯାୟି ଉକ୍ତ ଶିବିରରୁ ଚୟନ ହୋଇଥିବା ଉଭୟ ପୁରୁଷ ଓ ମହିଳା ଦୃଷ୍ଟିବାଧିତ ଫୁଟବଲ ଦଳ ପୁରୀ-କାମାକ୍ଷା ଟ୍ରେନ ଯୋଗେ ଆସାମର ଗୁଆହାଟୀଠାରେ ଆୟୋଜିତ ନର୍ଥଇଷ୍ଟ ଜୋନ ଟୁର୍ନାମେଣ୍ଟ ଖେଳିବା ପାଇଁ ଗସ୍ତ କରିଛି।




କର୍ମକର୍ତ୍ତାଙ୍କ ଗହଣରେ ତାଲିମ ଶିବିରରେ ଭାଗନେଇଥିବା ଦୃଷ୍ଟିବାଧିତ ଖେଳାଳିମାନେ।

# ମହିଳା ସିପକ୍‌ଟାକ୍ର ଦଳକୁ ରୌପ୍ୟ, ପୁରୁଷ ଦଳକୁ ବ୍ରୋଞ୍ଜ ପଦକ

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ**

**ଭୁବନେଶର, ୨୪।୫ (ବିଜୟ ରଣା)**

ଦିଉଠାରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ସିପକଟାକ୍ର ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିବା ବେଳେ ପୁରୁଷ ଦଳ (କ୍ୱାଡରେ) ବ୍ରୋଞ୍ଜ, ମହିଳା (କ୍ୱାଡରେ) ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଦିଉଠାରେ ୧୯ରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଅନ୍ତିମ ଦିବସରେ ଓଡ଼ିଶାର ସିପକଟାକ୍ର ଦଳ ପଦକ ଜିତିବାରେ ସଫଳ ହୋଇଛି। ଓଡ଼ିଶା ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିପକ୍‌ଟାକ୍ର ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲା। ପୁରୁଷ ଦଳରେ ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ ,ଗୁରୁ ମାଝି, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଏବଂ ବୁଲୁ ପାତ୍ର ପ୍ରମୁଖ ସ୍ଥାନ ପାଇଥିବା ବେଳେ ସୁଶାନ୍ତ ଷଡଙ୍ଗୀ ମ୍ୟାନେଜର ଏବଂ ଲଲାଟେନ୍ଦୁ ସ୍ୱାଇଁ ଦଳର କୋଚ ରହିଥିଲେ। ସେହିପରି ମହିଳା ଦଳରେ ଏ. ଶ୍ରାବଣୀ, ସଙ୍ଗିତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଏବଂ ରାଇମଣି ଟୁଡୁ ଖେଳାଳି ଭାବେ ଭାଗ ନେଇଥିବା ବେଳେ ଲକ୍ଷ୍ମୀପ୍ରିୟା ନାୟକ କୋଚ୍ ଏବଂ ସ୍ୱାରିକା ଦାଶ ଟିମ୍ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳର ସଫଳତା ପାଇଁ ଓଡ଼ିଶା କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡ଼ିଶା ସିପକଟାକ୍ର ଦଳର ରାଜ୍ୟ ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ,ବରିଷ୍ଠ ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ପଦକ ବିଜୟୀ ଖେଳାଳିମାନେ।

**ସାପ କାମୁଡ଼ାରେ ମହିଳା ଗୁରୁତର**

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ବାଗଡ଼ିଆ ଥାନା ନୂଆଗାଁ ଗ୍ରାମ ତେଲି ସାହିରେ ଶନିବାର ସାପ କାମୁଡ଼ାରେ ମହେଶ୍ୱର ବେହେରାଙ୍କ ସ୍ତ୍ରୀ ଲଳିତା ବେହେରା ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

# ସର୍ଭେରେ ଅଟକିଛି ସୁରେଶ୍ୱରୀ

- ୨୦୦୪ରେ ଜଳସେଚନ ପ୍ରକଳ୍ପର ଦିଆଯାଇଥିଲା ଶୁଭ
- ୨୧ ବର୍ଷ ପରେ ମଧ ନିର୍ମାଣ ଦିଗରେ ହୋଇନି ଅଗ୍ରଗତି
- ଜୋର୍‌ଦାର ଆନ୍ଦୋଳନ କରିବ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି



ବଇଣ୍ଡା,୨୪।୫(ପରିକ୍ଷିତ ସାହୁ)

ପାହାଡ଼ରୁ ପ୍ରବାହିତ ଝରଣା ପାଣିରେ ହସିବ ଖେତ। ବର୍ଷତମାମ ହେବ ଭଲ ଫସଲ। ଲାଭବାନ ହେବେ ଅନୁଗୋଳ ଜିଲା କିଶୋରନଗର ବ୍ଲକର ୬ ପଞ୍ଚାୟତର ଚାଷୀ। ଏହି ଲକ୍ଷ୍ୟ ରଖି ୨୧ ବର୍ଷ ତଳେ କିଶୋରନଗର ବ୍ଲକ ବାମୁର ପଞ୍ଚାୟତଠାରେ ଥିବା ସୁରେଶ୍ୱରୀ ନାଳ ଉପରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ତତ୍କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ। ହେଲେ ଇତିମଧ୍ୟରେ ୨୧ ବର୍ଷ ବିତିଯାଇଥିଲେ ହେଁ ପ୍ରକଳ୍ପ ନିର୍ମାଣ ହୋଇପାରି ନାହିଁ। ଏ ନେଇ ଦୀର୍ଘବର୍ଷ ହେଲା ଚାଷୀମାନେ ଦାବି, ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ସୁରେଶ୍ୱରୀ ପ୍ରକଳ୍ପ କେବଳ ସର୍ଭେ ଓ କିଛି କେନାଲ କାର୍ଯ୍ୟରେ ଅଟକିଯାଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ପୁନର୍ବାର ଜୋର୍‌ଦାର ଆନ୍ଦୋଳନ କରିବାକୁ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟିର କହିବା ଅନୁଯାୟୀ, କୃଷି ବହୁଳ କିଶୋରନଗର ବ୍ଲକର ସୁରେଶ୍ୱରୀ ନାଳ ଉପରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରିବା ପାଇଁ ୨୦୦୪ ଫେବୃଆରୀ ୨୦ରେ ବାମୁର ପଞ୍ଚାୟତ କାନ୍ତଆମ୍ବତଇଲାଠାରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ମଙ୍ଗଳା କିଷାନ ଶୁଭ ଦେଇଥିଲେ। ଏହାପରେ କିଶୋରନଗର ବ୍ଲକରେ ପ୍ରଥମ କରି ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ୧୭ ଜୁଲାଇ ୨୦୦୫ରେ ୬ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଅର୍ଥରୁ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରକଳ୍ପ ପାଇଁ ସର୍ଭେ କରାଗଲା। ପରେ ୨୦୦୯ରେ କିଶୋରନଗର ବରପଡ଼ିଆଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ଖୁବ୍‌ଶୀଘ୍ର ନିର୍ମାଣ ହେବ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ପ୍ରକଳ୍ପ କ୍ଷେତ୍ରରେ କୌଣସି ଅଗ୍ରଗତି ହେଲାନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେଲେ ବାମୁର, ଜଏରାଟ, ଓସ୍କାପାଲି, ଧଉରାପାଲି, କଦଳୀମୁଣ୍ଡା, ରଣିଆକଟା ପଞ୍ଚାୟତର ୩୪ଟି ଗ୍ରାମର ୧୦ ହଜାର ଏକର ଚାଷ ଜମିକୁ ପାଣି ମାଡ଼ିପାରିବ। କିନ୍ତୁ ଏହା ଚାଷୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ପ୍ରକଳ୍ପ ନିର୍ମାଣ ପାଇଁ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ୨୦୧୦ ଏପ୍ରିଲ ୧୦ରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ବହୁବାର ବ୍ଲକ, ତହସିଲ ଅଫିସ, ଉପଜିଲାପାଳ ଅଫିସ, ଜିଲାପାଳ ଅଫିସ ଓ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରାଯାଇଥିବା ବେଳେ ସୁଫଳ ମିଳିନାହିଁ। ପରେ ୬ ପଞ୍ଚାୟତର ଚାଷୀମାନେ କିଶୋରନଗର ବ୍ଲକ ସମ୍ମୁଖରେ ୨୦୧୯ ଅକ୍ଟୋବର ୨୧, ୨୨ ଓ ୨୩ରେ ଅହୋରାତ୍ର ଧାରଣା ଦେବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ କିଛି କେନାଲ କାର୍ଯ୍ୟ କରାଯାଇଥିବା ବେଳେ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇନାହିଁ। ତେଣୁ ପୁନର୍ବାର ଜନ ସମାବେଶ ମାଧ୍ୟମରେ ଆନ୍ଦୋଳନ କରାଯିବ ବୋଲି ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରକଳ୍ପ ନିର୍ମାଣ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।

### ଜନପ୍ରତିନିଧି, ପ୍ରଶାସନର ଆନ୍ତରିକତା ଅଭାବ



ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ କିଶୋରନଗର ବ୍ଲକ ଅଞ୍ଚଳର ଚାଷୀଙ୍କ ଉନ୍ନତି ହେବ। ତେବେ ଜନପ୍ରତିନିଧି ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ଏହି ପ୍ରକଳ୍ପ ନିର୍ମାଣ ହୋଇପାରୁନାହିଁ। ତୁରନ୍ତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ।

-ଦୀନବନ୍ଧୁ ପ୍ରଧାନ, କମିଟି ସଭାପତି

### ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଛି



ପ୍ରତ୍ୟେକ ବର୍ଷ ଏହି ପ୍ରକଳ୍ପ ପାଇଁ କମିଟି ପକ୍ଷରୁ ଆନ୍ଦୋଳନ କରାଯାଉଛି। ପ୍ରଶାସନିକ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ପରେ ସେହି ପ୍ରତିଶ୍ରୁତି ପାଳନ କରାଯାଉ ନାହିଁ।

-ତୀର୍ଥବାସୀ ଭୋଇ, କମିଟି ସଦସ୍ୟ

### କୃଷିର ବିକାଶ ପାଇଁ ଗୁରୁତ୍ୱ ଦିଆଯାଉ ନାହିଁ



ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ପାଇଁ ଦୀର୍ଘ ୧୫ ବର୍ଷ ହେବ ଆନ୍ଦୋଳନ କରାଯାଉଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ପୂର୍ବ ସରକାର ମଞ୍ଜୁର କରିଥିବା ୬ କୋଟି ଟଙ୍କା ମଧ୍ୟରୁ ସର୍ଭେରେ ୨ କୋଟି ଖର୍ଚ୍ଚ ହୋଇଛି। କୃଷିର ବିକାଶ ପାଇଁ କେହି ଗୁରୁତ୍ୱ ଦେଉନାହାନ୍ତି।

-ରମଣୀ ରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ

### ପ୍ରକଳ୍ପ ହେଲେ ଅଧିକ ଧାନ ଚାଷ ହେବ



ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ କିଶୋରନଗରରେ ଅଧିକ ଧାନ ଚାଷ ହେବ। ଲୋକେ ବର୍ଷତମାମ ଏହି ଚାଷ କରିପାରିବେ। ଏହି ପ୍ରକଳ୍ପ ପାଇଁ ସରକାର ବହୁ ବର୍ଷ ତଳେ ଚିନ୍ତା କରିଥିଲେ ମଧ୍ୟ ତାହା ହୋଇପାରୁନାହିଁ।

-ସଞ୍ଜୀବ କୁମାର ପ୍ରଧାନ, ବାମୁର ସରପଞ୍ଚ

## ତାଳଚେରରେ ଅପରେଶନ ସିନ୍ଦୂରର ବିଜୟ ବାର୍ତ୍ତା

ତାଳଚେର,୨୪।୫ (ମନୋଜ ନନ୍ଦ)

ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ଏବଂ ସଫଳତା ପରିପ୍ରେକ୍ଷୀରେ ଅନୁଗୋଳ ଜିଲା ପ୍ରଶାସନ ତଥା ଅନୁଗୋଳ ଜିଲା ପୂର୍ବ ସୈନିକ ସଂଘ (ଏଡିଭି) ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ତାଳଚେର ଉପଖଣ୍ଡର ଶତାଧିକ ଅବସରପ୍ରାପ୍ତ ସୈନିକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସହସ୍ରାଧିକ ସଦସ୍ୟ ସାମିଲ ହୋଇ ଭାରତୀୟ ସେନାର ପରାକ୍ରମତା ତଥା ଅଦମ୍ୟ ସାହସର ଗୁଣଗାନ କରିଥିଲେ। ଏହି ତ୍ରିରଙ୍ଗା ପଦଯାତ୍ରାରେ ଅନୁଗୋଳ ଡିଫେନ୍ସ ଭେଟେରାନ ଆସୋସିଏଶନ ସଭାପତି ଅନିଲ କୁମାର ମହାନ୍ତି, ତାଳଚେର ଇନ୍‌ଚାର୍ଜ ପଙ୍କଜ ଲୋଚନ ଆୟଚ, ଦେବେନ୍ଦ୍ର ସାହୁ, ଆଦିତ୍ୟ ମହାନ୍ତି, ମଧୁସୂଦନ ମହାନ୍ତି ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ।

## ପ୍ରଶାନ୍ତ କଣିହାଁ ବ୍ଲକ ବିଜେଡି ସଭାପତି

ପବିତ୍ରନଗର,୨୪।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବିଜେଡିର ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁଙ୍କ ନାମ ଶନିବାର ଘୋଷଣା ହୋଇଛି। ଏ ନେଇ ରାଜ୍ୟ ବିଜୁ ଜନତା ଦଳ ତରଫରୁ ଘୋଷଣାପତ୍ର ଜାରି ହୋଇଛି। ଏଥିସହିତ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅଧୀନ କଣିହାଁ ବ୍ଲକର ୧୯ଟି ପଞ୍ଚାୟତ ପାଇଁ ବିଜେଡି ସଭାପତିଙ୍କ ନାମ ମଧ୍ୟ ପ୍ରକାଶ ପାଇଛି। ଡେରଙ୍ଗ ପଞ୍ଚାୟତ ସଭାପତି ଭାବେ ପୁରୁଷୋତ୍ତମ ସାହୁ, କାକୁଡ଼ିଆର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ହରିହରପୁର ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ହନୁମାନପୁର ଶିଶିର କୁମାର ବେହେରା, ଦଳକର ଜୟନ୍ତ କୁମାର ପ୍ରଧାନ, ବାଲିପଶି ପାଇଁ କରୁଣାକର ପ୍ରଧାନ, କୁଲୁମାର ମହାର୍ଗା ସ୍ୱାଇଁ, କୁଲେଇର ସତ୍ୟାନନ୍ଦ ଗଡ଼ନାୟକ, ବିରୁ ପଞ୍ଚାୟତର ଅବନୀକାନ୍ତ ଦେହୁରୀ, ବୁରୁକୁନାର ତପନ କୁମାର ବେହେରା, କର୍ଣ୍ଣପାଳର ଦେବରାଜ ପ୍ରଧାନ, ପରାବିଲର ବିରଞ୍ଚି ନାରାୟଣ ସାହୁ, ସୁସୁବାର ଅଭିମନ୍ୟୁ ପ୍ରଧାନ, ବଜ୍ରକୋଟର ହୃଦାନନ୍ଦ ମହାନ୍ତି, ରେଙ୍ଗାଳିର ପ୍ରଜ୍ଞାବିର ଦାସ, ଗଣ୍ଡମାଳାର ଗିରିଶ ଚନ୍ଦ୍ର ସାହୁ, ତାଳପଦାର ପ୍ରତାପ ଚନ୍ଦ୍ର ବେହେରା, ଅର୍କିଳୀର ଶିବ ପ୍ରସାଦ ବେହେରା, ସମଲର ଭବେଶ ପ୍ରଧାନ ପ୍ରମୁଖଙ୍କ ନାମ ପଞ୍ଚାୟତ ବିଜେଡି ସଭାପତି ଭାବେ ଘୋଷଣା ହୋଇଛି। ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ଏ ନେଇ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଜିଲା ନିର୍ବାଚନ ଅଧିକାରୀ, ପୂର୍ବତନ ବିଧାୟକ ମୁକେଶ ପାଳ, ଜିଲା ସଭାପତି ତଥା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ ଧାନକ୍ରୟ କେନ୍ଦ୍ରର ଭୂମିପୂଜନ



ସନ୍ନିଛକ,୨୪।୫(ସନ୍ତୋଷ ପରିଡା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନୂଆହତା ସମବାୟ ସମିତି ଠାରେ ଧାନକ୍ରୟ କେନ୍ଦ୍ରର ଭୂମି ପୂଜନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା। ନୂତନ ଧାନକ୍ରୟ କେନ୍ଦ୍ରଟି ୪୩ ଲକ୍ଷ ୬୬ ହଜାର ଟଙ୍କାରେ ନିର୍ମାଣ ହେବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ଗୋପାଳ ନାଏକ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ସମିତି ସଭ୍ୟା ଅଞ୍ଜଳି ଦଳବେହେରା, ସମବାୟ ସମିତି ସଭାପତି ଗତିକୃଷ୍ଣ ସିଂହ, ସମବାୟ ସମିତି ସମ୍ପାଦକ ବିଶ୍ୱନାଥ ମହାଳିକ, ଦିଲୀପ କୁମାର ରାଉତ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଏବଂ ଯନ୍ତ୍ରୀ, ଦଳୀୟ ନେତୃବୃନ୍ଦ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ସେହିପରି ଗଡ଼ସନ୍ତ୍ରୀ ସମବାୟ ସମିତି ଧାନକ୍ରୟ କେନ୍ଦ୍ରର ଭୂମି ପୂଜନ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା। ଏହି ଭୂମି ପୂଜନରେ ପ୍ଲାଣ୍ଟୁ ଗଡ଼ନାୟକ, ସୁଶୀଲ ବାରିକ, ସୁଶୀଲ ମାଝୀ, ଚିକୁନୁ ମାଝୀ, ପବିତ୍ର ମାଝୀ, ବିଦ୍ୟାଧର ମାଝୀ, ମାର୍କଣ୍ଡ ନାୟକ, ମିହିର ଗଡ଼ନାୟକ, ସମୀୟା ବେହେରା, ବସନ୍ତ ବିଶ୍ୱାଳ, ମଦନ ସାହୁ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଜିଲା ପରିଷଦ ସଦସ୍ୟ ଗୋପାଳ ନାଏକ, ବଳିଆ ମାଝୀ, ଅଜୟ ବେହେରା, ଅମୂଲ୍ୟ ମାଝୀ, ନରି ସାହୁ, ଅମରେନ୍ଦ୍ର ଭୁକ୍ତା, ଅଜିତ୍ ଭୋଇ, ପତିତପାବନ ମାଝୀ, ସମ୍ପାଦକ ଅରମିତି ମାଝୀ ପ୍ରମୁଖ ଯୋଗଦେଇଥିଲେ।

## ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଚିଠି ଲେଖିଲେ ବିଧାୟକ

ବଇଣ୍ଡା,୨୪।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବଇଣ୍ଡା କଲେଜ ନିକଟରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଶୁକ୍ରବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଜାତୀୟ ରାଜପଥ ସମ୍ବଲପୁରସ୍ଥିତ କାର୍ଯ୍ୟାଳୟ ଡିଜିଏମ୍‌ଙ୍କୁ ଚିଠି ଲେଖିଛନ୍ତି। ବିଧାୟକ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ଉପଖଣ୍ଡର ବଇଣ୍ଡା ଜନତା ମହାବିଦ୍ୟାଳୟକୁ ଦୈନିକ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢିବାକୁ ଆସୁଛନ୍ତି। ଏହି ରାଜପଥ ୪ ଲେନ୍ ନିର୍ମାଣ ହୋଇଥିବାରୁ ଛାତ୍ରୀଛାତ୍ରଙ୍କୁ ରାସ୍ତା ପାରିହେବାରେ ଅସୁବିଧା ସୃଷ୍ଟି ହେଉଛି। ବସ୍‌ରେ ଯାତାୟାତ କରୁଥିବା ୬୦ ପ୍ରତିଶତ ଛାତ୍ରୀଛାତ୍ର କଲେଜ ସମ୍ମୁଖରେ ବସ୍‌ରୁ ଓହ୍ଲାଇ ରାଜପଥ ପାରି ହୋଇ କଲେଜକୁ ଯାଉଛନ୍ତି। ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ରାସ୍ତା ମଝିରେ ବାଡ଼ ନିର୍ମାଣ କରାଯାଉଥିବାରୁ ଉଭୟ ପଟରୁ କଲେଜକୁ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଛାତ୍ରୀଛାତ୍ର ବସ୍ ଧରିବା ଓ କଲେଜକୁ ଆସିବାରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ବଇଣ୍ଡା କଲେଜ ନିକଟରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ସହ ଉଭୟ ପାର୍ଶ୍ୱରେ ସର୍ଭିସ୍ ରାସ୍ତା ନିର୍ମାଣ ପାଇଁ ବିଧାୟକ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି। ଏ ନେଇ ମହାବିଦ୍ୟାଳୟ ପକ୍ଷରୁ ମଧ୍ୟ ଚିଠି ନମ୍ବର ୮୦୪/ ୧୮/୧୨/୨୦୨୪ରେ ପୂର୍ବରୁ ଜାତୀୟ ରାଜପଥ ବିଭାଗକୁ ଅବଗତ କରାଯାଇଥିଲା।

## ବିଧାୟକ, ବିଜେଡି ତାଳଚେରବାସୀଙ୍କୁ କ୍ଷମା ମାଗନ୍ତୁ

ତାଳଚେର,୨୪।୫ (ମନୋଜ ନନ୍ଦ)

**କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗରେ କାଳନ୍ଦୀଙ୍କ ଦାବି**


କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ସହ ତାଳଚେରବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ତେବେ କେନ୍ଦ୍ରୀୟ ବିଦ୍ୟାଳୟ ଏଠାରେ କରାଇ ନ ଦେବା ପାଇଁ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ଅତୀତର ବିଜେଡି ସରକାର ଷଡ଼ଯନ୍ତ୍ର କରିଥିବା ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ ଅଭିଯୋଗ କରିଛନ୍ତି। ଏପରିକି ଏହି ଷଡ଼ଯନ୍ତ୍ର ପାଇଁ ତାଳଚେରବାସୀଙ୍କ ନିକଟରେ ବିଜେଡି, ତାଳଚେର ବିଧାୟକ କ୍ଷମା ମାଗନ୍ତୁ ବୋଲି କାଳନ୍ଦୀ ଦାବି କରିଛନ୍ତି।

ଏକ ପ୍ରେସ୍ ବିବୃତିରେ କାଳନ୍ଦୀ କହିଛନ୍ତି, ତାଳଚେରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୀର୍ଘବର୍ଷ ଧରି ତତ୍କାଳୀନ ବିଜେଡି ସରକାର ଏବଂ ଜିଲାପାଳଙ୍କୁ ଜମି ପ୍ରଦାନ ପାଇଁ ବାରମ୍ବାର ଚିଠି ଲେଖି ଅନୁରୋଧ କରିଥିଲେ। ହେଲେ ପୁରୁଣା ଯୁବରାଜ ହାଇସ୍କୁଲରେ ଜମି ଥିବା ସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର, ତାଳଚେର ବିଧାୟକ ଏବଂ ପୂର୍ବତନ ଏମ୍‌ପି ଚକ୍ରାନ୍ତ କରି କେନ୍ଦ୍ରୀୟ ବିଦ୍ୟାଳୟ କରାଇ ଦେଉ ନ ଥିଲେ। ଏବେ ରାଜ୍ୟରେ ସରକାର ବଦଳିଛି। ଭାଜପା ସରକାର ସମୟରେ ପୁରୁଣା ଯୁବରାଜ ହାଇସ୍କୁଲରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ ହୋଇଛି। ଯଦି ଯୁବରାଜ ହାଇସ୍କୁଲରେ ଜମି ନ ଥିଲା, ଏବେ ପୁଣି ଜମି ସେହି ସ୍ଥାନରେ କେଉଁଠୁ ଆସିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଚକ୍ରାନ୍ତ କରି ପ୍ରଶାସନକୁ ଲଗାଇ କେନ୍ଦ୍ରୀୟ ବିଦ୍ୟାଳୟ ତାଳଚେରରେ ନ କରାଇବା ପାଇଁ ବିଜେଡି ଓ ତାଳଚେର ବିଧାୟକ କରିଥିବା ଷଡ଼ଯନ୍ତ୍ରର ଆଜି ପର୍ଦ୍ଦାଫାଶ ହୋଇଛି। ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ ହୋଇଥିଲେ ୫ ବ୍ୟାଚ ପିଲା ଏଠାରେ ପାଠ ପଢି ସାରନ୍ତେଣି। ୫ ବର୍ଷ ପରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲୁଛି। ଏହି ବିଳମ୍ବ ପାଇଁ ବିଜେଡି ଦାୟୀ। ତେଣୁ ବିଜେଡି ଓ ତାଳଚେର ବିଧାୟକ କ୍ଷମା ମାଗନ୍ତୁ ବୋଲି ବରିଷ୍ଠ ଭାଜପା ନେତା ସାମଲ ଦାବି କରିଛନ୍ତି।

## ବିଦ୍ୟୁତ୍ ଆଘାତ ଲାଗି ଜଣେ ମୃତ

ଛେଣ୍ଡିପଦା,୨୪।୫(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ସିତରା ସାହିରେ ବିଦ୍ୟୁତ୍ ଆଘାତ ଲାଗି ରତ୍ନା ବେହେରାଙ୍କ ପୁଅ ବବିଦ୍ୱୟ ବେହେରା(୨୦)ଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବବିଦ୍ୱୟ ଘରେ ବସି ଫ୍ୟାନ୍ ସଜାଡୁଥିବାବେଳେ ହଠାତ୍ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ନମ୍ବର ୮/୨୫ରେ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଆଠମଲ୍ଲିକଠାରେ ଶନିବାର ଅସ୍ତଗାମୀ ସୂର୍ଯ୍ୟ।

## ସ୍କୁଲ ଯିବା ରାସ୍ତାରେ ଟଳିପଡ଼ିଲେ ଶିକ୍ଷକ

ପବିତ୍ରନଗର,୨୪।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରି ଡାକେଶ୍ୱରୀ ବାଳିକା ବିଦ୍ୟାଳୟର ଶିକ୍ଷକ ବୁରୁକୁନା ପଞ୍ଚାୟତ କୁଲାପାଳ ଗ୍ରାମର ଦୁଷ୍ମନ୍ତ କୁମାର ମିଶ୍ର(୪୯)ଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ଦୁଷ୍ମନ୍ତ ସ୍କୁଲ ଯାଉଥିବା



ସମୟରେ କୁଲେଇ ନିକଟରେ ଜଣକୁ ଅପେକ୍ଷା କରିଥିଲେ। ତେବେ ହଠାତ ସେ ଅସୁସ୍ଥ ଅନୁଭବ କରିବା ସହ ସେଠାରେ ଟଳି ପଡିଥିଲେ। ତାଙ୍କୁ ତୁରନ୍ତ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଷ୍ମନ୍ତଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ସହ ମେଳାପୀ, ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଥିଲେ।

## ନିଜସ୍ୱ ପରିଚୟ ସୃଷ୍ଟି ପାଇଁ ଚରିତ୍ର ଗଠନ ଜରୁରୀ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଆଠମଲ୍ଲିକ,୨୪।୫ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ କଲେଜ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ମାଟ୍ରିକ ପରୀକ୍ଷାରେ ସଫଳତା ପାଇଥିବା ମେଧାବୀ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର କୁମାର ଲୁହା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶଶାଙ୍କ ଶେଖର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ନନ୍ଦ କିଶୋର ମହାକୁଡ଼, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଏବିଭିପି ଜିଲା ସଭାପତି ଅବିନାଶ ଦୁବେ ପ୍ରମୁଖ ଯୋଗଦେଇ ଚରିତ୍ରବାନ, ମାର୍ଜିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଉପସ୍ଥିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୩୩ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଭିପିର ଅନୁଗୋଳ ଜିଲା ସଙ୍ଗଠନର ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ସଂଯୋଜକ ଆଶିଷ କୁମାର ବେହେରା, ରାଜ୍ୟ ସିଡିଡି ସହସଂଯୋଜକ ଉମେଶ ବାଘ, ସମ୍ବିତ ମିଶ୍ର, ଅଖିଳେଶ ଦନ୍ତା, ସଂଗ୍ରାମ କର୍ଣ୍ଣ, ଅସିତ ପ୍ରଧାନ, ସୌମ୍ୟ ରଞ୍ଜନ ପେରା, ରାହୁଲ ଦାଶ, ଜସ୍ମିନ ପ୍ରଧାନ, ରିଙ୍କିତା ପ୍ରଧାନ, ସ୍ୱାଗତିକା ପ୍ରଧାନଙ୍କ ସମେତ ଏବିଭିପିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ନଗର ସମ୍ପାଦକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀ ଆକ୍ରମଣରେ ୨ ମଇଁଷି ମୃତ, ୫ କ୍ଷତାକ୍ତ



ବନ୍ତଳା,୨୪।୫ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ବନଖଣ୍ଡ ମଧୁପୁର ଗାଁରେ ଶନିବାର ହାତୀ ଆକ୍ରମଣରେ ୨ ମଇଁଷିର ମୃତ୍ୟୁ ହୋଇଥିଲାବେଳେ ୫ ମଇଁଷି କ୍ଷତାକ୍ତ ହୋଇଥିବା ଜଣାପଡ଼ିଛି। ଭୋର ୪ଟା ବେଳେ ମଧୁପୁର ଗାଁର ବନମାଳି ପ୍ରଧାନ ମଇଁଷି ଗୋଠକୁ ଅଚାନକ ଏକ ଦନ୍ତାହାତୀ ପଶିଆସିଥିଲା। ଗୋଠରେ ୪୦ଟି ମଇଁଷି ବନ୍ଧାହୋଇ ଥିବାବେଳେ ହାତୀ ଆକ୍ରମଣରେ ୨ଟି ମଇଁଷିର ମୃତ୍ୟୁ ହୋଇଥିଲା। ଅନ୍ୟ ୫ଟି ମଇଁଷି ଖଣ୍ଡିଆଖାବରା ହୋଇଥିଲେ। ଭୟରେ ଅନ୍ୟ ମଇଁଷି ପଘା ଛିଡ଼ାଇ ପଳାୟନ କରିଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତାକ୍ତ ମଇଁଷିମାନଙ୍କ ଚିକିତ୍ସା କରାଇବା ସହ ମୃତ ମଇଁଷି ୨ଟିର ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଥିଲେ। ବନ୍ତଳା ବନପାଳ ପ୍ରଶନ୍ନ କୁମାର ସାହୁ ମଇଁଷି ଚାଷୀଙ୍କୁ ସମବେଦନା ଜଣାଇ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କ୍ଷତାକ୍ତ ମଇଁଷି ସୁସ୍ଥ ହେବା ପର୍ଯ୍ୟନ୍ତ ବିନାମୂଲ୍ୟରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କହିଥିଲେ।




# ଇଂଲଣ୍ଡ ଟୁର: ଭାରତୀୟ ଟେଷ୍ଟ ଦଳ ଘୋଷଣା

**ମୁମ୍ବାଇ,୨୪।୫(ପି.ଟି.)**

ଷ୍ଟାର ଯୁବ ବ୍ୟାଟର ଶୁବମନ ଗିଲଙ୍କୁ ଶନିବାର ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ଦିଆଯାଇଛି। ଆସନ୍ତା ମାସ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଗିଲଙ୍କ ନେତୃତ୍ୱରେ ୧୮ ଜଣିଆ ଅନଭିଜ୍ଞ ଦଳ ଘୋଷଣା କରାଯାଇଛି। ଉଇକେଟ କିପର ରିଷଭ ପନ୍ତଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି।

୨୦୨୦ରେ ପଦାର୍ପଣ କରିଥିବା ଗିଲ୍ ଏପର୍ଯ୍ୟନ୍ତ ୩୨ ଟେଷ୍ଟ ଖେଳି ୩୫ ଆଭରେଜରେ ୧,୮୯୩ ରନ କରିଛନ୍ତି। ଏଥିରେ ୫ ଶତକ ଓ ୭ ଅର୍ଦ୍ଧଶତକ ରହିଛି। ସେହିଭଳି ୨୦୧୮ରେ ପଦାର୍ପଣ କରିଥିବା ୨୭ ବର୍ଷୀୟ ପନ୍ତଙ୍କ ନିକଟରେ ଗିଲଙ୍କଠାରୁ ଅଧିକ ଅଭିଜ୍ଞତା ରହିଛି। ସେ ୪୩ ଟେଷ୍ଟରେ ୪୨.୧୧ ଆଭରେଜରେ ୬ ଶତକ ଓ ୧୫ ଅର୍ଦ୍ଧଶତକ ସହିତ ୨,୯୪୮ ରନ କରିଛନ୍ତି।

ଭାରତୀୟ ଟେଷ୍ଟ ଦଳରେ ଅଭିଜ୍ଞ ପେସର ମହମ୍ମଦ ଶାମିଙ୍କୁ ସ୍ଥାନ ମିଳିନାହିଁ। ସେ ଏବେ ଲମ୍ବା ଟେଷ୍ଟ ସିରିଜ୍ ଲାଗି ଯଥେଷ୍ଟ ଫିଟ୍ ନ ଥିବା ଅଗରକର କହିଛନ୍ତି। ଭାରତୀୟ ଦଳରେ ବାମହାତୀ ଯୁବ ବ୍ୟାଟର ବି ସାଇ ସୁଦର୍ଶନ ଓ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ପ୍ରଥମ ଥର ପାଇଁ ସ୍ଥାନ ମିଳିଛି। ଏ ସମ୍ପର୍କରେ ଅଗରକର ପ୍ରକାଶ କରିଛନ୍ତି ଯେ, ସାଇଙ୍କୁ ଆଇପିଏଲ୍ ପ୍ରଦର୍ଶନ ଆଧାରରେ ଚୟନ କରାଯାଇ ନାହିଁ। ତାଙ୍କ ପାଖରେ ଶୀର୍ଷ ସ୍ତରର କ୍ରିକେଟରେ ସଫଳ ହେବା ପାଇଁ ଉଚିତ ଟେମ୍ପରାମେଣ୍ଟ ରହିଥିବା ଦେଖାଇଛନ୍ତି। ଆମେ ତାଙ୍କ ଉପରେ କିଛି ସମୟ ହେଲା ନଜର ରଖିଥିଲୁ। ସୁଦର୍ଶନ ଚଳିତ ଆଇପିଏଲରେ ଗୁଜରାଟ ଟାଇଟନ୍ସ ପାଇଁ ଏପର୍ଯ୍ୟନ୍ତ ୧୩ ମ୍ୟାଚ୍‌ରେ ୫୩ ଆଭରେଜରେ ସର୍ବାଧିକ ୬୩୮ ରନ କରିଛନ୍ତି। ସୁଦର୍ଶନଙ୍କ ଭଳି ଅର୍ଶଦୀପ ସିଂଙ୍କ ପାଖରେ କାଉଣ୍ଟି କ୍ରିକେଟର ଖେଳିବାର ଅଭିଜ୍ଞତା ରହିଛି।

୩୪ ବର୍ଷୀୟ ସିନିୟର ବ୍ୟାଟର କରୁନ ନାୟର ୮ ବର୍ଷ ପରେ ଭାରତୀୟ ଦଳକୁ ଫେରିଛନ୍ତି। ସେ ଅନ୍ତିମ ଥର ୨୦୧୭ରେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଭାରତ ପାଇଁ ଟେଷ୍ଟରେ ଦ୍ୱିତୀୟ ବ୍ୟାଟର ଭାବେ ତ୍ରିଶତକ ହାସଲ କରିବା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା।

ଗିଲ୍‌ଙ୍କ ବ୍ୟତୀତ ଯଶପ୍ରୀତ ବୁମରା ନେତୃତ୍ୱ ଦୌଡ଼ରେ ଥିଲେ। କିନ୍ତୁ ତାଙ୍କ ଫିଟନେସ ସମସ୍ୟା ରହିଥିବାରୁ ଗିଲ୍‌ଙ୍କୁ ଅଗ୍ରାଧିକାର ଦିଆଯାଇଛି। ବୁମରାଙ୍କ ସମ୍ପର୍କରେ ଅଗରକର କହିଛନ୍ତି, ମୋ ମତରେ ସେ ସମସ୍ତ ୫ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ। ଫିଜିଓ ଓ ଡକ୍ଟରମାନେ ଦେଇଥିବା ପରାମର୍ଶ ଆଧାରରେ ସେ ୩ରୁ ୪ ମ୍ୟାଚ୍ ଖେଳିପାରନ୍ତି। ସିରିଜ୍ ଆଗକୁ ବଢ଼ିବା ସହ ତାଙ୍କ ଶରୀର କାର୍ଯ୍ୟବୋଝ କେଉଁ ଭଳି ଗ୍ରହଣ କରୁଛି, ଆମେ ତାହା ଦେଖିବୁ। କହିବା ଦରକାର ନାହିଁ ଯେ, ସେ ଆମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ଟେଷ୍ଟ ଦଳ: ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମିନ୍ୟୁ ଈଶ୍ୱରନ, କରୁନ ନାୟର, ନୀତିଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ ଓ କୁଳଦୀପ ଯାଦବ।


ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ।

## ଗିଲ୍ ଅଧିନାୟକ, ଶାମି ଅନଫିଟ୍, ସୁଦର୍ଶନ-ଅର୍ଶଦୀପ ନୂଆ ମୁହଁ

# ଖାଲିସ୍ଥାନ ପୂରଣ କରିବା କଷ୍ଟକର: ଅଗରକର


ଖବରଦାତା ସମ୍ମିଳନୀରେ ଅଜିତ ଅଗରକର(ଡାହାଣ) ଓ ଶିବ ସୁନ୍ଦର ଦାସ।

**ମୁମ୍ବାଇ,୨୪।୫(ପି.ଟି.)**

ଟେଷ୍ଟ କ୍ରିକେଟରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅବସର ଯୋଗୁ ସୃଷ୍ଟି ହୋଇଥିବା ଖାଲି ସ୍ଥାନ ପୂରଣ କରିବା କଷ୍ଟକର। କିନ୍ତୁ ଏହା ଅନ୍ୟ ଖେଳାଳିଙ୍କ ଲାଗି ଏକ ସୁଯୋଗ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ରୋହିତ ପ୍ରଥମେ ମେ ୭ ତାରିଖରେ ଅବସର ଘୋଷଣା କରିବା ପରେ କୋହଲି ୧୨ ତାରିଖରେ ଲମ୍ବା ଫର୍ମାଟକୁ ଅଲବିଦା କରିଥିଲେ।

ଯେତେବେଳେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳି ଅବସର ନିଅନ୍ତି, ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର ହୁଏ। କିନ୍ତୁ ଏହା ଅନ୍ୟ ଖେଳାଳିଙ୍କ ଲାଗି ସୁଯୋଗ। କୋହଲି ଏପ୍ରିଲ ଆରମ୍ଭରୁ ବିସିସିଆଇକୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ। ସେ ନିଜ ପାଇଁ ଯେଉଁ ମାପଦଣ୍ଡ ଧାର୍ଯ୍ୟ କରିଥିଲେ, ସେହି ଅନୁଯାୟୀ ପ୍ରଦର୍ଶନ କରିପାରିବେ ନାହିଁ ବୋଲି ଚିନ୍ତା କରିଥିଲେ। ଏଣୁ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ। କହିବା ଦରକାର ନାହିଁ ଯେ, ରୋହିତ ଦଳର ନେତୃତ୍ୱ ନେଉଥିଲେ। ସେମାନେ ପଛରେ ସେମାନଙ୍କ ଲିଗାସି ଛାଡ଼ି ଯାଇଛନ୍ତି। ଗତ ଦୁଇ ମାସ ହେଲା ମୁଁ ସେମାନଙ୍କ ସହ ଯୋଗାଯୋଗରେ ଥିଲି ବୋଲି ଅଗରକର କହିଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ